ବର୍ଷ 1, ସଂଖ୍ୟା 23

ନ୍ୟୁ ଇଣ୍ଡିଆ

ସମାଚାର

ଜୁନ 1-15, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

ପରିବେଶ ସୁରକ୍ଷା
ବଞ୍ଚି ରହିବା ପାଇଁ ଜରୁରୀ

ଯେକୌଣସି ପ୍ରକାର ବିପର୍ଯ୍ୟୟ ସମୟରେ ପ୍ରକୃତି ହିଁ ଆମ ସୁରକ୍ଷାର ଏକମାତ୍ର ମାଧ୍ୟମ, ଏହି ଶିକ୍ଷା ଆମକୁ କୋଭିଡ ମହାମାରୀ ଠାରୁ ମିଳିଛି। ପ୍ରକୃତି ଆମକୁ ସବୁକିଛି ଦେଇଥାଏ। ତେଣୁ ଆମେ ମଧ୍ୟ ପ୍ରତିଦାନ ଦେଇ ଶିଖିବା ଉଚିତ୍।

ରକ୍ତ ଦାନ

ବିଶ୍ୱ ରକ୍ତଦାତା ଦିବସ ଜୁନ 14



ଜୁନ 14-ନୋବେଲ ପୁରସ୍କାର ବିଜେତା କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଜୟନ୍ତୀ ଯିଏକି ମଣିଷ ରକ୍ତର ତିନୋଟି ମୁଖ୍ୟ ଗ୍ରୁପ -ଏ, ବି ଏବଂ ଓ' କୁ ଚିହ୍ନଟ କରିଥିଲେ। ତାଙ୍କର ଜନ୍ମଦିବସକୁ ରକ୍ତଦାତା ଦିବସ ଭାବେ ପାଳନ କରାଯାଇଥାଏ।

ମୁଖ୍ୟ ରକ୍ତ ଗ୍ରୁପଗୁଡ଼ିକର ଆବିଷ୍କାର କରାଯିବା ପୂର୍ବରୁ ବ୍ଲଡ ଗ୍ରୁପର ପ୍ରକାର ନଜାଣି ରକ୍ତ ଦାନ କରାଯାଉଥିଲା। ସେ ତାଙ୍କର ଆବିଷ୍କାର ନିମନ୍ତେ 1930ରେ ନୋବେଲ ପୁରସ୍କାର ପାଇଥିଲେ।

4 ପ୍ରତିବର୍ଷ ଭାରତ 4 କୋଟି ୟୁନିଟ୍ ରକ୍ତ ଆବଶ୍ୟକ କରିଥାଏ।

ରକ୍ତଦାନ ସବୁଠୁ ମହତ ଦାନ, ମାନବ ରକ୍ତର କୌଣସି ବିକଳ୍ପ ନାହିଁ କାରଣ ଏହାକୁ ମଣିଷ ଶରୀର ବାହାରେ ଉତ୍ପାଦନ କରାଯାଇପାରିବ ନାହିଁ।

ବିଭିନ୍ନ ଚିକିତ୍ସା ଉଦ୍ଦେଶ୍ୟରେ ଉପଯୋଗ କରାଯିବା ଲାଗି ଲାଲ ରକ୍ତ କଣିକା, ଶ୍ୱେତ ରକ୍ତ କଣିକା ଏବଂ କ୍ରାୟୋପ୍ରିସିପିଟେଟଗୁଡ଼ିକୁ ରକ୍ତରୁ ପୃଥକ କରାଯାଇଥାଏ।

ଗୋଟିଏ ୟୁନିଟ୍ ରକ୍ତ ତିନୋଟି ଜୀବନ ବଞ୍ଚାଇପାରେ। ଭାରତରେ ପୁରୁଷ ଓ ମହିଳାମାନେ ଯଥାକ୍ରମେ ତିନି ଓ ଚାରି ମାସରେ ଥରେ ରକ୍ତଦାନ କରିପାରିବେ।

ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପାଖାପାଖି ପାଞ୍ଚ ଲିଟର ରକ୍ତ ଥାଏ। ଗୋଟିଏ ଥର ରକ୍ତ ଦାନ ସମୟରେ ପାଖାପାଖି 450 ମିଲି ରକ୍ତ ଶରୀରରୁ ବାହାର କରାଯାଇପାରିବ। ଶରୀର ସେତିକି ପରିମାଣରେ ରକ୍ତ ମାତ୍ର 24ରୁ 48 ଘଣ୍ଟା ମଧ୍ୟରେ ସୃଷ୍ଟି କରିଥାଏ।

ଚାଲନ୍ତୁ ଜୀବନ ବଞ୍ଚାଇବା

ହୃତପିଣ୍ଡର ସ୍ୱାସ୍ଥ୍ୟ ସୁଧାରିଥାଏ

ଯକୃତର ସ୍ୱାସ୍ଥ୍ୟ ସୁଧାରିଥାଏ

ଓଜନ କମାଇବାରେ ସହାୟକ ହୁଏ, କ୍ୟାଲୋରୀ କମାଇଥାଏ

କର୍କଟ ଆଶଙ୍କା ହ୍ରାସ କରିଥାଏ।

ବିଶ୍ୱ ରକ୍ତଦାତା ଦିବସ ଅବସରରେ, ମୁଁ ପ୍ରତ୍ୟେକ ରକ୍ତଦାତାଙ୍କୁ ଅଭିନନ୍ଦନ ଜଣାଉଛି। ରକ୍ତଦାନ ହେଉଛି ଏକ ମହାନ ସମାଜସେବା। ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନ କରିବା ଲାଗି ଆଜି ଆମେ ଆମ ସଂକଳ୍ପକୁ ଦୋହରାଉଛୁ। ଆମର ଯୁବ ବନ୍ଧୁମାନେ ଏ ଦିଗରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବେ।

-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନ୍ୟୁ ଇଣ୍ଡିଆ ସମାଚାର

ବର୍ଷ 1, ସଂଖ୍ୟା 23 ଜୁନ 1-15, 2021

1	ସମ୍ପାଦକୀୟ	ପୃଷ୍ଠା. 02
2	ଚିଠି ବାକ୍ସ	ପୃଷ୍ଠା. 03
3	ସଂକ୍ଷିପ୍ତ ସମାଚାର	ପୃଷ୍ଠା. 04-05
4	ବ୍ୟକ୍ତିତ୍ୱ/ଗୋପିନାଥ ବର୍ଦୋଲୋଇ	ପୃଷ୍ଠା. 06
5	ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି	ପୃଷ୍ଠା. 07
6	କୋଭିଡ-19ର ମୁକାବିଲା	ପୃଷ୍ଠା. 08-13
7	ପ୍ରଚ୍ଛଦ ପ୍ରସଙ୍ଗ/ଜୀବନ ଓ ପରିବେଶ	ପୃଷ୍ଠା. 14-23
8	ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ	ପୃଷ୍ଠା. 24-25
9	ଅର୍ଥବ୍ୟବସ୍ଥା ଏମଏସଏମଇକୁ ବୃହତ ପ୍ରୋତ୍ସାହନ	ପୃଷ୍ଠା. 26-29
10	ନିରାପଦ ଶୌଚବ	ପୃଷ୍ଠା. 30-31
11	ଜାତୀୟ ସଂକଳ୍ପ/ଆଜାଦୀ କା ଅମୃତ ମହୋତ୍ସବ	ପୃଷ୍ଠା. 32-33
12	କ୍ୟାବିନେଟ ନିଷ୍ପତ୍ତି	ପୃଷ୍ଠା. 34
13	ସକାରାତ୍ମକ ଆଭିମୁଖ୍ୟ	ପୃଷ୍ଠା. 35
14	ବ୍ୟକ୍ତିତ୍ୱ/ଜର୍ଜ ଫର୍ଣ୍ଣାଣ୍ଡିସ	ପୃଷ୍ଠା. 36

ସମ୍ପାଦକ
ଜୟଦୀପ ଭଟନାଗର
ପ୍ରମୁଖ ମହାନିର୍ଦ୍ଦେଶକ, ପିଆଇବି,
ନୂଆଦିଲ୍ଲୀ

ଉପଦେଷ୍ଟା ସମ୍ପାଦକ
ବିନୋଦ କୁମାର
ସନ୍ତୋଷ କୁମାର

ଅଳଙ୍କରଣ
ରବୀନ୍ଦ୍ର କୁମାର ଶର୍ମା

ପ୍ରକାଶକ ଓ ମୁଦ୍ରାକାର
ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ

Printed at
Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003

ପ୍ରକାଶିତ
ବ୍ୟୁରୋ ଅଫ ଆଉଟରିଚ ଏବଂ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

ନ୍ୟୁ ଇଣ୍ଡିଆ ସମାଚାର

RNI No. : DELODI/2020/78831

response-nis@pib.gov.in

ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

କୋଭିଡ ମହାମାରୀର ଏହି ଦ୍ୱିତୀୟ ଲହରୀ ସମୟରେ, ଏହାର ପରିଣାମ ବିରୋଧରେ ଲଢ଼ିବା ପାଇଁ ଦେଶ ଏକଜୁଟ୍ ହୋଇ ରହିଛି। କିନ୍ତୁ ସମ୍ପୂର୍ଣ୍ଣ ସତର୍କତାର ସହିତ କୋଭିଡ ନିୟମ ମାନିବାକୁ ପଡ଼ିବ। ଏହି ବିଶ୍ୱ ମହାମାରୀ ବିରୋଧରେ ଲଢ଼େଇ ସମୟରେ ପ୍ରକୃତି ମଧ୍ୟ ଆମକୁ ଏକ ଶିକ୍ଷା ଦେଇଛି। ଆମ ଭାରତୀୟମାନଙ୍କ ଜୀବନଶୈଳୀରେ ପ୍ରକୃତି ଓ ପରିବେଶ ସବୁବେଳେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇ ରହିଆସିଛି। ଆମେ ଉଦ୍ଭିଦ ଓ ପ୍ରାଣୀମାନଙ୍କୁ ଉପାସନା କରିଥାଉ, ଋତୁ ପରିବର୍ତ୍ତନ ସମୟରେ ଆମେ ଉତ୍ସବ ପାଳନ କରୁ, ଚାରିପାଖରେ ରହିଥିବା ପରିବେଶ ସହିତ ଆମର ଶାନ୍ତିପୂର୍ଣ୍ଣ ଜୀବନଶୈଳୀ ପ୍ରମାଣିତ କରିଥାଏ ଯେ ଆମେ କିପରି ଭାବେ ଆମ ଜୀବନରେ ପ୍ରକୃତିକୁ ଗ୍ରହଣ କରି ନେଇଛୁ। ଆମର ଦର୍ଶନ ଓ ସଂସ୍କୃତି ସବୁବେଳେ ଆମକୁ ଏକ ବ୍ୟକ୍ତିଗତ ପ୍ରାଣୀ ପରିବର୍ତ୍ତେ ବିଶାଳ ବ୍ରହ୍ମାଣ୍ଡର ଅଂଶବିଶେଷ ଭାବେ ବିବେଚନା କରିଆସିଛି।

ବିଗତ ଏକ ବର୍ଷ ଧରି, ଲୋକମାନେ କୋଭିଡ କାରଣରୁ ଅତ୍ୟନ୍ତ ସଙ୍କଟପୂର୍ଣ୍ଣ ପରିବେଶ ମଧ୍ୟ ଦେଇ ଗତି କରିଛନ୍ତି, କିନ୍ତୁ ଗତବର୍ଷ ମହାମାରୀର ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରକୃତି ବିଭିନ୍ନ ଉପାୟରେ ଆମକୁ ଚମତ୍କୃତ କରିଥିଲା। ଚଳିତ ଥର ମଧ୍ୟ ଆମେ ପ୍ରକୃତିର ସମୃଦ୍ଧ ବିବିଧତାକୁ ଅତି ନିକଟରୁ ଅନୁଭବ କରିବାର ସୁଯୋଗ ପାଇଛୁ। ପ୍ରଦୂଷଣ ଅପ୍ରତ୍ୟାଶିତ ଭାବେ ହ୍ରାସ ପାଇଛି ଏବଂ ଲୋକମାନେ ସେମାନଙ୍କ ଚାରି ପାଖରେ ଥିବା ସୁନ୍ଦରତାକୁ ଉପଭୋଗ କରିପାରୁଛନ୍ତି। ସ୍ପଷ୍ଟ ସବୁଜ ଆକାଶ, ସୁନ୍ଦର ପର୍ବତ, ସ୍ୱଚ୍ଛ ନଦୀ, ଏ ସମସ୍ତ ଦୃଶ୍ୟ ଏବେ ଏକ ବାସ୍ତବତାରେ ପରିଣତ ହୋଇଛି। ମହାମାରୀ ଆମକୁ ପ୍ରକୃତିର ସଂରକ୍ଷଣ ପାଇଁ ଶିକ୍ଷା ଦେଇଛି।

ପ୍ରକୃତିର ଏକ ବାସ୍ତବ ରୂପ ଆମ ମନରେ ଏକ ସଂକଳ୍ପ ଜାଗ୍ରତ କରିଛି, ଏବଂ ଏବେ ଆମକୁ ଚିନ୍ତା କରିବାର ସମୟ ଆସିଛି ଯେ ଆମେ ଏହି ବିପର୍ଯ୍ୟୟ ସମୟରେ ପ୍ରକୃତି ପାଇଁ କ'ଣ କରିପାରିବା। ପ୍ରକୃତି ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆମକୁ ସଂକଳ୍ପ ନେବାକୁ ହେବ। ପ୍ରତିବର୍ଷ ଜୁନ 5 ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଇଥାଏ ଏବଂ ଚଳିତ ବର୍ଷର ବିଷୟବସ୍ତୁ ହେଉଛି- ପରିବେଶ ପରିସଂସ୍ଥାନର ପୁନରୁଦ୍ଧାର। ଆମର ନଷ୍ଟ ହୋଇଯାଇଥିବା ପରିବେଶକୁ ପୁନରୁଦ୍ଧାର ଓ ପୁନର୍ଜୀବିତ କରିବା ଲାଗି ଏକ ମିଳିତ ପ୍ରୟାସର ଆବଶ୍ୟକତା ରହିଛି।

ବିଗତ କିଛି ବର୍ଷ ଧରି, ଭାରତ ସରକାର ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ବଜାୟ ରଖିପାରିଛନ୍ତି। ବିକଳ୍ପ ଇନ୍ଧନ ଉତ୍ସ ସହିତ ଜଙ୍ଗଲ ଓ ପ୍ରାଣୀଙ୍କ ସୁରକ୍ଷା ଏହି ନୀତିର ଏକ ଅଂଶବିଶେଷ ପାଲଟିଛି। ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ନିମନ୍ତେ ଦେଶର ପ୍ରୟାସକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଆସୁଛି ଏବଂ ଭାରତ ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିପର୍ଯ୍ୟୟର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରକୃତି ଓ ପରିବେଶ ସଂରକ୍ଷଣର ଗୁରୁତ୍ୱ ଏବଂ ଏ କ୍ଷେତ୍ରରେ ଦେଶର ପ୍ରୟାସକୁ ଚଳିତ ସଂସ୍କରଣର ପ୍ରଚ୍ଛଦ ପ୍ରସଙ୍ଗ ଭାବେ ସ୍ଥାନିତ କରାଯାଇଛି।

ଅନୁରୂପ ଭାବେ, ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି, ଏମଏସଏମଇଗୁଡ଼ିକ ମଧ୍ୟରୁ ଚାମ୍ପିଅନମାନଙ୍କୁ ପ୍ରସ୍ତୁତ କରିବା, ଶିଶୁ ଶ୍ରମିକ ପ୍ରଥା ନିୟନ୍ତ୍ରଣ ଲାଗି ଦେଶର ପ୍ରୟାସ, ଆଧୁନିକ ଆସାମର ମୂଳଦୁଆ ପ୍ରତିଷ୍ଠା କରିଥିବା ଗୋପିନାଥ ବର୍ଦୋଲୋଇଙ୍କ ଭଳି ବ୍ୟକ୍ତିତ୍ୱ, ଏହି ସଙ୍କଟ ସମୟରେ ଆମମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ସୁସ୍ଥ ରୁହନ୍ତୁ, ନିରାପଦ ରୁହନ୍ତୁ ଏବଂ ଆମକୁ ଆପଣଙ୍କ ମତାମତ ପଠାନ୍ତୁ।

ଠିକଣା : ବ୍ୟୁରୋ ଅଫ ଆଉଟରିଚ୍ ଆଣ୍ଡ କମ୍ୟୁନିକେସନ,
ଦ୍ୱିତୀୟ ମହଲା, ସୂଚନା ଭବନ, ନୂଆଦିଲ୍ଲୀ-110003

ଇ-ମେଲ୍ : response-nis@pib.gov.in

(ଜୟଦୀପ ଭଟନାଗର)

ଚିଠି ବାକ୍ସ



ମୁଁ ନିକଟରେ ଏନଆଇଏସର ସଦ୍ୟତମ ସଂସ୍କରଣ ପାଇଲି। ଇଂରାଜୀ ସମେତ ବିଭିନ୍ନ ଆଞ୍ଚଳିକ ଭାରତୀୟ ଭାଷାରେ ମୋତେ ଏନଆଇଏସ ଯୋଗାଇ ଦେଇଥିବାରୁ ମୁଁ ହୃଦୟରୁ ଏଥିପାଇଁ କୃତଜ୍ଞତା ବ୍ୟକ୍ତ କରୁଛି। ମୁଁ ଏହି ବିଷୟକୁ ବିଭିନ୍ନ ଭାଷାରେ ପଢ଼ିବା ଲାଗି ଆଗ୍ରହୀ ଥିବାରୁ ମୁଁ ଦିନକୁ ଗୋଟିଏ ସଂସ୍କରଣ ପଢ଼ିବା ଲାଗି ଏକ ଛୋଟ ସମୟ ସାରଣୀ ପ୍ରସ୍ତୁତ କରିଛି। ମୁଁ ସମସ୍ତ ଭାଷାରେ ପଢ଼ିବା ଲାଗି ସମର୍ଥ ହୋଇଥିବାରୁ ଏସବୁ ସଂସ୍କରଣ ପଢ଼ି ସନ୍ତୋଷ ଲାଭ କରିଛି। ଏହା କେବଳ ମୋର ଭାଷା ଜ୍ଞାନ ବଢ଼ାଇନାହିଁ ବରଂ ଏହିସବୁ ଭାଷାରେ ଉପସ୍ଥାପନା ଶୈଳୀ ଓ ବ୍ୟବହାର ସମ୍ପର୍କରେ ଜାଣିବାକୁ ପାଇପାରିଛି।
ଅତୀତରେ ମୁଁ ଗୋଟିଏ କିମ୍ବା ଦୁଇଟି ସଂସ୍କରଣ ପାଇପାରିନଥିଲି, ତେବେ ମୁଁ ପାଇଥିବା ସଂସ୍କରଣଗୁଡ଼ିକରେ ଦେଇଥିବା ସୂଚନାକୁ ପଢ଼ି ମୁଁ ସନ୍ତୋଷ ଲାଭ କରିପାରିଛି।
ଭବିଷ୍ୟତରେ ମୁଁ ଏହି ପତ୍ରିକାର ପରବର୍ତ୍ତୀ ସଂସ୍କରଣଗୁଡ଼ିକ ସହିତ ଜ୍ଞାନବର୍ଦ୍ଧନକାରୀ ବିଷୟବସ୍ତୁ ପାଇପାରିବି ବୋଲି ଆଶା କରୁଛି।

କିଶୋର କେ ଶେଭଡେ
kishor.shevde@gmail.com

ଡିଜିଟାଲ କ୍ୟାଲେଣ୍ଡର

ଭାରତ ସରକାରଙ୍କର ଡିଜିଟାଲ କ୍ୟାଲେଣ୍ଡର ଏବଂ ଡାଏରୀରେ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କରେ ସଦ୍ୟତମ ସୂଚନା ରହିଛି ଏବଂ ସରକାରଙ୍କର ପ୍ରକାଶନୀଗୁଡ଼ିକ ରହିଛି। ଏହାଛଡ଼ା ସରକାରୀ ଛୁଟିଦିବସ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତାରିଖ ଗୁଡ଼ିକ ରହିଛି।

ଏହାକୁ ଗୁଗଲ ପ୍ଲେ ଷ୍ଟୋର ଏବଂ ଆଇଓଏସରୁ ଡାଉନ ଲୋଡ କରାଯାଇପାରିବ।

ଗୁଗଲ ପ୍ଲେ ଷ୍ଟୋର ଲିଙ୍କ
https://play.google.com/store/apps/details?id=in.gov.calendar

ଆଇଓଏସ ଲିଙ୍କ
https://apps.apple.com/in/app/goi-calendar/id1546365594

https://goicalendar.gov.in/

ମୁଁ ଜଣେ ଛାତ୍ର ଏବଂ ଏହି ପତ୍ରିକାର ଗତ ତିନୋଟି ଇଂରାଜୀ ସଂସ୍କରଣ ପଢ଼ି ଆସୁଛି। ଏହି ଡିଜିଟାଲ ପତ୍ରିକା ମୋ ପାଇଁ ବେଶ ଲାଭଜନକ ହେଉଥିବାର ମୁଁ ଅନୁଭବ କରୁଛି। ଇଂରାଜୀ ଭାଷାରେ ବେଶ ରୋଚକ ଉପସ୍ଥାପନା ଶୈଳୀ, ସୀମିତ ଶବ୍ଦରେ ପ୍ରକୃତ ଖବର, ସମସ୍ତ କ୍ଷେତ୍ର ଯେପରିକି ଶକ୍ତି, ଯୋଗାଯୋଗ, ଇତିହାସ ଓ ସଂସ୍କୃତି ଆମ ସରକାର ଓ ସମାଜର ନୂତନ ପ୍ରୟାସ, ବ୍ୟକ୍ତିତ୍ୱ ଆଦି ସମ୍ପର୍କରେ ଜାଣିବାକୁ ମିଳିପାରୁଛି।
ମେ ପହିଲାରୁ ମୁଁ ଏହି ସଂସ୍କରଣ ଅପେକ୍ଷାରେ ରହିଥିଲି। ଏହି ସୁନ୍ଦର ପତ୍ରିକା ପ୍ରସ୍ତୁତ କରିଥିବା ସବୁ ଲୋକମାନଙ୍କୁ ମୁଁ ମୋର ଶୁଭେଚ୍ଛା ଜଣାଉଛି।

ଦୀପକ କୁମାର
dmaurya.dk@gmail.com

ମୁଁ ମୋର ଇମେଲରେ ପ୍ରତିଥର ପାଉଥିବା ନ୍ୟୁ ଇଣ୍ଡିଆ ସମାଚାରର ସମ୍ପୂର୍ଣ୍ଣ ସଂସ୍କରଣକୁ ପଢ଼ିଥାଏ। ବର୍ତ୍ତମାନର ନକାରାତ୍ମକତା ଏବଂ ମାନହାନିର ସମୟରେ ଏହି ପତ୍ରିକା ଦେଶରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରି ସତେଜ ପବନ ଭଳି ଅନୁଭବ ପ୍ରଦାନ କରିଥାଏ। ସମାଚାର ପଢ଼ିବା ସମୟରେ ମୋ ମନରେ ଗର୍ବ ଅନୁଭବ ହୋଇଥାଏ।
ମୁଁ କହିବି ଯେ ଦେଶର ପ୍ରତ୍ୟେକ ନାଗରିକ ଏହାକୁ ସବସ୍କ୍ରାଇବ କରିବା ସହିତ ଭଲ ଭାବେ ଏହାକୁ ପଢ଼ିବା ଉଚିତ୍।

ରମାକାନ୍ତ ତିୱାରୀ
Tattvavit.trigunateet@gmail.com

ଭାରତ ସରକାରଙ୍କ ସଫଳତା ବିଷୟରେ ସୂଚନା ଦେଉଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ 'ନ୍ୟୁ ଇଣ୍ଡିଆ ସମାଚାର'ର ସଦ୍ୟତମ ସଂସ୍କରଣ ମୁଁ ପାଇଛି। ଏଥିରେ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଫଳପ୍ରଦ ବିଷୟବସ୍ତୁ ରହିଛି। ମୁଁ ଏହାକୁ ପଢ଼ିବା ପରେ ମୁଁ ଅନୁଭବ କରୁଛି ଯେ ସରକାରଙ୍କ ପକ୍ଷରୁ ବହୁସଂଖ୍ୟାରେ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି, ଯାହା ସମ୍ପର୍କରେ ଲୋକମାନେ ଜାଣିନାହାନ୍ତି। ଏହିସବୁ ଯୋଜନାକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରି ଗ୍ରାମୀଣ ଲୋକମାନଙ୍କୁ ଏହାର ଲାଭ ଦେବା ନିମନ୍ତେ ସେମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ମୁଁ ଆପଣଙ୍କୁ ଏହାର ମୁଦ୍ରିତ କପି ପ୍ରଦାନ କରିବା ଲାଗି ଅନୁରୋଧ କରୁଛି ଯାହାଫଳରେ ଜଣେ ସମର୍ପିତ ଭାରତୀୟ ଭାବେ ମୁଁ ଏହିସବୁ ଯୋଜନା ସମ୍ପର୍କରେ ଆମ ଅଞ୍ଚଳରେ ସଚେତନତା ସୃଷ୍ଟି କରିପାରିବି। ଆଶା କରୁଛି ଯଥାସମ୍ଭବ ଶୀଘ୍ର ଆପଣ ଏହାକୁ ପଠାଇପାରିବେ।

ରେଣୁକା ଜଗଦୀପ ସିଂ
singh.renukajs@gmail.com

2020-21ରେ ଡାଲି ଉତ୍ପାଦନରେ 65% ବୃଦ୍ଧି

କୃଷି ଓ କୃଷକଙ୍କ ପ୍ରତି ସର୍ବାଧିକ ପ୍ରାଥମିକତା ଦିଆଯିବା ଫଳରେ ଦେଶରେ ଡାଲି ଉତ୍ପାଦନ 65 ପ୍ରତିଶତ ବୃଦ୍ଧି ପାଇଛି। ବର୍ତ୍ତମାନ ଏହି ଉତ୍ପାଦନ ପରିମାଣ 25.42 ମେଟ୍ରିକ ଟନରେ ପହଞ୍ଚିଛି। ଉତ୍ପାଦନ ବୃଦ୍ଧି ପାଇବାର ସବୁଠୁ ପ୍ରମୁଖ କାରଣ ହେଉଛି ଚାଷୀଙ୍କୁ ଉନ୍ନତ ମାନର ବିହନ ଯୋଗାଣ। 24ଟି ରାଜ୍ୟରେ 150ଟି ଡାଲି ବିହନ କେନ୍ଦ୍ର ସୃଷ୍ଟି କରିବା ଏବଂ ସେଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ର, ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକ ସହିତ ଯୋଡ଼ିବା ଲାଗି 2016-17ରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆହୁରି, 11ଟି ରାଜ୍ୟରେ ଡାଲି ପାଇଁ 119ଟି ଏଫପିଓ ଗଠନ କରାଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅନ୍ତର୍ଗତ, 644ଟି ଜିଲ୍ଲାକୁ ଡାଲି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ବର୍ତ୍ତମାନ, ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ଲାଗି କେନ୍ଦ୍ର ସରକାର 2021 ଖରିଫ ଋତୁ ପାଇଁ ଏକ ରଣନୀତି ଚୁଡ଼ାନ୍ତ କରିଛନ୍ତି। ଏହା ଅନ୍ତର୍ଗତ ବିହନର 20 ଲକ୍ଷରୁ ଅଧିକ ମିନି କିଟ୍ ବିତରଣ କରାଯିବ। ଏଥିପାଇଁ 82.01 କୋଟି ଟଙ୍କା ବ୍ୟୟ କରାଯିବା ସହିତ ସାରା ଦେଶର 4.05 ଲକ୍ଷ ହେକ୍ଟର ଜମିକୁ ସାମିଲ କରାଯିବ। ଧୀରେ ଧୀରେ ତିନୋଟି ପ୍ରମୁଖ ଡାଲି –ହରଡ଼, ମୁଗ ଓ ବିରି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ଜରିଆରେ ଦେଶକୁ ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ଏବଂ ଆମଦାନୀ ହ୍ରାସ କରିବାରେ ଏହା ସହାୟକ ହୋଇପାରିବ।

କୋଭିଡ-19 ମହାମାରୀ ମୁକାବିଲା ପାଇଁ ପଞ୍ଚାୟତଗୁଡ଼ିକୁ 8924 କୋଟି ଟଙ୍କା ଜାରି କଲେ କେନ୍ଦ୍ର ସରକାର

ଗ୍ରାମୀଣ ସ୍ୱାୟତ୍ତ ସଂସ୍ଥା(ଆରଏଲବି)ଗୁଡ଼ିକୁ ଅନୁଦାନ ଯୋଗାଇ ଦେବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ 25ଟି ରାଜ୍ୟକୁ 8923.8 କୋଟି ଟଙ୍କା ଯୋଗାଇ ଦିଆଯାଇଛି। କୋଭିଡ-19 ମହାମାରୀ ମୁକାବିଲା ଲାଗି ଆବଶ୍ୟକ ସମସ୍ତ ନିରାକରଣ ଏବଂ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରିବା ଓ ଅନ୍ୟାନ୍ୟ ପଦକ୍ଷେପ ନିମନ୍ତେ ଆରଏଲବିଗୁଡ଼ିକ ଦ୍ୱାରା ଏହି ଅନୁଦାନ ଖର୍ଚ୍ଚ କରାଯିବ। ଏହି ଅନୁଦାନ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା-ଗ୍ରାମ, ବ୍ଲକ୍ ଓ ଜିଲ୍ଲାର ସମସ୍ତ ସଂସ୍ଥା ପାଇଁ ଉଦ୍ଦିଷ୍ଟ। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସ ଅନୁଯାୟୀ ଜୁନ 2021 ମାସରେ ଅନୁଦାନର ପ୍ରଥମ କିସ୍ତି ଜାରି କରାଯିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ବର୍ତ୍ତମାନର କୋଭିଡ-19 ମହାମାରୀକୁ ଦୃଷ୍ଟିରେ ରଖି ତଥା ପଞ୍ଚାୟତିରାଜ ମନ୍ତ୍ରଣାଳୟର ସୁପାରିସ କ୍ରମେ ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନୁଦାନ ଜାରି କରିବା ନିମନ୍ତେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଅନୁରୂପ ଭାବେ, ବର୍ତ୍ତମାନର ପରିସ୍ଥିତିକୁ ନଜରରେ ରଖି, କେନ୍ଦ୍ର ସରକାର ଅନ୍ୟ ସର୍ତ୍ତାବଳୀଗୁଡ଼ିକୁ ମଧ୍ୟ କୋହଳ କରିଛନ୍ତି।

ଜୁନ୍ ମାସରୁ ଅନଲାଇନ ଦିବ୍ୟାଙ୍ଗ ପ୍ରମାଣପତ୍ରକୁ ବାଧତାମୂଳକ କଲେ ସରକାର

ପାଖାପାଖି 2.5 କୋଟି ଦିବ୍ୟାଙ୍ଗଜନଙ୍କ ଜୀବନକୁ ସହଜ କରିବା ଲାଗି ସରକାର ଚଳିତ ବର୍ଷ ଜୁନ 1 ତାରିଖ ଠାରୁ ୟୁଡିଆଇଡି ପୋର୍ଟାଲ ଜରିଆରେ ଅନଲାଇନ ମୋଡରେ ଦିବ୍ୟାଙ୍ଗ ପ୍ରମାଣପତ୍ର ହାସଲ କରିବାକୁ ବାଧତାମୂଳକ କରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ଦିବ୍ୟାଙ୍ଗଜନଙ୍କ ପାଇଁ ସୁଗମ୍ୟ ଭାରତ ଅଭିଯାନ କାର୍ଯ୍ୟକାରୀ କରୁଛନ୍ତି। ଏହାର ଅନ୍ତର୍ଗତ ଦିବ୍ୟାଙ୍ଗଙ୍କ ପାଇଁ ସୁଲଭ ଭୌତିକ ପରିବେଶ, ପରିବହନ ବ୍ୟବସ୍ଥା ଏବଂ ସୂଚନା ଓ ଯୋଗାଯୋଗ ଇକୋସିଷ୍ଟମ ବିକଶିତ କରିବା ଉପରେ ଜୋର ଦିଆଯାଉଛି। ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ଚାକିରି ଓ ଉଚ୍ଚ ଶିକ୍ଷାରେ ସଂରକ୍ଷଣ କୋଟାକୁ ବଢ଼ାଇ ଦିଆଯାଇଛି। ଏମାନଙ୍କ ପ୍ରତି ସମାଜର ଧାରଣା ବଦଳାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ 'ଦିବ୍ୟାଙ୍ଗ' ଶବ୍ଦର ପ୍ରଚଳନ କରିଥିଲେ। ୟୁଡିଆଇଡି ପୋର୍ଟାଲ (www. swavlambancard.gov.in) ଉପରେ କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ପ୍ରଶିକ୍ଷଣ ଗ୍ରହଣ କରିବା ନିମନ୍ତେ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ କୁହାଯାଇଛି।

ମହିଳା ସାମରିକ ପୁଲିସ ବାହିନୀର ପ୍ରଥମ ବ୍ୟାଚକୁ ସାମିଲ କଲା ଭାରତୀୟ ସେନା

ଭାରତୀୟ ସେନା 83 ଜଣ ମହିଳା ସୈନିକଙ୍କୁ ନେଇ ଗଠିତ ସାମରିକ ପୁଲିସ ବାହିନୀର ପ୍ରଥମ ବ୍ୟାଚକୁ ବେଙ୍ଗାଲୁରୁସ୍ଥିତ କର୍ପସ ଅଫ ମିଲିଟାରୀ ପୁଲିସ ସେଣ୍ଟର ଆଣ୍ଡ ସ୍କୁଲଠାରେ ସାମିଲ କରିଛି। 61 ସପ୍ତାହର କଠୋର ପ୍ରଶିକ୍ଷଣ ସଫଳତାପୂର୍ବକ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କୁ ସାମିଲ କରାଯାଇଛି। ସାମରିକ ପୁଲିସର କର୍ତ୍ତବ୍ୟରେ ପୁଲିସର ସମସ୍ତ ପ୍ରକାର କାର୍ଯ୍ୟ ସାମିଲ ରହିଛି। ଏହାବ୍ୟତୀତ, ସୈନିକମାନଙ୍କ ଦ୍ୱାରା କରାଯାଉଥିବା କୌଣସି ପ୍ରକାର ନିୟମ ଉଲ୍ଲଂଘନ ନିରାକରଣ କରିବା ସାମରିକ ପୁଲିସର କାର୍ଯ୍ୟରେ ସାମିଲ ରହିଛି। ଯୁଦ୍ଧ ସମୟରେ, ବ୍ୟବସ୍ଥା ସଂକ୍ରାନ୍ତ ସମସ୍ତେ ବନ୍ଦୋବସ୍ତ ସାମରିକ ପୁଲିସ କରିଥାଏ। 2017ରେ ମହିଳାମାନଙ୍କୁ ସୈନିକ ଓ କନଷ୍ଟେବଳ ଭାବେ ସାମିଲ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା, ଏହାପରେ 101 ଜଣ ମହିଳାଙ୍କୁ ଡିସେମ୍ବର 2019ରେ ଚୟନ କରାଯାଇଥିଲା। 2030 ସୁଦ୍ଧା 1700 ମହିଳା ସୈନିକଙ୍କୁ କର୍ପସ୍ ଅଫ ମିଲିଟାରୀ ପୁଲିସରେ ସାମିଲ କରିବା ନିମନ୍ତେ ସ୍ଥଳସେନା ପକ୍ଷରୁ ଯୋଜନା କରାଯାଉଛି। ଯାହାଫଳରେ ଧୀରେ ଧୀରେ ସେମାନଙ୍କୁ ଭାରତୀୟ ସେନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ କରାଯାଇପାରିବ।

ଗ୍ରାମୀଣ, ଉପ-ସହରାଞ୍ଚଳ ଓ ସହରାଞ୍ଚଳରେ ହେବ 5G ପରୀକ୍ଷଣ

5G ପ୍ରଯୁକ୍ତିର ଉପଯୋଗ ଏବଂ ପ୍ରୟୋଗ ପାଇଁ ପରୀକ୍ଷଣ ଆୟୋଜନ ନିମନ୍ତେ ଟେଲିଯୋଗାଯୋଗ ସେବା ପ୍ରଦାନକାରୀମାନଙ୍କୁ କେନ୍ଦ୍ର ଟେଲିଯୋଗାଯୋଗ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି। ସହରାଞ୍ଚଳ ବ୍ୟତୀତ, ଗ୍ରାମାଞ୍ଚଳ ଓ ଉପସହରାଞ୍ଚଳରେ ପରୀକ୍ଷଣ ନିମନ୍ତେ ଟେଲିଯୋଗାଯୋଗ ସେବା ପ୍ରଦାନକାରୀମାନଙ୍କୁ କୁହାଯାଇଛି ଯାହାଫଳରେ 5G ପ୍ରଯୁକ୍ତିର ଲାଭ କେବଳ ସହରାଞ୍ଚଳରେ ସୀମିତ ନରହି ସାରା ଦେଶରେ ଉପଲବ୍ଧ ହୋଇପାରିବ। 4G ତୁଳନାରେ 5G ପ୍ରଯୁକ୍ତିରେ ଉପଭୋକ୍ତାମାନଙ୍କୁ ଦଶ ଗୁଣା ଅଧିକ ବେଗରେ ଡାଟା ଡାଉନଲୋଡ ଅଭିଜ୍ଞତା ମିଳିପାରିବ ବୋଲି ଆଶା କରାଯାଉଛି।

ଓସିଆଇ କାର୍ଡ ପୁନଃଜାରି କରିବା ପ୍ରକ୍ରିୟାକୁ ସହଜ କଲେ ସରକାର

ପ୍ରବାସୀ ଭାରତୀୟ ନାଗରିକ (ଓସିଆଇ) କାର୍ଡ ଜାରି କରିବା ପ୍ରକ୍ରିୟାକୁ ସରକାର ଆହୁରି ସହଜ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତ ସରକାର ପାଖାପାଖି 37.72 ଲକ୍ଷ ଓସିଆଇ କାର୍ଡ ଜାରି କରିସାରିଛନ୍ତି। ପ୍ରଚଳିତ ଆଇନ ଅନୁଯାୟୀ, ଭାରତୀୟ ବଂଶୋଦ୍ଭବ ଜଣେ ବିଦେଶୀ କିମ୍ବା ଜଣେ ଭାରତୀୟ ନାଗରିକଙ୍କ ବିଦେଶୀ ଜୀବନସାଥୀ କିମ୍ବା ଜଣେ ଓସିଆଇ କାର୍ଡହୋଲ୍ଡରଙ୍କ ଜୀବନସାଥୀ ହିଁ ଓସିଆଇ କାର୍ଡଧାରୀ ଭାବେ ପଞ୍ଜିକୃତ ହୋଇପାରିବେ। ଓସିଆଇ କାର୍ଡ ହେଉଛି ଭାରତରେ ପ୍ରବେଶ ଏବଂ ରହିବା ଲାଗି ଏକ ଜୀବନବ୍ୟାପୀ ଭିସା। ଏଥିରେ ଆହୁରି ଅନେକ ବଡ଼ ଲାଭ ରହିଛି ଯାହା ଅନ୍ୟ ବିଦେଶୀଙ୍କୁ ମିଳିନଥାଏ। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ, ପ୍ରତିଥର 20 ବର୍ଷ ଆୟୁ ପର୍ଯ୍ୟନ୍ତ ଏକ ନୂଆ ପାସପୋର୍ଟ ଜାରି କରାଯିବା ପରେ ଏବଂ ପୁଣିଥରେ 50 ବର୍ଷର ଆୟୁରେ ଉପନୀତ ହେଲେ ଆବେଦନକାରୀଙ୍କ

ମୁଖମଣ୍ଡଳରେ କୌଣସି ଜୈବିକ ପରିବର୍ତ୍ତନ ଘଟିଲେ ଓସିଆଇ କାର୍ଡ ପୁନଃ ଜାରି କରିବା ଆବଶ୍ୟକ ହୋଇଥାଏ। କିନ୍ତୁ ଏବେ ଏହି ଆବଶ୍ୟକତାକୁ ବାଦ୍ ଦେବା ଲାଗି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ଓସିଆଇ କାର୍ଡଧାରୀ ଭାବେ ପଞ୍ଜିକୃତ ହୋଇଥିବା ଜଣେ ବ୍ୟକ୍ତି 20 ବର୍ଷ ବୟସରେ ଉପନୀତ ହେବା ପୂର୍ବରୁ ତାଙ୍କୁ ସେତିକିବେଳେ କେବଳ ଥରେ ମାତ୍ର ଓସିଆଇ କାର୍ଡ ପୁନଃ ଜାରି କରାଯିବ ଯେତେବେଳେ 20 ବର୍ଷ ଆୟୁ ପୂରଣ କରିବା ପରେ ସେ ତାଙ୍କର ନୂଆ ପାସପୋର୍ଟ ପାଇବେ। ଯାହାଫଳରେ ପ୍ରାପ୍ତ ବୟସ୍କ ହେବାମାତ୍ରେ ତାଙ୍କର ମୁଖମଣ୍ଡଳର ଆକୃତିକୁ ରଖାଯାଇପାରିବ। ଯଦି ଜଣେ ବ୍ୟକ୍ତି 20 ବର୍ଷ ବୟସ ପୂରଣ କରିସାରିବା ପରେ ଓଡ଼ିଆଇ କାର୍ଡଧାରୀ ଭାବେ ପଞ୍ଜିକୃତ ହୋଇଥାନ୍ତି ତା'ହେଲେ ତାଙ୍କୁ ଆଉଥରେ ଓସିଆଇ କାର୍ଡ ଜାରି କରାଯିବାର କୌଣସି ଆବଶ୍ୟକତା ରହିବ ନାହିଁ। ●

ଆଧୁନିକ ଆସାମର ସ୍ଥପତି

ଜନ୍ମ-ଜୁନ 6, 1890 । ମୃତ୍ୟୁ- ଅଗଷ୍ଟ 5, 1950

ସେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ। ସେ ଏକାଧାରରେ ଜଣେ ଓକିଲ, ଶିକ୍ଷକ, ସାମାଜିକ କର୍ମୀ, ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଥିଲେ। ଚୀନ ଓ ପୂର୍ବ ପାକିସ୍ତାନ ବିରୋଧରେ ଲଢ଼େଇ କରି ଆସାମର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ଲାଗି ସେ କଠିନ ପରିଶ୍ରମ କରିଥିଲେ। ଏହି କାରଣରୁ ଆଜି ଆସାମ ଭାରତୀୟ ଭୂଖଣ୍ଡର ଅଂଶବିଶେଷ ହୋଇପାରିଛି। ସେ ମଧ୍ୟ ଆଧୁନିକ ଆସାମର ସ୍ଥପତି ଥିଲେ ଯିଏକି ରାଜ୍ୟର ଦ୍ରୁତ ବିକାଶ ପାଇଁ କଠିନ ପରିଶ୍ରମ କରିଥିଲେ।

ଭାରତରେ ଅନେକ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି, କିନ୍ତୁ ରାଷ୍ଟ୍ର ଦ୍ୱାରା ସମ୍ମାନ ପାଇବା ଲାଗି ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଛି। ଗୋପିନାଥ ବର୍ଦୋଲୋଇ ଜୁନ 6, 1890 ଆସାମର ନାଗାଓଁ ଜିଲ୍ଲାର ରାହା ଠାରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କୁ 'ଆଧୁନିକ ଆସାମର ନିର୍ମାତା' ବୋଲି କୁହାଯାଏ। ମାତ୍ର 12 ବର୍ଷ ବୟସରେ ସେ ନିଜ ମା'ଙ୍କୁ ହରାଇଥିଲେ। ଗୌହାଟୀରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ସେ କୋଲକାତା ଆସି ସ୍ନାତକ ଓ ସ୍ନାତୋକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଏହାପରେ ସେ ଆସାମ ଫେରି ଆସି ପ୍ରାରମ୍ଭିକ ଭାବେ ସ୍ଥାନୀୟ ସ୍କୁଲରେ ଜଣେ ପ୍ରଧାନ ଶିକ୍ଷକ ଭାବେ କାମ କରିଥିଲେ। ଏହାପରେ ସେ ଆଇନ ପେସାରେ ଯୋଗ ଦେଇଥିଲେ। 1917 ମସିହାର କଥା, ସେତେବେଳେ ଦେଶ ନିଜର ସ୍ୱାଧୀନତା ପାଇଁ ସଂଗ୍ରାମ କରୁଥିଲା ଏବଂ ଦେଶର ଯୁବକମାନେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଉଥିଲେ। ବ୍ରିଟିଶ ଶାସନାଧୀନ ଆସାମ ଓ ଉତ୍ତର ପୂର୍ବାଞ୍ଚଳର ଲୋକମାନଙ୍କର ଦୁଃଖକଷ୍ଟରେ ଅତିଷ୍ଠ ହୋଇ, ବର୍ଦୋଲୋଇ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ଏଥିପାଇଁ ସେ ନିଜର ଆଇନ ପେସା ଛାଡ଼ି ଦେଇଥିଲେ। ସମଗ୍ର ଆସାମ ଭ୍ରମଣ କରି ଖୁବଶୀଘ୍ର ସେ ରାଜ୍ୟର ପରିଚୟ ପାଲଟିଥିଲେ। 1922ରେ ସେ ଭାରତୀୟ ଜାତୀୟ କଂଗ୍ରେସ ଅଧୀନରେ ଆସାମ କଂଗ୍ରେସ ଗଠନ କରିଥିଲେ। 'ଚୌରି-ଚୌରା' ଘଟଣା ପରେ ଯେତେବେଳେ ଅସହଯୋଗ ଆନ୍ଦୋଳନକୁ ପ୍ରତ୍ୟାହାର କରି ନିଆଗଲା, ବର୍ଦୋଲୋଇ ପୁଣିଥରେ ଆଇନ ପେସାକୁ ଫେରିଯାଇଥିଲେ। 1932ରେ ସେ ଗୌହାଟୀ ମହାନଗର ବୋର୍ଡର ଅଧ୍ୟକ୍ଷ ହୋଇଥିଲେ। 1935ରେ ଆସାମରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ବର୍ଦୋଲୋଇଙ୍କ ନେତୃତ୍ୱରେ କଂଗ୍ରେସ ସଂଖ୍ୟାଗରିଷ୍ଠତାର ସହ ବିଜୟୀ ହୋଇଥିଲା, କିନ୍ତୁ ସରକାର ଗଠନ କରିବା ପରିବର୍ତ୍ତେ ସେ ବିରୋଧୀ ଆସନରେ ବସିବାକୁ ପସନ୍ଦ କରିଥିଲେ। ତେବେ, 1938ରେ ସରକାରର ପତନ ଘଟିବା ପରେ ସେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ସରକାରରୁ ଇସ୍ତଫା ଦେଇଥିଲେ। ଏହାପରେ ତାଙ୍କୁ ବ୍ରିଟିଶରମାନେ ବନ୍ଦୀ କରି ନେଇଥିଲେ କିନ୍ତୁ ଅସୁସ୍ଥତା କାରଣରୁ କିଛିଦିନ ପରେ ତାଙ୍କୁ ଛାଡ଼ି ଦେଇଥିଲେ।

1999ରେ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ବର୍ଦୋଲୋଇଙ୍କୁ ମରଣୋତ୍ତର ଭାବେ 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରାଯାଇଥିଲା। 2002ରେ ତତ୍କାଳୀନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କାଲାମଙ୍କ ଦ୍ୱାରା ସଂସଦ ପରିସରରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

ଅଗଷ୍ଟ 1942ରେ 'ଭାରତ ଛାଡ଼' ଆନ୍ଦୋଳନ ପରେ ବ୍ରିଟିଶ ସରକାର କଂଗ୍ରେସକୁ ବେଆଇନ ଘୋଷଣା କରିବା ସହିତ ବର୍ଦୋଲୋଇଙ୍କ ସମେତ ଏହାର ଅଧିକାଂଶ ନେତାମାନଙ୍କୁ ଗିରଫ କରି ନେଇଥିଲେ। ତେବେ 1946 ନିର୍ବାଚନରେ ବିଜୟୀ ହେବା ପରେ ସେ ପୁଣିଥରେ ଆସାମର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ସମୟରେ ବ୍ରିଟିଶରମାନେ 'କ୍ୟାବିନେଟ ମିଶନ' ନେଇ ଆସିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଧର୍ମ ଆଧାରରେ ଦେଶକୁ ବିଭାଜିତ କରିବା। ବଙ୍ଗ ଓ ଆସାମ ଏହି ବର୍ଗରେ ସାମିଲ ହୋଇଥିଲା। ଏହାର ଅର୍ଥ ବଙ୍ଗ ତୁଳନାରେ ଆସାମର ପ୍ରତିନିଧିମାନେ ସଂଖ୍ୟାଲଘୁ ହୋଇଯିବେ। ବର୍ଦୋଲୋଇ ଏହି ଯୋଜନାକୁ ବିରୋଧ କରିଥିଲେ। ସେ କହିଥିଲେ ଯେ ଆସାମ ଏହାର ପରିଚୟ ହରାଇବ। ସେହି ସମୟରେ କେବଳ ତାଙ୍କରି ପ୍ରୟାସ କାରଣରୁ ଆସାମ ପୂର୍ବ ପାକିସ୍ତାନର ଅଂଶବିଶେଷ ହେବାରୁ ବର୍ତ୍ତି ଯାଇଥିଲା। ଆସାମ ମେଡ଼ିକାଲ କଲେଜ, ଆସାମ ହାଇକୋର୍ଟ, ଗୌହାଟୀ ବିଶ୍ୱବିଦ୍ୟାଳୟ ଏବଂ ଆସାମ ପ୍ରାଣୀ ଚିକିତ୍ସା କଲେଜ ଆଦି ପ୍ରତିଷ୍ଠାରେ ବର୍ଦୋଲୋଇଙ୍କ ପ୍ରମୁଖ ଭୂମିକା ରହିଥିଲା। ବର୍ଦୋଲୋଇଙ୍କୁ ଆସାମବାସୀ ପ୍ରାଣ ଭରି ଭଲ ପାଉଥିଲେ ଏବଂ ଏହାକୁ ସମ୍ମାନ ଜଣାଇ ଆସାମର ତତ୍କାଳୀନ ରାଜ୍ୟପାଳ ଜୟରାମ ଦାସ ଦୌଲତରାମ ତାଙ୍କୁ 'ଲୋକପ୍ରିୟ' ଆଖ୍ୟା ଦେଇଥିଲା। ●

କୃଷକ ସଶକ୍ତିକରଣ

କୋଭିଡ ମହାମାରୀ ସତ୍ତ୍ୱେ କୃଷକଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଉପଲବ୍ଧ

କୋଭିଡ ମହାମାରୀ କାଳରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମୁଖୀନ ହେବା ସତ୍ତ୍ୱେ ଦେଶର କୃଷକମାନେ ଉଦ୍ୟାନ କୃଷି ଓ କୃଷି କ୍ଷେତ୍ରରେ ରେକର୍ଡ ପରିମାଣର ଉତ୍ପାଦନ କରିବାରେ ସଫଳ ହୋଇଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟରେ ରେକର୍ଡ ସ୍ତରର କୃଷି ଉତ୍ପାଦ କ୍ରୟ କରି ସରକାର ମଧ୍ୟ ନିଜର ସମର୍ଥନ ଯୋଗାଇ ଦେଇଛନ୍ତି । ମେ ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି (ପିଏମ୍-କିଷାନ) ଯୋଜନା ଅଧିନରେ ୯.୫ କୋଟି କୃଷକଙ୍କ ବ୍ୟାଙ୍କ ଖାତାକୁ ୨୦,୦୦୦ କୋଟିରୁ ଅଧିକ ଟଙ୍କାର ଅଷ୍ଟମ କିସ୍ତି ହସ୍ତାନ୍ତର କରିଛନ୍ତି ।

ଆନ୍ଧ୍ରପ୍ରଦେଶର ଏନ୍ ବେଣୁ ରାମ ତାଙ୍କର ପତିତ ଜମିକୁ ଚାଷୋପଯୋଗୀ କରିଛନ୍ତି । ଉନ୍ନାଓର ଅରବିନ୍ଦ ନିଶାଦ କୃଷି ବିଭାଗରୁ ଜୈବ କୃଷି ପ୍ରଶିକ୍ଷଣ ହାସଲ କରିଛନ୍ତି । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଜଣେ ଚାଷୀ ପାଟ୍ରିକ ନିଜର ପୂରା ପରିବାରକୁ ଜୈବ କୃଷିରେ ସାମିଲ କରିଛନ୍ତି । ସେହିପରି, ରିଭଷ୍ଟର ଖର୍ମୁନପୁରୁ ଉତ୍ତର ପୂର୍ବାଞ୍ଚଳକୁ ଜୈବ ଉତ୍ପାଦ ପେଣ୍ଠଭାବେ ବିକଶିତ କରିବା ପାଇଁ ଉଦ୍ଦିଷ୍ଟ ଏକ ଯୋଜନା ସହ ସାମିଲ ହୋଇ ଅନ୍ୟ କୃଷକମାନଙ୍କ ସହ ନିଜର କୃଷିଭିତ୍ତିକ ଉଦ୍ୟମିତା ଏବଂ ଏଫପିଓ ଅଭିଜ୍ଞତା ବାଣ୍ଟିଥିଲେ । ସମଗ୍ର ଦେଶର ଏହି କୃଷକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ଉତ୍ତମ ଅଭିଜ୍ଞତା ବାଣ୍ଟିଥିଲେ । ପ୍ରଥମଥର ପାଇଁ ପଶ୍ଚିମବଙ୍ଗର କୃଷକମାନେ ଏହି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି। କୃଷକମାନଙ୍କ ସହ ଭାବ ବିନିମୟ ସହିତ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ କୋଭିଡ ମହାମାରୀ କାଳରେ ସେମାନଙ୍କୁ ଆଶ୍ୱସ୍ତି ଦେବା ଲକ୍ଷ୍ୟରେ ଅନେକ ପଦକ୍ଷେପର ଘୋଷଣା କରିଥିଲେ । ତାଙ୍କ ସମ୍ବୋଧନର ପ୍ରମୁଖ ବିଷୟବସ୍ତୁଗୁଡିକ ନିମ୍ନ ମୁତାବକ ଥିଲା ।

- କୋଭିଡ ମହାମାରୀ କାରଣରୁ ସରକାର କିଷାନ କ୍ରେଡିଟ କାର୍ଟ ଋଣ ଦେୟ ଏବଂ ନବୀକରଣ ହେବାର ସମୟସୀମାକୁ ବୃଦ୍ଧି କରିଛନ୍ତି ।
- ଦେଶର କୃଷକ ସମୁଦାୟ ନିମନ୍ତେ ନୂତନ ସମାଧାନର ସୂତ୍ର ବାହାର କରିବା ଏବଂ ବିକଳ୍ପର ପରିସୀମାକୁ ପରିବ୍ୟାପ୍ତ କରିବା ଦିଗରେ ସରକାର ନିରନ୍ତର ଭାବେ ପଦକ୍ଷେପ ନେଇ ଚାଲିଛନ୍ତି ।
- ପଞ୍ଜାବ ଏବଂ ହରିଆଣାର ଲକ୍ଷ ଲକ୍ଷ କୃଷକ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଯୋଜନାର ସୁଫଳ ପାଇଛନ୍ତି । ଗତବର୍ଷ ତୁଳନାରେ ଚଳିତବର୍ଷ ଏପର୍ଯ୍ୟନ୍ତ ପ୍ରାୟ ୧୦ ପ୍ରତିଶତରୁ ଅଧିକ ଗହମ ସର୍ବନିମ୍ନ ସହାୟକ ମୂଲ୍ୟ ଜରିଆରେ କ୍ରୟ କରାଯାଇଛି ।
- ଏପର୍ଯ୍ୟନ୍ତ ଗହମ କ୍ରୟ ବାବଦରେ ପ୍ରାୟ ୫୮ ହଜାର କୋଟି ଟଙ୍କା କୃଷକମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଇଛି । ଏଣିକି କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ବିକ୍ରୀ ବାବଦ ଅର୍ଥ ପାଇଁ ଆଉ ଦୀର୍ଘ ପ୍ରତୀକ୍ଷା କରିବାକୁ ପଡୁନାହିଁ । ପିଏମ୍-କିଷାନ ଯୋଜନା ବିଶେଷଭାବେ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ଉପକୃତ କରୁଛି । ●

Scan QR code to listen to Prime Minister's full address

ଯୋଜନାରେ କିଭଳି ସାମିଲ ହେବେ

ଭାରତ ସରକାର ୨୦୧୮ ଡିସେମ୍ବର ୧ ତାରିଖରୁ ପିଏମ୍ କିଷାନ ସମ୍ମାନନିଧି ଯୋଜନା (ପିଏମ୍-କିଷାନ) କାର୍ଯ୍ୟକାରୀ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୧୧ କୋଟି କୃଷକଙ୍କ ବ୍ୟାଙ୍କ ଖାତାକୁ ୧,୩୫,୦୦୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇ ସାରିଛି ।:

- ଏହି ଯୋଜନାରେ ପଞ୍ଜିକରଣ ପାଇଁ ପିଏମ୍ କିଷାନ ପୋର୍ଟାଲରେ କୃଷକଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରାଯାଇଛି । ଏହାଛଡା ଜଣେ କୃଷକ ସାଧାରଣ ସେବା କେନ୍ଦ୍ର (ସିଏସସି) କୁ ଗସ୍ତ କରି କିମ୍ବା ପିଏମ୍ କିଷାନ ମୋବାଇଲ ଆପ୍ ମାଧ୍ୟମରେ ପଞ୍ଜିକରଣ କରାଇ ପାରିବେ । ଯୋଗ୍ୟ କୃଷକମାନେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ପଟ୍ଟୱାରୀ/ରାଜସ୍ୱ ଅଧିକାରୀ/ ନୋଡାଲ ଅଧିକାରୀ (ପିଏମ କିଷାନ)ଙ୍କୁ ଯୋଗାଯୋଗ କରିପାରିବେ ।
- ଏହି ଯୋଜନାର ନଗଦ ଅର୍ଥ ଯୋଗ୍ୟ ପିଏମ କିଷାନ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ସିଧାସଳଖ ପଠାଇ ଦିଆଯାଇଥାଏ ।
- ଏହି ଯୋଜନା କେବଳ ଯେ କୃଷକମାନଙ୍କୁ ଅତିରିକ୍ତ ଆୟ ସୁନିଶ୍ଚିତ କରେନାହିଁ ବରଂ ବିଶେଷକରି ଅମଳ ଋତୁ ପୂର୍ବରୁ ସେମାନଙ୍କ ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟ ପୂରଣ କରିଥାଏ ।
- ଏହି ଯୋଜନା ଅଧିନରେ ଯୋଗ୍ୟ କୃଷକମାନଙ୍କୁ ପ୍ରତ୍ୟେକ ୪ ମାସ ପରେ ତିନିଟି ସମାନ କିସ୍ତିରେ ବାର୍ଷିକ ୬,୦୦୦ଟଙ୍କାର ନଗଦ ଅର୍ଥ ପ୍ରଦାନ କରାଯାଇଥାଏ ।

କୋଭିଡ ମହାମାରୀର ଦ୍ୱିତୀୟ ଲହରର ନିୟନ୍ତ୍ରଣ

ନିରନ୍ତର ପ୍ରୟାସ ଜାରି

କୋଭିଡର ଦ୍ୱିତୀୟ ଲହର ଜୀବନକୁ ଶକ୍ତ ଭାବରେ ଆଘାତ ଦେଉଥିବା ସତ୍ତ୍ୱେ ଆଶା ଓ ଅଦମ୍ୟତାର ଅନେକ ପ୍ରେରଣାଦାୟୀ ଘଟଣା ନଜରକୁ ଆସିବାରେ ଲାଗିଛି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ଭିତ୍ତିଭୂମୀ ବିକାଶ ସହ କୋଭିଡର ପ୍ରଭାବକୁ ପ୍ରତିହତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

ସୁଖଦୀପ ଯେତେବେଳେ ମାତ୍ର ୨୦ଦିନର ଶିଶୁ ଥିଲା, ସେତେବେଳେ ସେ କୋଭିଡ ପଜିଟିଭ ଥିବା ଜଣାପଡିଥିଲା ଏହି ରୋଗରୁ ସୁସ୍ଥ ହେବା ପାଇଁ ତାକୁ ୧୦ ଦିନ ସମୟ ଲାଗିଥିଲା । ପରୀକ୍ଷଣର ସମସ୍ତ ମାପଦଣ୍ଡରେ ଉତ୍ତୀର୍ଣ୍ଣ ହେବା ପରେ ମେ ୭ ତାରିଖ ଦିନ ସେ ଜଲନ୍ଧରର ପଞ୍ଜାବ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନସେସ୍ (ପିଆଇଏମଏସ)ରୁ ଘରକୁ ଫେରିଥଲା । ତାର ପିତାମାତା କୋଭିଡ ନେଗେଟିଭ ଥିବାର ଜଣାପଡିଥିଲା । ପିତା ଗୁରଦୀପ ସିଂହ କହିଥିଲେ, "ଆମ ପିଲା ଯେତେବେଳେ କୋଭିଡ ପଜିଟିଭ ହୋଇଥିବା ଜଣାପଡିଥିଲା ସେତେବେଳେ ଆମକୁ ବହୁତ କଷ୍ଟ ଲାଗିଥିଲା ।"

ଏକ ଅତି ସାଧାରଣ ପରିବାରର ପୃଷ୍ଠଭୂମିରୁ ଆସିଥିବା ସିଂହ ଆହୁରି କହିଥିଲେ, " ଆମକୁ ଲାଗିଲା ଯେ ଭଗବାନ ଆମ ପ୍ରାର୍ଥନା ଶୁଣିଛନ୍ତି ଏବଂ ହସପିଟାଲରେ ଉପଲବ୍ଧ ଚମତ୍କାର ଚିକିତ୍ସା ସୁବିଧା ଓ ନିରନ୍ତର ସେବା ଶୁଶ୍ରୁଷା ଫଳରେ ଆମ ସନ୍ତାନ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲା । ସୁଖଦୀପର ମା ସନ୍ଦୀପ କୌର ଯେତେବେଳେ ନିଜର ପିଲାକୁ ଦୁଇ ହାତରେ ଉଠାଇ ନେଇଥିଲେ ସେତେବେଳେ ତାଙ୍କ ଆଖିରେ ଖୁସିର ଝଲକ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଥିଲା । ଅତି ଆନନ୍ଦିତ ଜେଜେମା କୁଲବୀନ୍ଦର କୌର କହନ୍ତି, " ୱାହେ ଗୁରୁଜୀଙ୍କ ଅସୀମ କୃପାରୁ ମୋ ନାତି ସୁସ୍ଥ ହୋଇ ଘରକୁ ଫେରି ଆସିଛି । ଡାକ୍ତରମାନେ ତାର ଖୁବ ଯତ୍ନ ନେଇଥିଲେ ।" କେବଳ ଶିଶୁର ପରିବାର ଲୋକ ନୁହନ୍ତି, ଏହି ନବଜାତର ଯତ୍ନ ନେଇଥିବା ନର୍ସିଂ କର୍ମଚାରୀମାନେ ମଧ୍ୟ ଅତ୍ୟନ୍ତ ଆନନ୍ଦିତ ଥିଲେ । ଜଣେ ସେବିକା ରୁବି କୁହନ୍ତି, " ଏହି ନବଜାତ ଅନେକ ଯନ୍ତ୍ରଣା ଦେଇ ଗତି କରୁଥିବାର ଦେଖି ମନରେ ବହୁତ କଷ୍ଟ ଅନୁଭବ କରିଥିଲି । ଶିଶୁଟିର ମାଆଙ୍କୁ ସ୍ତନ୍ୟପାନ କରାଇବା ପାଇଁ ଅନୁମତି ମିଳିନଥିବାରୁ ଚାମଚରେ କ୍ଷୀର ପିଆଯାଉଥିଲା ।"

ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ଯତିନ୍ଦର ସିଂହ ନିଜର ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି, " ଶିଶୁଟିକୁ ହସ୍ପିଟାଲକୁ ଅଣାଯିବା ବେଳେ ତା ଦେହରେ ବହୁତ ଜ୍ୱର ଥିଲା ଏବଂ ସେ ଅପସ୍ମାରର ଶିକାର

ଥିଲା । ଏହି ମାମଲାଟି ଆମ ପାଇଁ ଖୁବ୍ ଆହ୍ୱାନପୂର୍ଣ୍ଣ ରହିଥିଲା ।

ଏପରିକି ତା ବାପାମାଆଙ୍କୁ ସାନ୍ତ୍ୱନା ଦେବା ଅଧିକ କଷ୍ଟକର ଥିଲା । କିନ୍ତୁ ସେମାନେ ଆମକୁ ସମ୍ପୂର୍ଣ୍ଣ ସହଯୋଗ ଓ ସମର୍ଥନ କରିଥିଲେ ।"

ଯେତେବେଳେ ୧୮-୪୪ ବର୍ଷ ବର୍ଗଙ୍କ ଟିକାକରଣ ପାଇଁ ପଞ୍ଜିକରଣ ଆରମ୍ଭ ହେଲା ସେତେବେଳେ ଦେଶର ଅଳ୍ପ କେତେକ ଭାଗ ବିଶେଷକରି ଗ୍ରାମାଞ୍ଚଳରେ ଲୋକମାନେ ଟିକାକରଣ ପାଇଁ ସ୍ଲଟ୍ ବୁକ୍ କରିବା ସକାଶେ ଅସୁବିଧାର ସମୁଖୀନ ହେଲେ। କେବଳ ଇଂରାଜୀ ଭାଷାରେ ଉପଲବ୍ଧ ଥିବା କୋୱିନ ଆପ୍ କେତେକ ସ୍ଥାନରେ ଭାରତୀୟ ସ୍ଥାନୀୟ ଭାଷାଭାଷୀ ଲୋକମାନଙ୍କ ପାଇଁ କିଛିଟା ସମସ୍ୟାର କାରଣ ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ବୈଷୟିକ ଜ୍ଞାନ ନଥିବା ଲୋକମାନେ ଟିକାକରଣ ପାଇଁ ପଞ୍ଜିକରଣ ସକାଶେ ଅସୁବିଧାର ସମୁଖୀନ ହୋଇଥିଲେ। ଏହିସବୁ ଆହ୍ୱାନ ମଧ୍ୟରେ, ଅନେକ ସଚେତନ ନାଗରିକ ପଞ୍ଜିକରଣ ପାଇଁ ଏଭଳି ଅସୁବିଧାର ସମୁଖୀନ ହେଉଥିବା ଲୋକମାନଙ୍କୁ ସହଯୋଗର ହାତ ବଢାଇଥିଲେ । କେରଳରେ ରାସନ ଦୋକାନୀ ମାଲିକ ଏବଂ ଛାତ୍ରଛାତ୍ରୀମାନେ ଏଭଳି ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ଆଜିବୀକା ବ୍ୟୁରୋ ଓ ଟ୍ରାନସଫର୍ମ ରୁରାଲ

> ଦୈନିକ କରୋନା ସଂକ୍ରମଣ ହାର ହ୍ରାସ ପାଇ ଚାଲିଥିବାବେଳେ ଆରୋଗ୍ୟ ହାରରେ ମଧ୍ୟ ବୃଦ୍ଧି ଘଟୁଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଆରୋଗ୍ୟ ହାରରେ ବୃଦ୍ଧି ଏକଥା ଇଙ୍ଗିତ କରୁଛି ଯେ ଭାରତ କୋଭିଡ-୧୯ ସଂକ୍ରମଣ ଶିଖରକୁ ଅତିକ୍ରମ କରିଯାଇଛି ।

ଇଣ୍ଡିଆ ଭଳି ସ୍ୱେଚ୍ଛାସେବୀ ସଂଗଠନଗୁଡିକ ମଧ୍ୟ ଲୋକମାନଙ୍କୁ ଟିକାକରଣ ପାଇଁ ପଞ୍ଜିକରଣ କରିବାରେ ସାହାଯ୍ୟ କରିବା କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

ନବଜାତ ଶିଶୁ ଏବଂ ଶହେ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସମେତ କୋଭିଡରୁ ସୁସ୍ଥ ହୋଇଥିବାର ଅନେକ ମାମଲା ଏହା ସୂଚାଉଛି ଯେ ଭାରତ କରୋନା ମହାମାରୀର ପ୍ରଥମ ଲହର ବେଳେ ଯେତିକି ଫଳପ୍ରଦ ଭାବେ ଏହାର ମୁକାବିଲା କରିଥିଲା, ଦ୍ୱିତୀୟ ଲହର ବିରୁଦ୍ଧରେ ଜାରିଥିବା ଲଢେଇରେ ମଧ୍ୟ ଦେଶ ସେତିକି ଅଦମ୍ୟତା ପ୍ରଦର୍ଶନ କରୁଛି । ସ୍ୱାସ୍ଥ୍ୟ ଭିତ୍ତିଭୂମୀକୁ ଆହୁରି ସୁଦୃଢ କରିବା ଦିଗରେ କେନ୍ଦ୍ର ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ଶିଳ୍ପସଂସ୍ଥା, ଔଷଧ ଉତ୍ପାଦନ କମ୍ପାନୀ, ଡାକ୍ତର, ସମ୍ପୃକ୍ତ ଅଧିକାରୀ ଏବଂ ରାଜ୍ୟଗୁଡିକର ପ୍ରତିନିଧିମଣ୍ଡଳୀ ତଥା ବିଶେଷଜ୍ଞମାନଙ୍କ ସହ ବିଚାର ଆଲୋଚନା ଓ ମତ ବିନିମୟ ମାଧ୍ୟମରେ ନିୟମିତ ଯୋଗାଯୋଗରେ ଅଛନ୍ତି । କୋଭିଡର ପ୍ରଭାବ ନିୟନ୍ତ୍ରଣ ଦିଗରେ ଜାରିଥିବା ଉଦ୍ୟମକୁ ଆହୁରି ମଜବୁତ କରିବା ପାଇଁ ସେନାକୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି ।

କୋଭିଡ ବିରୁଦ୍ଧରେ ନିର୍ଣ୍ଣାୟକ ଲଢେଇ ପାଇଁ ଭାରତ



ପ୍ରଧାନମନ୍ତ୍ରୀ ନିଜେ ନିୟମିତ ଭାବେ ସ୍ଥିତିର ସମୀକ୍ଷା କରୁଛନ୍ତି

- ପ୍ରଧାନମନ୍ତ୍ରୀ ରାଜ୍ୟଗୁଡିକରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଭିତ୍ତିଭୂମୀ ଓ ପ୍ରସ୍ତୁତିର ନିରନ୍ତର ସମୀକ୍ଷା କରୁଛନ୍ତି ।
- ଟିକାକରଣର ବେଗକୁ ମନ୍ଥର ହେବାକୁ ନଦେବା ତଥା ସମ୍ବେଦନଶୀଳ ହେବା ନିମନ୍ତେ ସେ ରାଜ୍ୟଗୁଡିକୁ ପରାମର୍ଶ ଦେଇଛନ୍ତି ।
- ଯେଉଁସବୁ ଜିଲ୍ଲାରେ ସଂକ୍ରମଣ ହାର ୧୦ ପ୍ରତିଶତ ବା ତଦୁର୍ଦ୍ଧ ଏବଂ ଅକ୍ସିଜେନ୍ ଶଯ୍ୟା କିମ୍ବା ଆଇସିୟୁ ଶଯ୍ୟା ୬୦ ପ୍ରତିଶତରୁ ଅଧିକ ପୂରଣ ହୋଇସାରିଛି ସେହିଭଳି ଜିଲ୍ଲାଗୁଡିକୁ ଚିହ୍ନଟ କରିବା ପାଇଁ ରାଜ୍ୟଗୁଡିକୁ ନିର୍ଦ୍ଦେଶାବଳୀ ପଠାଯାଇଛି ।
- ଔଷଧପତ୍ର ଉପଲବ୍ଧତାର ସମୀକ୍ଷା ଏବଂ ରେମଡେସିଭିର ସମେତ ଅନ୍ୟାନ୍ୟ ଔଷଧ ଉତ୍ପାଦନ ବୃଦ୍ଧି ଉପରେ ନିରନ୍ତର ଦୃଷ୍ଟି ରଖାଯାଉଛି ।

ଦୈନିକ ସଂକ୍ରମଣ ହାର ହ୍ରାସ ପାଉଥିବାବେଳେ ଆରୋଗ୍ୟ ହାର ବୃଦ୍ଧି ପାଉଛି



କରୋନା ବିରୋଧି ସଂଗ୍ରାମରେ ୭୫ରୁ ଅଧିକ ଟିମ୍ ମୁତୟନ ରହି ପ୍ରତିଷେଧକ ଓ ଅକ୍ସିଜେନ ପରିଚାଳନା ବ୍ୟତୀତ କେନ୍ଦ୍ର ଓ ରାଜ୍ୟଗୁଡିକ ମଧ୍ୟରେ ସୁସମନ୍ୱୟ ସୁନିଶ୍ଚିତ କରୁଛନ୍ତି ।

ସଜବାଜ ହେଉଛି

କରୋନାର ଦ୍ୱିତୀୟ ଲହର ମଧ୍ୟରେ, କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହାୟତାରେ ଏହି ରୋଗ ବିରୁଦ୍ଧରେ ନିର୍ଣ୍ଣାୟକ ଲଢେଇ ପାଇଁ ପ୍ରସ୍ତୁତ ହେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, "ଆମ ସମୁଖରେ ଥିବା ଏହି ଅଦୃଶ୍ୟ ଶତ୍ରୁ ବିଭିନ୍ନ ରୂପ ଧାରଣ କରିଚାଲିଛି । ଏହି କରୋନା ଭୂତାଣୁ ପାଇଁ ଆମେ ଆମର ଅନେକ ଆତ୍ମୀୟ ସ୍ୱଜନଙ୍କୁ ହରାଇ ସାରିଛୁ । ଅନେକ ସମୟ ଧରି ଦେଶବାସୀମାନେ ଯେଉଁ ଦୁଃଖ ଯନ୍ତ୍ରଣା ଭୋଗୁଛନ୍ତି, ଯେଉଁ କଷ୍ଟ ମଧ୍ୟ ଦେଇ ଲୋକମାନେ ଗତି କରିଛନ୍ତି, ମୁଁ ସେଇ ଯନ୍ତ୍ରଣାକୁ ନିଜେ ଅନୁଭବ କରିପାରୁଛି । ଜଣେ 'ପ୍ରଧାନ ସେବକ' ଭାବେ ମୁଁ ଆପଣମାନଙ୍କ ଭାବନାକୁ ହୃଦୟଙ୍ଗମ କରିପାରୁଛି । ଦ୍ୱିତୀୟ ଲହର ବିରୁଦ୍ଧରେ ଜାରି ଲଢେଇରେ ଯେଉଁ ସମ୍ବଳର ପ୍ରତିବନ୍ଧକ ରହିଛି ସେଥିରୁ ମୁକ୍ତ ହେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଅବ୍ୟାହତ ରହିଛି । ଯେତେ ଅଧିକରୁ ଅଧିକ ଲୋକଙ୍କ ଟିକାକରଣ କରାଯାଇପାରିବ ସରକାର ସେ ଦିଗରେ ଉଦ୍ୟମ ଚଳାଇଛନ୍ତି । ଯେତେବେଳେ ଆପଣଙ୍କ ପାଳି ଆସିବ ସେତେବେଳେ ଟିକା ନେବାକୁ ଭୁଲନ୍ତୁ ନାହିଁ । ଟିକା ଆମକୁ କରୋନାରୁ ସୁରକ୍ଷା ଯୋଗାଇଦେବ ଏବଂ ଗୁରୁତର ଅସୁସ୍ଥତାର ମାତ୍ରା ହ୍ରାସ କରିବ । ଏପରିକି ଟିକାକରଣ ପରେ ମଧ୍ୟ ଆମକୁ ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ସମେତ ସମସ୍ତ ପ୍ରତିଷେଧମୂଳକ ବ୍ୟବସ୍ଥା ମଧ୍ୟରେ ରହିବାକୁ ପଡିବ ।

୨୦୨୦ ମାର୍ଚ୍ଚ ୨୯ ତାରିଖ ଦିନ କେନ୍ଦ୍ର ସରକାର କରୋନା ଭୂତାଣୁ ବ୍ୟାପିବାକୁ ନିୟନ୍ତ୍ରଣ କରିବା ସକାଶେ ୧୧ଟି କ୍ଷମତାପନ୍ନ ଗୋଷ୍ଠୀ ଗଠନ କରିଥିଲେ । ପରେ ସେପ୍ଟେମ୍ବର ୧୧ ତାରିଖରେ ବୃହତର ଦାୟିତ୍ୱ ସହିତ ଏହାକୁ ୬ଟି ଗୋଷ୍ଠୀରେ ପୁନର୍ଗଠିତ କରାଯାଇଥିଲା । ସମ୍ପୃକ୍ତ ମନ୍ତ୍ରଣାଳୟଗୁଡିକର ପ୍ରମୁଖ ଅଧିକାରୀ ଓ ସଚିବଙ୍କ ନେତୃତ୍ୱରେ ବିଶେଷଜ୍ଞ ଗୋଷ୍ଠିଗୁଡିକ କୋଭିଡ ପରିଚାଳନା ଓ ମେଡିକାଲ ଚିକିତ୍ସା ବ୍ୟବସ୍ଥାଠାରୁ ଆରମ୍ଭ କରି, ଲଜିଷ୍ଟିକ୍ସ ପରିଚାଳନା ଏବଂ ଅକ୍ସିଜେନ ଯୋଗାଣ ଓ ଏହାର ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

ଅକ୍ସିଜେନ ଯୋଗାଣ ବୃଦ୍ଧି

100 ୧୦୦ଟି ଅକ୍ସିଜେନ ଏକ୍ସପ୍ରେସ ମାଧ୍ୟମରେ ମେ ୧୩ ତାରିଖ ପର୍ଯ୍ୟନ୍ତ ୨୫ ଦିନର ସମୟ ମଧ୍ୟରେ ୭,୧୧୫ ଟନ୍ ତରଳ ମେଡିକାଲ ଅକ୍ସିଜେନ୍ ଯୋଗାଇ ଦିଆଯାଇଛି ।

1000 ୧୫ ଦିନ ମଧ୍ୟରେ ମେଡିକାଲ ଅକ୍ସିଜେନ ଉତ୍ପାଦନରେ ୧୦୦୦ଟନ୍ ବୃଦ୍ଧି ଘଟିଛି ।

- ଭାରତୀୟ ବାୟୁ ସେନା (ଆଇଏଏଫ) କୋଭିଡ ରୋଗୀମାନଙ୍କ ନିମନ୍ତେ ଅକ୍ସିଜେନ୍ ଯୋଗାଣକୁ କାର୍ଯ୍ୟକ୍ଷମ କରିବା ପାଇଁ ଅନେକଗୁଡିଏ ରିଲିଫ ଉଡାଣ ଚଳାଇଛି । ଏହି ପଦକ୍ଷେପରେ ଭାରତୀୟ ନୌସେନା ଆଇଏଏଫ ସହ ସାମିଲ ହୋଇଛି । ଭାରତୀୟ ବାୟୁ ସେନା ବିରାଟ ଅକ୍ସିଜେନ କଣ୍ଟେନରଗୁଡିକୁ ଆକାଶମାର୍ଗରେ ଅସହାୟ ଲୋକଙ୍କ ନିକଟରେ ପହଞ୍ଚାଉଛି । ବିଦେଶରୁ ଅଣାଯାଇଥିବା ଅକ୍ସିଜେନ କଣ୍ଟେନର ଓ ଅନ୍ୟାନ୍ୟ ମେଡିକାଲ ସରଞ୍ଜାମର ଯୋଗାଣ କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ରହିଛି ।
- ସ୍ଥଳ ସେନା ମଧ୍ୟ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି । ଗତବର୍ଷ 'ସମୁଦ୍ର ସେତୁ' ଅଭିଯାନରେ ଏକ ଗୁରତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭାରତୀୟ ଯୁଦ୍ଧ ପୋତ ଆଇଏନଏସ୍ ଜ୍ୱାଲା ଇଷ୍ଟର୍ଣ୍ଣ କମାଣ୍ଡରେ ଅକ୍ସିଜେନ୍ ଯୋଗାଣ ଦାୟିତ୍ୱ ହାତକୁ ନେଇଛି । ଆଇଏନଏସ୍ ତଲୱାର ୪୦ ମେଟ୍ରିକ ଟନର ଅକ୍ସିଜେନ ବିଦେଶରୁ ଧରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି ।
- ଆଇଏନଏସ୍ କୋଲକାତା କୁଏତ୍, ଦୋହା ଓ କତାରରୁ ଅକ୍ସିଜେନ୍ କଣ୍ଟେନର ସଂଗ୍ରହ କରି କୋଭିଡ ଲଢେଇରେ ସାମିଲ ହୋଇଛି । ଇତି ମଧ୍ୟରେ, ଆଇଏନଏସ ଐରାବତ ଅକ୍ସିଜେନ କଣ୍ଟେନର ଆଣିବା ପାଇଁ ସିଙ୍ଗାପୁରରେ ପହଞ୍ଚିଛି। ଭାରତୀୟ ନୌସେନାର ଆଇଏନଏସ୍ କୋଚି, ତ୍ରିକାଣ୍ଡ ଏବଂ ତାୱର ମଧ୍ୟ ତରଳ ମେଡିକାଲ ଅକ୍ସିଜେନ କଣ୍ଟେନର ପରିବହନ ବୃଦ୍ଧି ପ୍ରୟାସରେ ସାମିଲ ହୋଇଛନ୍ତି ।
- ହାଲୁକା ଲଢୁଆ ବିମାନ (ଏଲସିଏ) ତେଜସ ନିମନ୍ତେ ଉଡାଣ କାଳରେ ଅକ୍ସିଜେନ୍ ପ୍ରସ୍ତୁତି ପାଇଁ ବିକଶିତ ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ଜ୍ଞାନକୌଶଳ ଉପଯୋଗ କରି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ସମଗ୍ର ଦେଶରେ ୫୦୦ ମେଡିକାଲ ଅକ୍ସିଜେନ୍ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା କରିବ । ଉଭୟ ସରକାରୀ ଓ ବେସରକାରୀ ଉଦ୍ୟୋଗ ଭାଗିଦାରୀରେ ଦେଶର ବିଭିନ୍ନ ଭାଗରେ ଏହିସବୁ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ପିଏମ୍ କେୟାର୍ସ ପାଣ୍ଠିରୁ ଏହି ପ୍ରକଳ୍ପକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ମେ ୧୦ ତାରିଖ ସୁଦ୍ଧା ଦିଲ୍ଲୀ-ଏନସିଆର ଅଂଚଳରେ ଏହିଭଳି ୫ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ସାରିଛି ।
- ଡିଆରଡିଓର ଅଧକ୍ଷ ସତୀଶ ରେଡ୍ଡିଙ୍କ କହିବା ଅନୁଯାୟୀ ଏହିସବୁ ପ୍ଲାଣ୍ଟରୁ ଗୋଟିଏ ମିନିଟରେ ପ୍ରାୟ ୧୦୦୦ ଲିଟର ଅକ୍ସିଜେନ୍ ଉତ୍ପାଦନ କରାଯାଇପାରିବ । ଏହି ବ୍ୟବସ୍ଥା ଜରିଆରେ ୧୯୦ ଜଣ ରୋଗୀଙ୍କୁ ଏକ ସମୟରେ ୫ ଲିଟର ଅକ୍ସିଜେନ୍ ଯୋଗାଇ ଦିଆଯାଇ ପାରିବ । ଏହି ବ୍ୟବସ୍ଥା ଜରିଆରେ ମଧ୍ୟ ୧୯୫ଟି ଖାଲି ଅକ୍ସିଜେନ୍ ସିଲିଣ୍ଡରକୁ ଭରାଯାଇପାରିବ ।

'ମିଶନ୍ ଭାକ୍ସିନ୍' ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

- ଭାରତ ଏବେ ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ ଚଳାଇଛି । ମେ ୧୩ ତାରିଖ ସୁଦ୍ଧା ୧୮ କୋଟିରୁ ଅଧିକ ବ୍ୟକ୍ତିଙ୍କର ଟିକାକରଣ ହୋଇଛି। ୧୮ରୁ ୪୪ ବର୍ଷ ବୟସ ମଧ୍ୟରେ ଥିବା ୩୪ ଲକ୍ଷରୁ ଅଧିକ ଲୋକଙ୍କୁ ମଧ୍ୟ ଟିକା ଦିଆଯାଇଛି ।
- ଦେଶରେ ପ୍ରତିଷେଧକର ସହଜ ଉପଲବ୍ଧତା ନିମନ୍ତେ କେନ୍ଦ୍ର ସରକାର ଏକ କାର୍ଯ୍ୟକ୍ଷମତା ପ୍ରସ୍ତୁତ କରିଛନ୍ତି । ଏବେ ଦେଶରେ ଲୋକମାନଙ୍କୁ ଭାରତ ବାୟୋଟେକର କୋଭାକ୍ସିନ ଏବଂ ସେରମ ଇନଷ୍ଟିଚ୍ୟୁଟର କୋଭିସିଲ୍ଡ ଟିକା ଦିଆଯାଉଛି । ୨୦୨୧ ଡିସେମ୍ବର ସୁଦ୍ଧା ଭାରତ ନିକଟରେ ଆଉ ୬ଟି ଟିକା ଉପଲବ୍ଧ ହେବ ।
- କୋଭିଡ ୧୯ ଟିକା ପ୍ରଶାସନ ଉପରେ ଗଠିତ ଜାତୀୟ ବିଶେଷଜ୍ଞ ଗୋଷ୍ଠୀର ଅଧ୍ୟକ୍ଷ ଡକ୍ଟର ଭି. କେ. ପଲଙ୍କ ମତରେ ଚଳିତ ବର୍ଷ ଅଗଷ୍ଟରୁ ଡିସେମ୍ବର ମାସ ମଧ୍ୟରେ ଭାରତ ପାଖରେ ୨୧୬ କୋଟି ଡୋଜର ଟିକା ଉପଲବ୍ଧ ରହିବ, ଯାହା ୯୫ କୋଟି ଦେଶବାସୀଙ୍କ ପାଇଁ ପର୍ଯ୍ୟାପ୍ତ ଅଟେ ।
- କୋଭାକ୍ସିନ ଓ କୋଭିସିଲ୍ଡ ପରେ ଋଷ ଦ୍ୱାରା ପ୍ରସ୍ତୁତ ସ୍ପୁଟନିକ-ଭିକୁ ଭାରତରେ ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହାଛଡା ବାୟୋ-ଇ, ଜାଇଡସ କ୍ୟାଡିଲା, ସେରମର ନୋଭାଭାକ୍ସ ପ୍ରତିଷେଧକ, ଭାରତ ବାୟୋଟେକର ନାସାଲ ଭାକ୍ସିନ୍ ଓ ଜେନୋଭାର ପ୍ରତିଷେଧକ ମାନବ ପରୀକ୍ଷଣର ତୃତୀୟ ପର୍ଯ୍ୟାୟରେ ରହିଛି ।

ଡିସେମ୍ବର ସୁଦ୍ଧା ୨ ବିଲିୟନ୍‌ରୁ ଅଧିକ ପ୍ରତିଷେଧକ

(କୋଟିରେ)

କୋଭିସିଲ୍ଡ	75
କୋଭାକ୍ସିନ୍	55
ବାୟୋ ଇ	30
ଜାଇଡସ କାଡିଲା	5
ନୋଭାଭାକ୍ସ	20
ନାସାଲ ଭାକ୍ସିନ	10
ଜେନୋଭା	6
ସ୍ପୁଟନିକ	15.6

କୋଭିଡ ଉପରେ ଗଠିତ ଜାତୀୟ କମିଟିର ସୁପାରିଶ କ୍ରମେ କୋଭିସିଲ୍ଡ ଟିକାର ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନକୁ ୬-୮ ସପ୍ତାହରୁ ୧୨-୧୬ ସପ୍ତାହକୁ ବୃଦ୍ଧି କରାଯାଇଛି । ତେବେ କୋଭାକ୍ସିନର ୨ ଡୋଜ ମଧ୍ୟରେ ବ୍ୟବଧାନ ଅପରିବର୍ତ୍ତିତ ରହିଛି ।

ଭାରତୀୟ ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ୨ରୁ ୧୮ ବର୍ଷ ବୟସ ବର୍ଗ ନିମନ୍ତେ କୋଭାକ୍ସିନର ମାନବ ପରୀକ୍ଷଣକୁ ଅନୁମତି ପ୍ରଦାନ କରିଛି । ଭାରତ ବାୟୋଟେକର ପ୍ରସ୍ତାବ କ୍ରମେ ବିଶେଷଜ୍ଞ କମିଟି ଏହି ପରୀକ୍ଷଣ ନିମନ୍ତେ ସୁପାରିଶ କରିଛି । ଭାରତ ହେଉଛି ବିଶ୍ୱର ଦ୍ରୁତତମ ଟିକାକରଣ କରାଉଥିବା ଦେଶ, ଯାହା ୧୧୪ ଦିନ ମଧ୍ୟରେ ୧୭ କୋଟି କୋଭିଡ-୧୯ ଟିକା ପ୍ରଦାନ କରିଛି। ଆମେରିକା ୧୧୫ ଦିନରେ ଏହି ଲକ୍ଷ୍ୟ ହାସଲ କରିଥିବାବେଳେ ଚୀନ୍‌କୁ ଏହି କୀର୍ତ୍ତୀମାନ ସ୍ଥାପନ କରିବା ପାଇଁ ୧୧୯ ଦିନ ଲାଗିଛି ।

କରୋନା ବିରୋଧି ସଂଗ୍ରାମରେ ୭୫ରୁ ଅଧିକ ଟିମ୍ ମୁତୟନ ରହି ପ୍ରତିଷେଧକ ଓ ଅକ୍ସିଜେନ ପରିଚାଳନା ବ୍ୟତୀତ କେନ୍ଦ୍ର ଓ ରାଜ୍ୟଗୁଡିକ ମଧ୍ୟରେ ସୁସମନ୍ୱୟ ସୁନିଶ୍ଚିତ କରୁଛନ୍ତି ।

ଏହି ଗୋଷ୍ଠୀ ମଧ୍ୟ ଘରୋଇ କ୍ଷେତ୍ର, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଆନ୍ତର୍ଜାତୀୟ ସଂଗଠନ ସହ ସମନ୍ୱୟ ରକ୍ଷା ସହିତ ଆର୍ଥିକ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ ଓ କୋଭିଡ ସହ ଜଡିତ ଆଚରଣଗତ ସମସ୍ୟାଗୁଡିକର ସମାଧାନ କରୁଛି ।

ଏହି କ୍ଷମତାପନ୍ନ ଗୋଷ୍ଠୀଗୁଡିକୁ ଉପଗୋଷ୍ଠୀ ତଥା କେନ୍ଦ୍ର ସରକାରଙ୍କ ଅଧିକାରୀଗଣ ଓ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ଟିମ୍ ସହାୟତା ଯୋଗାଇ ଦେଉଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ କହିବା ଅନୁଯାୟୀ କେନ୍ଦ୍ର ସରକାରଙ୍କ କୋଭିଡ ପରିଚାଳନା କାର୍ଯ୍ୟଗୁଡିକ ପରାମର୍ଶ ଓ ମାର୍ଗଦର୍ଶିକା ପ୍ରଦାନ କରିବାରେ ସିମୀତ ନୁହେଁ । ଅଧିକାଂଶ କ୍ଷେତ୍ରରେ କେନ୍ଦ୍ର ସରକାର ଉଚ୍ଚସ୍ତରୀୟ ତଦାରଖ ଟିମ୍ ନିଯୁକ୍ତ କରିଛନ୍ତି, ଯେଉଁ ଟିମଗୁଡିକ ଏହି ରୋଗର ଫଳପ୍ରଦ ନିୟନ୍ତ୍ରଣ ଓ ମୁକାବିଲା ନିମନ୍ତେ ସ୍ଥିର କରାଯାଇଥିବା ପଦକ୍ଷେପଗୁଡିକର କାର୍ଯ୍ୟାନ୍ୱୟନ ବ୍ୟତୀତ ଏ ଦିଗରେ ରାଜ୍ୟଗୁଡିକର ପ୍ରସ୍ତୁତିର

୨,୫୦୦ ପରୀକ୍ଷାଗାରରେ ୩୧ କୋଟିରୁ ଅଧିକ ନମୁନା ପରୀକ୍ଷା କରାଯାଇଛି । ଦୈନିକ ପରୀକ୍ଷଣ ହାର ୧୬ ଲକ୍ଷରୁ ଅଧିକ ।

ମଧ୍ୟ ସମୀକ୍ଷା କରିଥାଆନ୍ତି । ୨୦୨୦ ମସିହା ସେପ୍ଟେମ୍ବରଠାରୁ କେନ୍ଦ୍ର ସରକାରଙ୍କ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନେଇ ଗଠିତ ୭୫ରୁ ଅଧିକ ଉଚ୍ଚସ୍ତରୀୟ ଟିମକୁ ବିଭିନ୍ନ ରାଜ୍ୟରେ ନିୟୋଜିତ କରାଯାଇଛି । ଏମାନଙ୍କଠାରୁ ପ୍ରାପ୍ତ ସୂଚନା କେନ୍ଦ୍ର ଓ ରାଜ୍ୟଗୁଡିକ ମଧ୍ୟରେ ପ୍ରସ୍ତୁତି ଓ ରଣନୀତି ଭିତରେ ଥିବା ତାରତମ୍ୟକୁ ଚିହ୍ନଟ କରିବାରେ ସହାୟକ ହେଉଛି ।

କୋଭିଡ ରୋଗୀଙ୍କଠାରେ ବ୍ଲାକ୍ ଫଙ୍ଗସ ସୃଷ୍ଟି କରିଥିବା ଆହ୍ୱାନର ମୁକାବିଲା ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଭିନ୍ନ

କୋଭିଡ ସଂକ୍ରମିତଙ୍କଠାରେ ଦେଖାଯାଉଥିବା ବ୍ଲାକ ଫଙ୍ଗସ ଆହ୍ୱାନର ମୁକାବିଲା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି

ମାର୍ଗଦର୍ଶିକା ଜାରି କରିଛି ।

ଅକ୍ସିଜେନ ପ୍ଲାଣ୍ଟ ନିକଟବର୍ତ୍ତୀ ଅଞ୍ଚଳରେ ଅସ୍ଥାୟୀ ହସ୍ପିଟାଲପ୍ରତିଷ୍ଠା ପାଇଁ ଯୋଜନା

ଦେଶ କୋଭିଡ ମହାମାରୀର ଦ୍ୱିତୀୟ ଲହରର ସାମନା କରି ଚାଲିଥିବାବେଳେ ସରକାର କରୋନା ରୋଗୀଙ୍କ ପାଇଁ ଅକ୍ସିଜେନ ଯୋଗାଣକୁ ବୃଦ୍ଧି କରୁଛନ୍ତି । ସରକାର ଇସ୍ପାତ କାରଖାନା, ପେଟ୍ରୋ କେମିକାଲ ୟୁନିଟ ସହିତ ସଂଯୁକ୍ତ ବିଶୋଧନାଗାର, ଇନ୍ଧନ ସମୃଦ୍ଧ ଦହନ ବ୍ୟବହାରକାରୀ ଶିଳ୍ପ, ନିଜର ଉତ୍ପାଦନ ଆବଶ୍ୟକତା ନିମନ୍ତେ ଅକ୍ସିଜେନ ବ୍ୟବହାର କରୁଥିବା ପାୱାର ପ୍ଲାଣ୍ଟ ଆଦି କାରଖାନାଗୁଡିକୁ ଏବେ ଚିହ୍ନଟ କରୁଛନ୍ତି । ଏବେ ଏହି କାରଖାନାଗୁଡିକରେ ଉତ୍ପାଦିତ ହେଉଥିବା ଅକ୍ସିଜେନକୁ କୋଭିଡ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ବ୍ୟବହାର କରାଯାଉଛି । ଉତ୍ସାହଜନକ ଫଳାଫଳ ପ୍ରଦର୍ଶନ କରିବା ଆରମ୍ଭ କରିଥିବା ୫ଟି ସଂସ୍ଥାରେ ସରକାର ଏକ ଆଗୁଆ ପ୍ରକଳ୍ପ ଭାବରେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ସରକାର ଅକ୍ସିଜେନ ଉତ୍ପାଦନକାରୀ କାରଖାନାର ଅତି ନିକଟବର୍ତୀ ଅଞ୍ଚଳରେ ୧୦,୦୦୦ ଶଯ୍ୟାର ଅସ୍ଥାୟୀ ହସପିଟାଲ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ଯୋଜନା ଅଧିନରେ ଅକ୍ସିଜେନ ଶଯ୍ୟା ସୁବିଧା ବୃଦ୍ଧି ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି ।

ମାନସିକ ଚାପରୁ ସୁରକ୍ଷା ପାଇଁ ଟୋଲ-ଫ୍ରି ହେଲ୍ପଲାଇନ୍

ଯଦି ଆପଣ ମାନସିକ ଚାପର ବଶବର୍ତୀ ଅଥବା କେହି ନିଜ ଲୋକକୁ ହରାଇବା ପରେ ନିଦ୍ରା ଯିବାରେ ଅସୁବିଧା ଅନୁଭବ କରୁଛନ୍ତି ତେବେ ଏହି ଟୋଲ ଫ୍ରି ହେଲ୍ପଲାଇନ୍ ଆପଣଙ୍କୁ ବହୁମାତ୍ରାରେ ସାହାଯ୍ୟ କରିପାରିବ । ଯେତେବେଳେ ବି ଆପଣ କୌଣସି ସାମାଜିକ, ମାନସିକ କିମ୍ବା ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟାର ସମୁଖୀନ ହେବେ ତାହାହେଲେ ତୁରନ୍ତ ଜାତୀୟ ଟୋଲ ଫ୍ରି ହେଲ୍ପଲାଇନ୍ ନମ୍ବର ୦୮୦-୪୬୧୧୦୦୦୭କୁ କଲ୍ କରନ୍ତୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋଭିଡ ମହାମାରୀର ସଦ୍ୟତମ ସ୍ଥିତି ସମ୍ପର୍କରେ ୟୁରୋପିୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେୟେନଙ୍କ ସହ ଆଲୋଚନା କରିଛନ୍ତି । ପୂର୍ବରୁ ବ୍ରିଟେନ୍, ଜାପାନ ଓ ଋଷର ରାଷ୍ଟ୍ରମୁଖ୍ୟଙ୍କ ସମେତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ଅନ୍ୟାନ୍ୟ ବିଶ୍ୱ ନେତୃବୃନ୍ଦଙ୍କ ସହ ସେ କଥା ହୋଇଛନ୍ତି । ବିଦେଶରୁ ମିଳୁଥିବା ମେଡିକାଲ ଉପକରଣ ଏବଂ ଅନ୍ୟାନ୍ୟ ସୁବିଧାଗୁଡିକୁ ରାଜ୍ୟଗୁଡିକ ନିକଟକୁ ପଠାଇ ଦିଆଯାଇଛି । ଏପ୍ରିଲ୍ ୨୭ ତାରିଖରୁ ମେ ୧୨ ତାରିଖ ମଧ୍ୟରେ ମୋଟ ୯,୨୯୪ଟି ଅକ୍ସିଜେନ୍ କନସେନଟ୍ରେଟର, ୧୧,୮୩୫ଟି ଅକ୍ସିଜେନ ସିଲିଣ୍ଡର, ୧୯ଟି ଅକ୍ସିଜେନ୍ ଜେନେରେସନ୍ ପ୍ଲାଣ୍ଟ, ୬,୪୩୯ଟି ଭେଣ୍ଟିଲେଟର/ବିଆଇପିଏପି ଏବଂ ପ୍ରାୟ ୪.୨୨ଲକ୍ଷ ରେମଡେସିଭିର ଇଞ୍ଜେକସନ୍ ବିଭିନ୍ନ ରାଜ୍ୟକୁ ପଠାଇ ଦିଆଯାଇଛି ।

ଇଏସଆଇସିର କୋଭିଡ ହସପିଟାଲଗୁଡିକ ମଧ୍ୟ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି

- ସମଗ୍ର ଦେଶର ୩୦ଟି ଇଏସଆଇସି ହସପିଟାଲକୁ କୋଭିଡ ହସପିଟାଲରେ ପରିଣତ କରାଯାଇଛି ।
- ଏସବୁରେ ମୋଟ ୪,୨୦୦ ଶଯ୍ୟା ରହିଛି । ଏହାଛଡା ଦେଶର ସମସ୍ତ ନାଗରିକଙ୍କ ପାଇଁ ଏସବୁଥିରେ ୩୦୦ ଆଇସିୟୁ ଏବଂ ୨୫୦ ଭେଣ୍ଟିଲେଟରଯୁକ୍ତ ଶଯ୍ୟା ମଧ୍ୟ ଉପଲବ୍ଧ ଅଛି ।
- ଏହିସବୁ ହସପିଟାଲରେ ଶଯ୍ୟାର ଉପଲବ୍ଧତା ସମ୍ପର୍କରେ ସୂଚନା ପାଇଁ ଏକ ଡ୍ୟାସବୋର୍ଡ ସୃଷ୍ଟି କରାଯାଇଛି ।
- ମେ ମାସରେ ଦିଲ୍ଲୀ ଏନସିଆର ଅଞ୍ଚଳସ୍ଥିତ ୨ଟି ହସପିଟାଲରେ ଇଏସଆଇସି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଛି । ସେଥିରୁ ଗୋଟିଏ ଫରିଦାବାଦର ଇଏସଆଇସି ହସପିଟାଲ ଓ ମେଡିକାଲ କଲେଜରେ ସ୍ଥାପିତ ହୋଇଥିବାବେଳେ ଅନ୍ୟଟି ନୂଆଦିଲ୍ଲୀର ଝିଲମିଲ ସ୍ଥିତ ଇଏସଆଇସି ହସପିଟାଲରେ ସ୍ଥାପିତ ହୋଇଛି ।

ଡିଆରଡିଓର କୋଭିଡ-ନିରୋଧି ଔଷଧ 2ଡିଜି ଲୋକାର୍ପିତ

ଜରୁରୀକାଳୀନ ବ୍ୟବହାର ନିମନ୍ତେ ମେ ୧୭ ତାରିଖ ଦିନ ଡିଆରଡିଓର କୋଭିଡ୍-ନିରୋଧି ଔଷଧ 2ଡିଜିର ଲୋକାର୍ପଣ କରାଯାଇଛି । ଏକ ପୁଡିଆରେ ପାଉଡର ରୂପରେ ଉପଲବ୍ଧ ଏହି ଔଷଧକୁ ରୋଗୀମାନଙ୍କୁ ପାଣିରେ ମିଶାଇ ସେବନ କରିବାକୁ ହେବ । ପରୀକ୍ଷାର ସମୟରେ ଏହା ଅତ୍ୟନ୍ତ ଉତ୍ସାହଜନକ ଫଳାଫଳ ପ୍ରଦର୍ଶନ କରିଛି । ଡିଆରଡିଓ ମୁଖ୍ୟ ଜି. ସତୀଶ ରେଡ୍ଡୀଙ୍କ କହିବା ଅନୁଯାୟୀ ଜୁନ୍ ମାସ ସୁଦ୍ଧା ଏହି ଔଷଧ ପ୍ରତ୍ୟେକ ସ୍ଥାନରେ ଉପଲବଧ ହେବ ।

ପ୍ରକୃତି ରକ୍ଷତି ରକ୍ଷିତ

ଅର୍ଥାତ ପ୍ରକୃତି ନିଜେ ସୁରକ୍ଷିତ ରହିଲେ ଅନ୍ୟକୁ ସୁରକ୍ଷା ଦିଏ

ନିର୍ମଳ ପରିବେଶ ସିଧାସଳଖ ଆମ ଜୀବନ ଓ ଆମ ପିଲାଙ୍କ ଭବିଷ୍ୟତ ସହ ଜଡିତ । ନଦୀ ପରିସ୍କାର ରହିବ, ପଶୁପକ୍ଷୀ ମୁକ୍ତଭାବେ ଜୀବନ ବିତାଇବେ, ଆକାଶ ନିର୍ମଳ ରହିବ ଓ ସମସ୍ତେ ପ୍ରକୃତି ସହ ସଦ୍‌ଭାବ ରକ୍ଷା କରିବେ- ଏହା ହିଁ କୋଭିଡବୈଶ୍ୱିକ ମହାମାରୀ ଆମକୁ ଶିକ୍ଷା ଦେଉଛି । ଲକ୍‌ଡାଉନ କାଳରେ ଯେତେବେଳେ ଜୀବନ ସ୍ଥିର ହୋଇଥିଲା, ପ୍ରକୃତି ଯେପରି ସତେ ସୁସ୍ଥ ହୋଇ ନବଯୌବନ ପ୍ରାପ୍ତ କଲା । ଆୟୁର୍ବେଦ ଓ ଯୋଗପରି ବିଜ୍ଞାନ ଯାହା ପ୍ରକୃତି କୋଳରେ ବଢିଛି ତାହା ଜନସାଧାରଣଙ୍କ ଜୀବନ ରେଖା ପାଲଟିଗଲା । ପରିବେଶର ସୁରକ୍ଷା କଲେ ଯାଇ ବିକାଶ ହୋଇପାରିବ, ଭାରତୀୟ ସଂସ୍କୃତି ସେଥିରେ ବିଶ୍ୱାସ କରେ । ଆମେ ପ୍ରକୃତିର ଉପାସକ । ଜୁନ ୫ତାରିଖ, ଯେଉଁଦିନ ଆମେ ବିଶ୍ୱ ପରିବେଶ ଦିବସ ପାଳନ କରୁ ବା ଜାଣୁ ଯେ ଭାରତ ବୈଶ୍ୱିକ ନେତୃତ୍ୱ ନେଇଛି ପରିବେଶ ସୁରକ୍ଷା ଓ ନିର୍ମଳ ଶକ୍ତି ପାଇଁ ସେତେବେଳେ ଆମର ଏକାନ୍ତ ଦାୟିତ୍ୱ ହେଉଛି ପ୍ରକୃତିର ସୁରକ୍ଷା ଓ ସହାବସ୍ଥାନ ।



ଜାମସେଦପୁର ସୋନାରୀର ୫୩ବର୍ଷୀୟ ବଲଜିତ ସିଂ ଜଣେ ଶ୍ୱାସରୋଗୀ । ଜଳବାୟୁ ପରିବର୍ତ୍ତନ ହେବା ମାତ୍ରେ ବଲଜିତ୍‌ଙ୍କୁ ହସ୍‌ପିଟାଲରେ ଭର୍ତ୍ତି ହେବାକୁ ପଡେ । ମାତ୍ର କୋଭିଡ ଲକ୍‌ଡାଉନ କାଳରେ ବଲଜିତ୍‌ଙ୍କୁ ନିଶ୍ୱାସପ୍ରଶ୍ୱାସ ନେବାରେ କୌଣସି ଅସୁବିଧା ହେଲା ନାହିଁ। ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କର ଚିକିତ୍ସା ବାବଦ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଲା । ପୂର୍ବରୁ ଜାମସେଦପୁରରେ ନିଶ୍ୱାସ ପ୍ରଶ୍ୱାସ ଜନିତ ସମସ୍ୟା ଲାଗି ପ୍ରତି ମାସରେ ପାଞ୍ଚ ଶହ ବ୍ୟକ୍ତି ବିଭିନ୍ନ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ । ହେଲେ ଲକ୍‌ଡାଉନ କାଳରେ ଏହି ସଂଖ୍ୟା ମାସିକ ୧୨୫କୁ ଖସି ଆସିଲା ।

ରୋଗୀସଂଖ୍ୟା ଶତକଡା ୭୫ଭାଗ ଖସି ଆସିବା ସହ ଔଷଧ ବିକ୍ରି ମଧ୍ୟ ପ୍ରାୟ ଶତକଡା ୫୫ଭାଗ ହ୍ରାସ ପାଇଲା । ଜାମସେଦପୁର ଔଷଧ ବିକ୍ରେତା ସଂଘର କହିବାନୁସାରେ ଶ୍ୱାସ ପାଇଁ ବ୍ୟବହୃତ ଔଷଧ ଯଥା ଥିଓଫାଇଲିନ, ସଲବୁଟାମଲ ଓ ଇନ୍‌ହେଲର ବିକ୍ରୀ ମଧ୍ୟ ଜାମସେଦପୁରରେ ହ୍ରାସ ପାଇଲା। ଲକ୍‌ଡାଉନ ଆଗରୁ ମାସିକ ବିକ୍ରୀ ୯୦ଲକ୍ଷରୁ ଏକ କୋଟି ପର୍ଯ୍ୟନ୍ତ ହେଉଥିବାବେଳେ ଗତ ଏପ୍ରିଲ ସୁଦ୍ଧା ଏହା ୪୦ଲକ୍ଷକୁ ହ୍ରାସ ପାଇଲା । ଲକ୍‌ଡାଉନ କାଳରେ କଟକଣା ଯୋଗୁଁ ଜୀବନ ଠପ୍ ହୋଇଗଲେ ମଧ୍ୟ ଆମର ଉନ୍ନତ ବିବିଧତା ଓ ଜୈବ ବିବିଧତା ପାଇଁ ଏହା ଏକ ସୁଯୋଗ ଆଣିଦେଲା । ଅନେକ ପକ୍ଷୀ ଯେଉଁଗୁଡିକ ପ୍ରଦୂଷଣ ଓ ଶବ୍ଦ ଲାଗି ଅଦୃଶ୍ୟ ହୋଇଯାଇଥିଲେ ଅନେକ ବର୍ଷ ପରେ ସେମାନେ ପୁଣି ଦୃଶ୍ୟମାନ ହେଲେ । ଅନେକ ସ୍ଥାନରେ ପଶୁମାନେ ମଧ୍ୟ ନିର୍ଭୟରେ ଆତଯାତ ହେବା ଦେଖିବାକୁ ମିଳିବା ସହ ଗଙ୍ଗାନଦୀ ଜଳ ଓ ଅତ୍ୟନ୍ତ ପ୍ରଦୂଷିତ ଜମୁନା ନଦୀ ଜଳ ସତେ ଯେପରି ନବଯୌବନ ଫେରିପାଇଲେ । ଅନେକ ଲୋକ ସାମାଜିକ ଗଣମାଧ୍ୟମରେ ତାଙ୍କ ଘରଠାରୁ ଅନତି ଦୂରରେ ଥିବା ଚିତ୍ରମାନ ସେୟାର କରିବାକୁ ଲାଗିଲେ । ପ୍ରକୃତି କୋଳରେ ଥିବା ନୈନିତାଲ ଓ ଭୀମତାଲ ପ୍ରଭୃତି ଅଞ୍ଚଳରେ ପାଣି ମଧ୍ୟ ସ୍ୱଚ୍ଛ ଓ ପରିସ୍କାର ଦେଖାଗଲା । ଯେତେବେଳେ ଆକାଶ ଓ ବାୟୁମଣ୍ଡଳ ପରିସ୍କାର ସେତେବେଳେ ପ୍ରଦୂଷିତ ଅଞ୍ଚଳରେ କ୍ଷତିକାରଣ ଧୂଳିକଣାଗୁଡିକ ମଧ୍ୟ ହଠାତ୍ ହ୍ରାସ ପାଏ। ବାୟୁର ଗୁଣାତ୍ମକ ସୂଚୀ ସହରଗୁଡିକରେ ବୃଦ୍ଧି ପାଇବା ସହ ବାୟୁରେ ଖରାପ ସ୍ତର ମଧ୍ୟ ଭଲ ହୋଇଯାଏ। ଏନଏଏସଏର ରିପୋର୍ଟ ଅନୁସାରେ ଉତର ଭାରତର ବାୟୁ ପ୍ରଦୂଷଣ କୋଡିଏ ବର୍ଷ ତଳକୁ ଖସିଯାଇଥିଲା ଲକ୍‌ଡାଉନ କାଳରେ । କୋଭିଡ ବୈଶ୍ୱିକ ମହାମାରୀ କିଛି ସମୟ ପାଇଁ ଜୀବନକୁ ଅସ୍ଥିର କରିଦେଇଛି ସତ, ହେଲେ ବର୍ତ୍ତମାନ ପରିବେଶ ଓ ନିରାପତ୍ତାର ଗୁରୁତ୍ୱ ଉପଲବ୍ଧ କରିବାର ପ୍ରକୃତ ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ପରିବେଶ ବିଶେଷଜ୍ଞମାନେ ମଧ୍ୟ ବୁଝିଲେଣି ଯେ ଦିଲ୍ଲୀ-ମୁମ୍ବାଇ, ପୁଣେ, ଅହମ୍ମଦାବାଦ, ପ୍ରଦୂଷଣ ମୁକ୍ତ ଯେ ହୋଇପାରିବ ସେ କଥା

> **"ମାତୃଭୂମି ପୁତ୍ରୋହମ ପୃଥିବ୍ୟା**
>
> ବେଦ କହେ ପୃଥିବୀ ପାଇଁ ଆମ ମଧ୍ୟରେ ପବିତ୍ରତା ରହିଛି । ପୃଥିବୀ ଆମର ମାଆ ଓ ଆମେ ସମସ୍ତେ ତା'ର ସନ୍ତାନ । ଯଦି ଆମେ ବୁଦ୍ଧଙ୍କ କଥା ସ୍ମରଣ କରିବା ତାଙ୍କ ଜନ୍ମ, ଦିବ୍ୟଜ୍ଞାନ ଲାଭ ଓ ମହାପରିନିର୍ବାଣ ସମସ୍ତ ଗଛ ତଳେ ହିଁ ହୋଇଥିଲା । ଆମର ଅନେକ ପର୍ବପର୍ବାଣୀ ଓ ଧାର୍ମିକ ରୀତିନୀତି ପ୍ରକୃତିର ଉପାସନା ଓ ଭଲ ପାଇବା ଉପରେ ପର୍ଯ୍ୟବେସିତ ଓ ତାହା ଆମ ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଯାଇଛି। ଶିକ୍ଷିତ, ଅଶିକ୍ଷିତ, ଗ୍ରାମାଞ୍ଚଳ ସହର ଓ ଏପରିକି ଆଦିବାସୀଙ୍କ ଜୀବନରେ ମଧ୍ୟ ଏହା ପ୍ରତିଫଳିତ ହୋଇଛି । ମାତ୍ର ଏହାକୁ ଆମେ ଆଧୁନିକ ଭାଷା ଓ ଆଧୁନିକ ଯୁକ୍ତି ସହ ସମନ୍ୱିତ କରିବାକୁ ହେବ ।
>
> **-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ମହାତ୍ମାଗାନ୍ଧୀ କହିଥିଲେ ପ୍ରକୃତି ମଣିଷର ଆବଶ୍ୟକତା ପୂରଣ କରିପାରିବ ମାତ୍ର ତା'ର ଲୋଭକୁ ନୁହଁ ।

ଲୋକେ ସହଜରେ ବିଶ୍ୱାସ କରିବାକୁ ଆରମ୍ଭ କଲେଣି । ମୁକ୍ତ ବାୟୁ ସେବନ କ'ଣ ସେକଥା ଲୋକମାନେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ।

ମହାତ୍ମାଗାନ୍ଧୀ କହିଥିଲେ ପ୍ରକୃତି ମଣିଷର ଆବଶ୍ୟକତା ପୂରଣ କରିପାରିବ ମାତ୍ର ତା'ର ଲୋଭକୁ ନୁହଁ ।

ଏହି ସମୟ ମଧ୍ୟରେ ପ୍ରଦୂଷଣ କେବଳ ଭାରତବର୍ଷ ନୁହଁ ସମଗ୍ର ବିଶ୍ୱରେ ହ୍ରାସ ପାଇଛି । ଆନ୍ତର୍ଜାତିକ ଶକ୍ତି ସଂସ୍ଥା ଆଇଇଏର ସର୍ବଶେଷ ବୈଶ୍ୱିକ ଶକ୍ତି ସମୀକ୍ଷା ୨୦୨୧ ଅନୁସାରେ ୨୦୨୦ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ରେକର୍ଡ କରିଛି । ୨୦୨୦ରେ ଅଙ୍ଗାରକାମ୍ଳ ନିର୍ଗମନ ଶତକଡା ୫.୮ ଭାଗ ବା ପ୍ରାୟ ଦୁଇ

ଗତବର୍ଷ କୋଭିଡ ଲକ୍‌ଡାଉନ କାଳରେ ଆମେ ପ୍ରକୃତିର ଭିନ୍ନ ରୂପ ଦେଖିଥିଲୁ, ଆମେ ଦେଖିଥିଲୁ ପ୍ରକୃତିର ଅପୂର୍ବ ବର୍ଣ୍ଣଚ୍ଛଟା

ଗିଗାଟନକୁ ହ୍ରାସ ପାଇଛି ଯାହାକି ସର୍ବକାଳୀନ ସର୍ବନିମ୍ନ ଧରାଯାଇପାରେ ।

ଆଜିର ସବୁଠାରୁ ବଡ ଆହ୍ୱାନ ପରିବେଶ ଭାରସାମ୍ୟ

ଗୋଟିଏ ପ୍ରାଚୀନ କଥା ଅନୁସାରେ "ପୃଥିବୀକୁ ଭଲ ବ୍ୟବହାର ଦେଖାଅ, ଏହା ତୁମର ପୂର୍ବ ପୁରୁଷଙ୍କ ଇଚ୍ଛାପତ୍ର ନୁହେଁ, ତୁମ ପିଲାମାନଙ୍କ କରଜ" । ସଭ୍ୟତାର ଉନ୍ମେଷ କାଳରୁ ହିଁ ମଣିଷ ପ୍ରକୃତି ଉପରେ ନିର୍ଭର କରି ଆସିଛି। ଖାଦ୍ୟ, ବାସ ଓ ପରିଧାନ ପାଇଁ ମଣିଷକୁ ପ୍ରକୃତି ସହାୟତା କରିଆସିଛି । ଭାରତରେ ପରିବେଶ ସହ ସଂଶ୍ଳିଷ୍ଟ ହେବା ବୈଦିକ ଯୁଗରୁ ରହି ଆସିଛି । ଋଷିମାନେ ବାୟୁମଣ୍ଡଳକୁ ସ୍ୱଚ୍ଛ ରଖିବା ନିମନ୍ତେ ଯଜ୍ଞ କରୁଥିଲେ । ହରପ୍ପା ସଭ୍ୟତା ପ୍ରକୃତି ସହ ଓତଃପ୍ରୋତଭାବେ ଜଡିତ । ପ୍ରକୃତିର ପାଞ୍ଚଟି ମୁଖ୍ୟ ଉପାଦାନ ପୃଥିବୀ,ଜଳ, ଅଗ୍ନି, ବାୟୁ ଓ ମହାକାଶକୁ ଭାରତୀୟମାନେ ପବିତ୍ର ତଥା ଭଗବାନଙ୍କ ଅଂଶବିଶେଷଭାବେ ମାନି ଆସୁଛନ୍ତି । ସେଥିପାଇଁ ପ୍ରାଚୀନ ସଭ୍ୟତାଗୁଡିକର ଉନ୍ମେଷ ନଦୀକୂଳରେ ହେବା ସହ ବିକଶିତ ମଧ୍ୟ ହୋଇଥିଲା । ବେଦଠାରୁ ଆରମ୍ଭ କରି ଶ୍ରୀମଦ୍ ଭଗବତ ଗୀତା, କୋରାନ୍, ବାଇବେଲ, ଶ୍ରୀଗୁରୁ ଗ୍ରନ୍ଥ ସାହିବ ସବୁଥିରେ ପରିବେଶ ସୁରକ୍ଷାର ବାର୍ତ୍ତା ରହିଛି। ଅନେକ କବି, ଗୀତିକାର, ନାଟ୍ୟକାର, ତିରୁଭାଲ୍ଲୁରଙ୍କ ପ୍ରସିଦ୍ଧ ସାମାଜିକ, ଆର୍ଥିକ, ନୈତିକ ଗ୍ରନ୍ଥ ତିରୁକୁଲ୍ଲାରରୁ କବୀର ଓ ରହିମ୍, ସୁମିତ୍ରାନନ୍ଦନ ପନ୍ତଙ୍କଠାରୁ ଜୟଶଙ୍କର ପ୍ରସାଦ ପ୍ରତ୍ୟେକ ନିଜର ଗୀତ, ଗଜଲ ଓ ପଂକ୍ତି ସବୁରେ ପ୍ରକୃତି ଓ ପରିବେଶ ସମ୍ପର୍କରେ କହିଛନ୍ତି ।

ମାତ୍ର ଅବାଧ ଶୋଷଣ ଓ ପ୍ରକୃତିକୁ ଧ୍ୱଂସ କରିବାରେ ଚିନ୍ତାହୀନ କାର୍ଯ୍ୟ ଯୋଗୁଁ ଆଜି ଜଳବାୟୁ ପରିବର୍ତ୍ତନ ବିଶ୍ୱ ଆଗରେ ସବୁଠାରୁ ବଡ ସମସ୍ୟା ଭାବେ ଉଭା ହୋଇଛି। ଏହାଛଡା ଏଥିସହ ସଂଶ୍ଳିଷ୍ଟ ଆହୁରି ଅନେକ ପ୍ରାକୃତିକ ପ୍ରକ୍ରିୟାକୁ ବର୍ଷସାରା ପ୍ରଭାବିତ କରିଛି ।

ବିଶ୍ୱବ୍ୟାପୀ କୋଟିରୁ ଅଧିକ ଲୋକ ଗତ ଛଅମାସ ମଧ୍ୟରେ ବନ୍ୟା, ମରୁଡି, ଝଡ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବାସଚ୍ୟୁତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡା ୬୦ଭାଗ ଏସୀୟ ମହାଦେଶର । ଆର୍ନ୍ତଜାତିକ ରେଡକ୍ରସ ମହାସଂଘ ଏବଂ ରେଡ କ୍ରିସେଣ୍ଟ ସୋସାଇଟି (ଆଇଏଫଆରସି) ପକ୍ଷରୁ ସେପ୍ଟେମ୍ବର ୨୦୨୦ରୁ ଫେବୃୟାରୀ ୨୦୨୧ ମଧ୍ୟରେ ଏହି ତଥ୍ୟ ସଂଗୃହୀତ ହୋଇଛି। ଏହି ଛ'ମାସ ମଧ୍ୟରେ ବିଶ୍ୱର ଅଧିକାଂଶ ଦେଶ କୋଭିଡ ମହାମାରୀ ଲକଡାଉନରୁ ମୁକ୍ତ ହୋଇଥିଲେ । ଏହି ସମୟରେ କଳକାରଖାନା ଇତ୍ୟାଦି ପୁଣି ସ୍ୱାଭାବିକତା ଆଡକୁ ଫେରିଆସୁଥିଲା । ଗତବର୍ଷ ମେ ରେ ଝଡ ଅମ୍ପନ ଯୋଗୁଁ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା ।

ଆଜି ଯେତେବେଳେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ବିଶ୍ୱପାଇଁ ଆହ୍ୱାନ ପାଲଟିଛି, ଭାରତ ନିରବଚ୍ଛିନ୍ନ ଭାବେ ଏ ଦିଗରେ କାର୍ଯ୍ୟ କରି ଚାଲିଛି । ୨୦୧୫ ପ୍ୟାରିସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ପ୍ରତି ଭାରତର ପରିବେଶ ଅଙ୍ଗୀକାରବଦ୍ଧତା ନେଇ ସୂଚନା ଦେଇଥିଲେ । ମାର୍ଚ୍ଚ ୨୦୨୧ରେ ଅନୁଷ୍ଠିତ ସେରାୱିକ ବୈଶ୍ୱିକ ଶକ୍ତି ଓ ପରିବେଶ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବର୍ତ୍ତମାନ ଦୁଇଟି ମୁଖ୍ୟ ଆହ୍ୱାନ । ଉଭୟ ଅଙ୍ଗାଙ୍ଗୀଭାବେ ଜଡିତ । ଏହାର ପ୍ରତିକାର ପାଇଁ ଦୁଇଟି ବାଟ ଅଛି । ଗୋଟିଏ ହେଲା ନୀତି, ଆଇନ, ନିୟମ ଓ ନିର୍ଦ୍ଦେଶ; ସେମାନଙ୍କ ଗୁରୁତ୍ୱ ମଧ୍ୟ ରହିଛି ।"

ପରିବେଶ ବିପ୍ଳବର ଅଗ୍ରଯାତ୍ରା

କେନ୍ଦ୍ର ସରକାର ପ୍ରତ୍ୟେକ ପରିବେଶ ସମ୍ପର୍କୀୟ ବିଷୟରେ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି । ସରକାରଙ୍କ ମୁଖ୍ୟ କାର୍ଯ୍ୟ

ନମାମି ଗଙ୍ଗେ ଗଙ୍ଗାନଦୀ ତଟରେ ଆଣିଛି ପରିବର୍ତ୍ତନ

- ସାଂସ୍କୃତିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣ ଯୋଗୁଁ ଦେଶରେ ଶତକଡା ୫୦ଭାଗ ଜନସଂଖ୍ୟା ଗଙ୍ଗା କୂଳରେ ବସବାସ କରନ୍ତି ।
- ଗଙ୍ଗାନଦୀକୁ ନୂତନ ରୂପ ଦେବା ପାଇଁ ନମାମି ଗଙ୍ଗେ ମିଶନ ୨୦୧୪ ମସିହାରେ ଆରମ୍ଭ କରାଯାଇଥିଲା ।
- ମିଶନ ଅଧୀନରେ ୩୦ହଜାର କୋଟି ଟଙ୍କା ବ୍ୟୟରେ ୩୦୫ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା । ସେଥିରୁ ଅଧିକାଂଶ ସମ୍ପୂର୍ଣ୍ଣ ହୋଇଛି ।
- ବର୍ଜ୍ୟବସ୍ତୁ ପରିଚାଳନା, ନଦୀତଟର ବିକାଶ, ମଶାଣିର ପୁନଃ ନିର୍ମାଣ, ଜୈବ ବିବିଧତା ସଂରକ୍ଷଣ ସହ ୨, ୩୦୦ କୋଟି ଟଙ୍କା ବ୍ୟୟରେ ଘାଟଗୁଡିକର ମରାମତି ଓ ତଟବର୍ତ୍ତୀ ଜଙ୍ଗଲର ସମ୍ପ୍ରସାରଣ ।
- ପ୍ରଦୂଷଣ କରୁଥିବା ଅନେକ କାରଖାନା ବନ୍ଦ କରାଯିବା ସହ ୧୩୦ଟି ନର୍ଦ୍ଦମାର ଜଳ ଯାହା ନଦୀରେ ପଡୁଥିଲା ତାହା ଏବେ ସିଧାସଳଖ ଜଳ ପରିଚାଳନା ପ୍ଲାଣ୍ଟକୁ ଯାଉଛି ।
- ନମାମି ଗଙ୍ଗେ ପ୍ରକଳ୍ପ ପ୍ରମାଣ କରିଦେଇଛି ଯେ ଦୃଢ ସଂକଳ୍ପ ଓ ଅଧବସାୟ ଲକ୍ଷ୍ୟ ଯେତେ ଦୁଃସାଧ ହେଲେ ମଧ୍ୟ ନିଶ୍ଚିତ ସଫଳତା ଆଣିଦିଏ ।

ନମାମି ଗଙ୍ଗେ ପ୍ରକଳ୍ପ ଅଧୀନରେ ନଦୀ ସମୁଖର ବିକାଶ, ବର୍ଜ୍ୟବସ୍ତୁ ପରିଚାଳନା ଓ ଜଙ୍ଗଲ ବୃଦ୍ଧି ପରିବେଶ ସୁରକ୍ଷା ଦୃଷ୍ଟିରୁ ଖୁବ୍ ମହତ୍ୱପୂର୍ଣ୍ଣ ।

ହେଉଛି ଜଳ, ଜଙ୍ଗଲ, ଭୂମି ଓ ବାୟୁ ପ୍ରତି ବିପଦ ସୃଷ୍ଟିକାରୀ ସବୁ ବାଧାବିଘ୍ନ ଦୂରକରିବା ଏବଂ ଅନ୍ୟଟି ହେଉଛି ଅକ୍ଷୟଶକ୍ତି ଭଳି ବିକଳ୍ପ ଶକ୍ତିର ଉପଯୋଗ। ସ୍ୱଚ୍ଛତା ଓ ବନ୍ୟପ୍ରାଣୀ ସଂରକ୍ଷଣକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଉଥିବାବେଳେ, ଉଜ୍ଜ୍ୱଳା ଓ ଉଜାଲା ଯୋଜନା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଁ ପାରମ୍ପରିକ ଇନ୍ଧନ ପ୍ରଚଳନ ହ୍ରାସ ଉପରେ ଗୁରୁତ୍ୱ ଦେଉଛନ୍ତି ।

ସ୍ୱଚ୍ଛ ଭାରତ ଅଭିଯାନ ପ୍ରଭାବଶାଳୀ ପ୍ରମାଣିତ

୨୦୧୪ମସିହାରେ ଲାଲକିଲ୍ଲାର ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଘୋଷଣା କଲେ ସେତେବେଳେ ଏହାକୁ କେହି ଏତେଟା ଗୁରୁତ୍ୱ ଦେଉ ନ ଥିଲେ । ମାତ୍ର ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ମୂଳରେ ଥିଲା ସ୍ୱଚ୍ଛତା ଓ ପରିବେଶ । କାରଣ ଏହି ଦୁଇଟି ସହ ସାଧାରଣ ବ୍ୟକ୍ତିର ସ୍ୱାସ୍ଥ୍ୟ ସଂଶ୍ଳିଷ୍ଟ। ପ୍ରଧାନମନ୍ତ୍ରୀଙ୍କ ଡାକରାରେ ଉଦ୍‌ବୁଦ୍ଧ ହୋଇ ଅନେକ ବ୍ୟକ୍ତି ଓ ସଂଗଠନ ଏଥିପାଇଁ ଆଗେଇ ଆସିଲେ ଓ ଗୋଟିଏ ସରକାରୀ ଯୋଜନା କ୍ରମଶଃ ଜନଆନ୍ଦୋଳନର ରୂପ ନେଲା । ତା'ପରଠାରୁ ଦେଶରେ ଏଗାର କୋଟି ଶୌଚାଳୟ ନିର୍ମିତ ହୋଇସାରିଛି । ଏହି ସ୍ୱଚ୍ଛତା ଅଭିଯାନ ଏତେ ପ୍ରଭାବଶାଳୀ ହେଲା ଯେ ଅନେକ ନଗରୀ ଦେଶରେ ଏଥିପାଇଁ ଆଗରେ ରହିବା ପାଇଁ ପ୍ରତିଯୋଗିତା କଲେ। ଭୂତଳ ଜଳର ପ୍ରଦୂଷଣ ହ୍ରାସ ପାଇବା ପରେ ମୃତ୍ତିକା ଓ ବାୟୁ ପ୍ରଦୂଷଣକୁ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଦ୍ୱାରା ରୋକାଯାଇପାରିଲା। ୟୁନିସେଫ ରିପୋର୍ଟ ଅନୁସାରେ ପ୍ରାୟ ତିନିଲକ୍ଷ ଶିଶୁଙ୍କୁ ତରଳ ଝାଡାରୋଗରୁ ରକ୍ଷା କରାଯାଇପାରିଲା । ଏହାଦ୍ୱାରା ପରିବାର ପିଛା ପ୍ରାୟ୫୦ହଜାର ଟଙ୍କା

ପରିବେଶ ସୁରକ୍ଷା ପାଇଁ ନିରବଚ୍ଛିନ୍ନ ଉଦ୍ୟମ

ପ୍ୟାରିସ ରାଜିନାମା ଲକ୍ଷ୍ୟ ହାସଲ ଅଭିମୁଖେ ଭାରତ

2030

ସବୁଜ ଗ୍ୟାସ ନିର୍ଗମନ ଘନତ୍ୱ ଶତକଡା ୩୩ରୁ ୩୫ଗୁଣ ହ୍ରାସ କରିବା । ଭାରତ ଏପର୍ଯ୍ୟନ୍ତ ଶତକଡା ୨୧ ଭାଗ ଘନତ୍ୱ ହାସଲ କରିଛି।

ଜି -୨୦ଦେଶ ସମୂହ ମଧ୍ୟରେ ଭାରତ ଏକମାତ୍ର ଦେଶ ଯିଏ ବୈଶ୍ୱିକ ତାପମାତ୍ରା ବୃଦ୍ଧି ୨ଡିଗ୍ରୀ ମଧ୍ୟରେ ରଖିପାରିଛି ।

- ୨୦୩୦ ମସିହା ସୁଦ୍ଧା ଭାରତ ଶତକଡା ୪୦ଭାଗ ଅଣ-ଜୀବାଶ୍ମ ତୈଳ ବ୍ୟବହାରର ଶତକଡା ଦୁଇ ପ୍ରତିଶତ ପଛରେ ରହିଛି । ଭାରତର ବର୍ତ୍ତମାନ ଅଣ-ଜୀବାଶ୍ମ ତୈଳ ଶତକଡା ୩୮ଭାଗ । ୨୦୩୦ ମସିହା ସୁଦ୍ଧା ଜଙ୍ଗଲ ଓ ବୃକ୍ଷରୋପଣ କରି ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା ୨.୫ରୁ ୩ବିଲିୟନ ଟନ୍‌କୁ ହ୍ରାସ କରିଥିବା ଲକ୍ଷ୍ୟ ।

Rs 1500

ଜାତୀୟ ଉଦ୍‌ଯାନ ମିଶନ ଅଧୀନରେ ବିକଳ୍ପ ଶକ୍ତି ଆହରଣ ପାଇଁ ବଜେଟରେ ୧୫ଶହ କୋଟି ବ୍ୟୟବରାଦ

15%

୨୦୩୦ ସୁଦ୍ଧା ଦେଶରେ ଶତକଡା ୧୫ଭାଗ ପ୍ରାକୃତିକ ବାଷ୍ପ ଲକ୍ଷ୍ୟ । ଲକ୍ଷ୍ୟ ହାସଲ କରିବ ଗୋଟିଏ ଗ୍ୟାସ ଗୋଟିଏ ଗ୍ରୀଡ୍ ।

- ୨୦୩୦ ମସିହା ସୁଦ୍ଧା ଆମ ଦେଶର ଶତକଡା ୪୦ଭାଗ ଶକ୍ତି ନିର୍ମଳ ଉତ୍ସରୁ ଆସିବ ।
- କ୍ଲିନ ଏନର୍ଜୀ ବୃଦ୍ଧି ପାଇଁ ସରକାର ବାୟୋ ସିଏନ୍‌ଜି ଯୋଜନା କରିଛନ୍ତି । କୃଷିଜାତ ବର୍ଜ୍ୟବସ୍ତୁରୁ ଆଗାମୀ ୫ବର୍ଷ ମଧ୍ୟରେ ୫ହଜାର କାରଖାନାରୁ ଏହାର ଉତ୍ପାଦନ ହେବ । ଏହି କାରଖାନାଗୁଡିକ କୃଷିଜାତ ବର୍ଜ୍ୟବସ୍ତୁକୁ ପୋଡିବା ସହ କୃଷକକୁ ମଧ୍ୟ ଆର୍ଥିକ ସୁବିଧା ପ୍ରଦାନ କରିବ ।
- ଗୋବର୍ଦ୍ଧନ ଯୋଜନାରେ ଗୃହପାଳିତ ପଶୁ ଓ ଜୈବିକ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ପାଇଁ ବ୍ୟବସ୍ଥା ହୋଇଛି । ଏହି ଯୋଜନା ଦ୍ୱାରା ଗ୍ରାମ୍ୟ ପରିମଳ ସ୍ୱଚ୍ଛ ରଖିବା ସହ ଗ୍ରାମବାସୀଙ୍କ ପାଇଁ ରୋଜଗାର ସୁନିଶ୍ଚିତ ହେବ ।
- କେନ୍ଦ୍ର ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟ ଦେଶରେ ଜୈବିକ ପଦାର୍ଥରୁ ଶକ୍ତି ଉତ୍ପାଦନ ପାଇଁ କେତେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିଛନ୍ତି । ଆଖୁଛେଦା, କୁଣ୍ଡା, ନଡା, ତୁଳା ଚେପାରୁ ଏହି ଶକ୍ତି ଉତ୍ପାଦିତ ହେବ ।

ବଞ୍ଚାଯାଇପାରିଲା ।

ଉଜ୍ଜ୍ୱଳା ଯୋଜନା ଯୋଗୁଁ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ସହ ଧୂମବିହୀନ ରୋଷେଇଘର ହେଲା ବାସ୍ତବତା

ଭାରତ ୨୦୩୮ ମସିହା ସୁଦ୍ଧା ଏହାର ଶକ୍ତି ଚାହିଦା ଶତକଡା ୨୦ରୁ ୪୦ଭାଗ ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରିଛି। ଏହି ଆଭିମୁଖ୍ୟ ନେଇ ଉଜାଲା ଯୋଜନା ୨୦୧୬ ମସିହାରେ ଆରମ୍ଭ କରାଯାଇଥିଲା। ଯୋଜନାର ଉଦ୍ଦେଶ୍ୟ ଥିଲା ପାରମ୍ପରିକ ବଲ୍‌ବ ସ୍ଥାନରେ ଏଲଇଡି ବଲ୍‌ବର ଉପଯୋଗ । କାରଣ ବିଜୁଳି ଆଲୋକୀକରଣ କ୍ଷେତ୍ର ଦେଶରେ ଶତକଡା ୨୦ଗୁଣ ବିଦ୍ୟୁତ୍ ଉପଯୋଗ କରିଥାଏ । ସେଥିପାଇଁ ସହରଗୁଡିକରେ ଏଲଇଡି ବଲ୍‌ବ ଅଧାଦରରେ ଖାଉଟିମାନଙ୍କୁ ଯୋଗାଯିବା ସହ ରାସ୍ତା ଆଲୁଅଗୁଡିକ ମଧ୍ୟ ଏଲଇଡିକୁ ପରିବର୍ତ୍ତୀତ କରାଗଲା । ଉଜାଲା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୩୮କୋଟି ୭୩ଲକ୍ଷରୁ ଅଧିକ ଏଲଇଡି ଯୋଗାଇ ଦିଆଯାଇଛି। ଏପର୍ଯ୍ୟନ୍ତ ୮୦ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ରୋକାଯାଇପାରିଛି ।

ବିଦ୍ୟୁତ ଶକ୍ତି ବ୍ୟବହାର ବାର୍ଷିକ ୪୭, ୦୦୦ କିଲୋୱାଟ ପର୍ଯ୍ୟନ୍ତ ହ୍ରାସ ପାଇବା ସହ ୧୯ହଜାର କୋଟି ଟଙ୍କା ବଞ୍ଚାଯାଇପାରିଛି । ବର୍ତ୍ତମାନ ସରକାର ଗ୍ରାମ ଉଜାଲା ଯୋଜନା ଆରମ୍ଭ କରିଛନ୍ତି ଯାହା ଫଳରେ ଗ୍ରାମାଞ୍ଚଳରେ ମାତ୍ର ଦଶଟଙ୍କା ଲେଖାଏଁ ଦେଇ ବଲ୍‌ବ କ୍ରୟ କରିହେବ। ଉଜ୍ଜ୍ୱଳା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଯୋଗୁଁ ଦେଶରେ ଶତକଡା ୯୯.୬ଭାଗ ଘରେ ଏଲପିଜି ପହଂଚିଥିବାବେଳେ, ସ୍ୱାଧୀନତାର ଛଅ ଦଶକ ମଧ୍ୟରେ ମାତ୍ର ଶତକଡା ୫୫ଭାଗ ଘରକୁ ଏହା ପହଞ୍ଚିପାରିଥିଲା । ଏହା ପାରମ୍ପରିକ ଇନ୍ଧନ କିରୋସିନି ଓ କାଠର ବ୍ୟବହାର ରୋକିବା ସହ ଧୂଆଁ ଯୋଗୁଁ

ଗତ ଚାରିବର୍ଷ ମଧ୍ୟରେ ବନାଞ୍ଚଳ ୧୩ହଜାର କିଲୋମିଟର ବୃଦ୍ଧି ପାଇଛି । ୨୦୧୭ ମସିହା ତୁଳନାରେ ଏହା ୫ହଜାର ୧୮୮ବର୍ଗ କିଲୋମିଟର ବୃଦ୍ଧି ପାଇଛି ।

ରାସାୟନିକ ବ୍ୟାଟେରୀ

କେନ୍ଦ୍ର କ୍ୟାବିନେଟ ପିଏଲଆଇ ଯୋଜନା ଅଧୀନରେ National Programme on Advanced Chemistry Cell Battery Storage କରିଛନ୍ତି । ଏହା ଫଳରେ ଦେଶରେ ୨, ୫୦,୦୦୦କୋଟି ଟଙ୍କା ରପ୍ତାନୀ ବାବଦ ଅର୍ଥ ସଂଚୟ ହେବ ।

ଫେମ ଇଣ୍ଡିଆ-ବିଏସ-ଭିଆଇ

ଫେମ ଇଣ୍ଡିଆ ଯୋଗୁଁ ଆମେ ଦେଶରେ ପ୍ରାୟ ୫୨,୭୯୪ ଲିଟର ଇନ୍ଧନ ଦୈନିକ ବଞ୍ଚାଇ ପାରିଛୁ। ଏହାଦ୍ୱାରା ୨୦, ୦୫,୯୧,୭୦୫ କିଲୋଗ୍ରାମ ଅଙ୍ଗାରକାମ୍ଳ ନିର୍ଗମନ ରୋକାଯାଇପାରୁଛି ।

ବନ୍ୟପ୍ରାଣୀ ସଂରକ୍ଷଣ ଉଦ୍ୟମ

ଅନୁ୍ୟନ ୨୨ ବନ୍ୟପ୍ରାଣୀ ପ୍ରଜାତିକୁ ସଂରକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସେଗୁଡିକ ମଧ୍ୟରେ ରହିଛି ହସ୍ତୀପ୍ରକଳ୍ପ, ଶାଗୁଣା ସଂରକ୍ଷଣ କାର୍ଯ୍ୟାନ୍ୱୟନ ଯୋଜନା, ଡଲଫିନ ପ୍ରକଳ୍ପ, ଜାତୀୟ ସାମୁଦ୍ରିକ କଇଁଛ କାର୍ଯ୍ୟକ୍ରମ, ତୁଷାର ବ୍ୟାଘ୍ର ପ୍ରକଳ୍ପ ଏବଂ ଭାରତୀୟ ଗଣ୍ଡା ଭିଜନ ।

- ଦେଶର ୨୧ଟି ରାଜ୍ୟରେ ୨୬, ୬୯୪ ମେଗାୱାଟ ଶକ୍ତି ବିଶିଷ୍ଟ ୪୭ଟି ସୌର ଉଦ୍ୟାନ ପ୍ରତିଷ୍ଠା କରାଯାଉଛି । କର୍ଣ୍ଣାଟକ, ଗୁଜରାଟ ଓ ମଧ୍ୟପ୍ରଦେଶର ରେୱାରେ ଏହି ଉଦ୍ୟାନ ପ୍ରତିଷ୍ଠା ହୋଇସାରିଛି ।
- ଗାଡିଗୁଡିକର ଧୂଆଁରୁ ବେଶୀ ଅଙ୍ଗାରକାମ୍ଳ ନିର୍ଗମନ ରୋକିବା ପାଇଁ ପେଟ୍ରୋଲରେ ଇଥାନଲ ମିଶାଯାଉଛି । ଏହା କରିବାରେ ବ୍ରାଜିଲ ପରେ ଭାରତ ହେଉଛି ଦ୍ୱିତୀୟ ଦେଶ ।
- ୨୦୧୪ ପର୍ଯ୍ୟନ୍ତ ଶତକଡା ୫ଭାଗ ପର୍ଯ୍ୟନ୍ତ ଇଥାନଲ ମିଶାଇବା ପାଇଁ ଲକ୍ଷ୍ୟ ଥିବାବେଳେ ମାତ୍ର ଏକ ଭାଗ ମିଶାଯାଉଛି । ଏହା ବର୍ତ୍ତମାନ ଶତକଡା ୮.୫ଭାଗକୁ ବୃଦ୍ଧି କରାଯାଇଛି । ୨୦୨୨ ମସିହା ସୁଦ୍ଧା ଇଥାନଲ ମିଶ୍ରଣ ଶତକଡା ୧୦ ଓ ୨୦୩୦ ସୁଦ୍ଧା ଏହା ଶତକଡା ୨୦ଭାଗ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ।
- ପୃଥିବୀର ଶତକଡା ୭୦ଭାଗ ବାଘ ଭାରତରେ ଅଛନ୍ତି ।ଦେଶରେ କଲରାପତରିଆ ବାଘ ସଂଖ୍ୟା ଶତକଡା ୬୦ଭାଗ ବୃଦ୍ଧି ପାଇଛି । ଡିସେମ୍ବର ୨୦୨୦ ମସିହା ସୁଦ୍ଧା ଭାରତରେ କଲରାପତରିଆ ବାଘ ସଂଖ୍ୟା ୧୨, ୮୫୨ହୋଇଛି ।
- 'ପରତ୍ରପ ମୋର କ୍ରପ' ବା ବୁନ୍ଦାଏ ପାଣି, ଅଧିକ ଫସଲ ଭଳି ଜଳ ସଂରକ୍ଷଣ ପାଇଁ ବୁନ୍ଦା ଜଳସେଚନ ପଦ୍ଧତି କୃଷି କ୍ଷେତ୍ରରେ ପ୍ରବର୍ତ୍ତିତ ହୋଇଥିଲା । ବର୍ତ୍ତମାନ 'କ୍ୟାଚ ଦି ରେନ' ବା ବର୍ଷାକୁ ଧର ଯୋଜନା ବର୍ଷା ଜଳ ଅମଳ ପ୍ରକଳ୍ପ ବାଧତାମୂଳକ କରାଯାଉଛି ।
- ଜଳ ଜୀବନ ମିଶନ-ଅର୍ବାନ ଅଧୀନରେ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯିବା ସହ ୫୦୦ ଅମୃତ ସହରରେ ପାଇପ୍ ଜଳ ଯୋଗାଇ ଦିଆଯାଉଛି ।

ଶରୀର କ୍ଷତି ମଧ୍ୟ ରୋକିପାରିଛି । ଧୂମ ବିହୀନ ରୋଷେଇ ଯୋଗୁଁ ଉଜ୍ଜଳା ଯୋଜନା ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ କ୍ଷେତ୍ରରେ ସଫଳତା ହାସଲ କରିପାରିଛି ।

ଗୁଣାତ୍ମକ ବାୟୁପ୍ରବାହରେ ଉନ୍ନତି

ମଣିଷ ଜାତି ପାଇଁ ବିଜ୍ଞାନ ଏକ ବିରାଟ ବରଦାନ । ଏହି ବରଦାନରୁ ହିଁ ଅଭିଶାପ ଭାବେ ଜନ୍ମ ନେଇଛି ପ୍ରଦୂଷଣ। ଜାତିସଂଘ ରିପୋର୍ଟ ଅନୁସାରେ ପୃଥିବୀର ୧୫ଟି ସହରରୁ ୧୪ଟି ପ୍ରଦୂଷିତ ସହର ଭାରତରେ ରହିଛି। ପ୍ରଦୂଷଣରେ ଏହି ସମସ୍ୟା ଦୂର କରିବାକୁ ଯାଇ କେନ୍ଦ୍ର ସରକାର ନ୍ୟାସନାଲ କ୍ଲିନ ଏୟାର ପ୍ରୋଗ୍ରାମ ଜାନୁୟାରୀ ୨୦୧୯ରେ ଆରମ୍ଭ କରିଛନ୍ତି । ଏହି ପଞ୍ଚବାର୍ଷିକ ଯୋଜନା ଦ୍ୱାରା ୨୦୨୪ ମସିହା ସୁଦ୍ଧା ପ୍ରଦୂଷଣ ସ୍ତର ୨୦ରୁ ୩୦ ପ୍ରତିଶତ ହ୍ରାସ କରିହେବ। ୧୦୨ଟି ନଗରୀରେ ପ୍ରଥମେ ଏହି ଯୋଜନା ପ୍ରବର୍ତ୍ତିତ ହୋଇଥିବାବେଳେ ଏହା ଦେଶର ୧୨୨ଟି ନଗରୀକୁ ସମ୍ପ୍ରସାରିତ ହୋଇଛି । ଦେଶବ୍ୟାପୀ ପ୍ରଦୂଷଣ ରୋକିବା ସହ ପ୍ରଦୂଷଣ ଯୋଗୁଁ ଗଚ୍ଛିତ ହେଉଥିବା ଆବର୍ଜନା ପରିଚାଳନା ମଧ୍ୟ ଏହି ଯୋଜନାର ଅଂଶବିଶେଷ। ଏହାଫଳରେ ଦେଶରେ ଉତ୍ତମ ଗୁଣଯୁକ୍ତ ବାୟୁଦିବସ ୨୦୧୭ରେ ୧୦୬ଥିବାବେଳେ ୨୦୨୦ରେ ଏହା ୨୧୮କୁ ବୃଦ୍ଧି ପାଇଛି । ସେହିପରି ଖରାପ ବାୟୁଯୁକ୍ତ ସହର ସଂଖ୍ୟା ୧୫୬ରୁ ୫୬କୁ ହ୍ରାସ ପାଇଛି ।

ଇଲେକ୍ଟ୍ରିକ ଯାନବାହାନକୁ ପ୍ରୋତ୍ସାହନ

ବିଭିନ୍ନ ପରିବେଶ ସଂଗଠନ ଦ୍ୱାରା କରାଯାଇଥିବା ସର୍ଭେ ଅନୁସାରେ ଶତକଡା ୬୧ଭାଗ ପ୍ରଦୂଷଣ ଯାନବାହାନ ଧୂଆଁ ଯୋଗୁଁ ହୋଇଥାଏ । ଏହାକୁ ଗ୍ରହଣ କରି ସରକାର ଦେଶରେ ଇଲେକ୍ଟ୍ରି ଯାନବାହାନ ଚଳାଇବାକୁ ନିଷ୍ପତ୍ତି

ସୌରଶକ୍ତିରେ ଭାରତ ବିଶ୍ୱର ଭବିଷ୍ୟତକୁ ସଞ୍ଚାଳନ କରିବ

ଆନ୍ତର୍ଜାତିକ ସୌର ମେଣ୍ଟ (ଆଇଏସଏ) ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଓ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ଯୋଗୁଁ ହେଉଥିବା କ୍ଷତିକୁ ଭରଣା କରିବା ପାଇଁ ସବୁଜ ଶକ୍ତି ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି । ଭାରତର ପଦକ୍ଷେପ ଯୋଗୁଁ ଏହି ମେଣ୍ଟରେ ୧୨୧ଟି ଦେଶ ଯୋଗ ଦେଇସାରିଛନ୍ତି । ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତତ୍କାଳୀନ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାସୁଆଁ ହଲାଣ୍ଡେଙ୍କ ଦ୍ୱାରା ମିଳିତ ଭାବେ ଏହି ସଂଗଠନ ନଭେମ୍ବର ୩୦, ୨୦୧୫ ମସିହାରେ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ଗଠିତ ହୋଇଥିଲା । ସୌରଶକ୍ତିର ବ୍ୟାପକ ଉପଯୋଗ କରିବା ପାଇଁ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା । ଆଇଏସଏ ଗଠନ ତଥା ବିଶ୍ୱକୁ ପରିବେଶ ଦୃଷ୍ଟିରୁ ମାର୍ଗଦର୍ଶନ ଦେବା ପାଇଁ ଜାତିସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଚାମ୍ପିୟନ୍ସ ଅଫ ଦି ଆର୍ଥ' ସମ୍ମାନ ପ୍ରଦାନ କରାଯାଇଥିଲା ।

- ଭବିଷ୍ୟତରେ ଆବଶ୍ୟକତା ଦୃଷ୍ଟିରୁ ଅକ୍ଷୟ ଶକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଏହାକୁ ଦୃଷ୍ଟିରେ ରଖି ଭାରତରେ ୨୦୦୯ ମସିହାରେ ଜାତୀୟ ସୌର ମିଶନ ସ୍ଥାପିତ ହୋଇଥିଲା ।
- ସୌରଶକ୍ତି ସାମର୍ଥ୍ୟ ୨୦୨୨ ସୁଦ୍ଧା ୨୦ ଗିଗାୱାଟକୁ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ବର୍ତ୍ତମାନ ସରକାରଙ୍କ ଅଙ୍ଗୀକାରବଦ୍ଧତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଯୋଗୁଁ ସମ୍ଭବ ହୋଇଛି । ୨୦୧୫ରେ ଏହି ଲକ୍ଷ୍ୟ ପାଞ୍ଚଗୁଣ ଅଧିକ ତଥା ଶହେ ଜିଗାୱାଟ କରାଯାଇଥିଲା ।
- ୨୦୨୨ ମସିହା ସୁଦ୍ଧା ସରକାର ୧୭୫ ଗିଗାୱାଟ ଅକ୍ଷୟ ଶକ୍ତି ସାମର୍ଥ୍ୟ ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛନ୍ତି । ଏଥିରୁ ୬୦ଗିଗାୱାଟ ପବନ ଶକ୍ତି, ଶହେ ଗିଗାୱାଟ ସୌରଶକ୍ତି, ୧୦ଗିଗାୱାଟ ଜୈବିକଶକ୍ତି ଓ ୫ଗିଗାୱାଟ ଜଳବିଦ୍ୟୁତ ଶକ୍ତି ରହିଛି ।
- ଗତ ୬ବର୍ଷ ମଧ୍ୟରେ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଆର୍ଥିକ ରାଷ୍ଟ୍ରଙ୍କ ତୁଳନାରେ ଭାରତ ଅକ୍ଷୟ ଶକ୍ତିର ଖୁବ୍ ଦ୍ରୁତ ବିକାଶ ଘଟାଇପାରିଛି । ଏହି ଅକ୍ଷୟ ଶକ୍ତିର ବର୍ତ୍ତମାନ ଉପଯୋଗ ଦେଶର ଶକ୍ତି ଉପଯୋଗର ଶତକଡା ୨୪ଗୁଣ ।
- 'କିଷାନ ଉର୍ଜା' ସୁରକ୍ଷା ଏବଂ ଉତ୍ଥାନ, ମହାଅଭିଯାନ (ପି. ଏମ-କୁସୁମ) ଯୋଜନା ଜୁଲାଇ ୨୦୧୮ ମସିହାରେ ଆରମ୍ଭ କରାଯାଇଥିଲା । କୃଷକମାନଙ୍କ ଅନାବାଦୀ ଜମିରେ ସୌରଶକ୍ତି ପ୍ରକଳ୍ପ ବସାଯାଇ ସେମାନଙ୍କ ଆୟବୃଦ୍ଧି ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ ହୋଇଛି ।
- ଏହି ଯୋଜନା ଅଧୀନରେ କୃଷକ ତା'ର ଅନାବାଦୀ ଜମିରେ ମାତ୍ର ପ୍ରକଳ୍ପର ଦଶଭାଗ ଅର୍ଥ ଖର୍ଚ୍ଚ କରି ଏହି ସୌରଶକ୍ତି ପ୍ଲାଣ୍ଟ ବସାଇପାରିବ । ସେଠାକାର ନିକଟତମ ଗ୍ରୀଡ ଏହି ଶକ୍ତି କ୍ରୟ କରିବ ।
- ଯେକୌଣସି ବ୍ୟକ୍ତି ମଧ୍ୟ ନିଜର ଘରଛାତ ଉପରେ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରିପାରିବେ । ଏଥିପାଇଁ ତାଙ୍କୁ ସବ୍ସିଡି ମିଳିବ । କେନ୍ଦ୍ର ସରକାର ସୌର ପ୍ୟାନେଲ ଉତ୍ପାଦନ ଦେଶରେ କରିବାକୁ ଚେଷ୍ଟା କରୁଛନ୍ତି ।
- ପୂର୍ବରୁ ଶତକଡା ୯୦ଭାଗ ଉପକରଣ ଚୀନ ବା ମାଲେସିଆରୁ ଆମଦାନୀ ହେଉଥିଲା । ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧୀନରେ ସୋଲାର ପିଭି ସେଲ ଓ ମୋଡୁଲ ଦେଶରେ ତିଆରି ଉପରେ ଗୁରୁତ୍ୱାରୋପ କରାଯାଉଛି ।

ନେଇଛନ୍ତି । ଜାତୀୟ ଇଲେକ୍ଟ୍ରିକ ମୋବିଲଟି ମିଶନ ଯୋଜନା ଅଧୀନରେ ଇଲେକ୍ଟ୍ରିକ ଯାନବାହାନ ଚଳାଚଳ ଓ ନିର୍ମାଣ ହାତକୁ ନିଆଯାଇଛି । ଏହାର ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୩୧.୨୦୧୯ମସିହାରେ ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ପହିଲା, ୨୦୧୯ରୁ ଆରମ୍ଭ କରାଯାଇଥିଲା ।

ଏହା ମାର୍ଚ୍ଚ ୨୦୨୨ରେ ଶେଷ ହେବ । ଭାରତ ଯେତେବେଳେ ଏହାର ୭୫ତମ ସ୍ୱାଧୀନତା ଦିବସ ପାଳନ କରିବ, ସେତେବେଳେ ରାସ୍ତାରେ ଅଧିକରୁ ଅଧିକ ଇ-ବାହାନ ଚଳାଚଳ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ଏହା ଫଳରେ ପ୍ରଦୂଷଣ କମ୍ ହେବା ସହ ଉଭୟ ଅର୍ଥ ଓ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ।

ଭାରତୀୟଙ୍କ ମୌଳିକ ଜୀବନଧାରା ହେଉଛି, ପ୍ରକୃତି ଓ ମଣିଷର ସହାବସ୍ଥାନ

ପରିବେଶ ଜୀବନ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଆମର ସ୍ଥିତିକୁ ନିୟନ୍ତ୍ରିତ କରେ । ଉଦିତ ସୂର୍ଯ୍ୟ, ପ୍ରବାହମାନ ନଦୀ,ପଶୁ, ପକ୍ଷୀ, ଗଛ, ସୁନ୍ଦର ବଗିଚା, ଜୀବନ୍ତ ବିଶ୍ୱ ସମସ୍ତେ ଆମ ସହ ଅଛନ୍ତି । ବିଶ୍ୱ ପରିବେଶ ଦିବସ (ଜୁନ-୫) ଉପଲକ୍ଷେ କେନ୍ଦ୍ର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡେକର ବୃକ୍ଷରାଜି ଆମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ କହିଛନ୍ତି ।

ମଣିଷ, ପଶୁ, ପକ୍ଷୀ, ଗଛଲତା ସମସ୍ତେ ଏକାଠି ରହନ୍ତି । ପ୍ରକୃତି ସମ୍ପର୍କରେ ଏହାହିଁ ସବୁଠାରୁ ନିଆରା । ଉଭୟେ ପରସ୍ପରର ପରିପୂରକ । ପ୍ରତ୍ୟେକ ଅମ୍ଳଜାନ ନିଅନ୍ତି ଓ ଅଙ୍ଗାରକାମ୍ଳ ପରିତ୍ୟାଗ କରନ୍ତି। କେବଳ ଗଛ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ପରିତ୍ୟାଗ କରିଥାଏ । ଏହା ପ୍ରକୃତିର ନିୟମ ଓ ମଣିଷ ପ୍ରକୃତି ପରସ୍ପର ପ୍ରତି ଋଣୀ। ଭାରତର ଶତକଡା ୨୪ଭାଗ ସବୁଜ ବଳୟ ରହିଛି, ଯାହା ନିରବଚ୍ଛିନ୍ନ ଭାବେ ବୃଦ୍ଧି ପାଇଚାଲିଛି। ଗତ ସାତବର୍ଷ ମଧ୍ୟରେ ଏହା ୧୫ହଜାର ବର୍ଗ କିଲୋମିଟର ବୃଦ୍ଧି ପାଇବା ସହ ଏହା ଏବେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏହି ଜନଆନ୍ଦୋଳନ ଯୋଗୁଁ ଦେଶରେ କୋଟି କୋଟି ଚାରାରୋପଣ କରାଯିବା ସହ ସୁରକ୍ଷା ପ୍ରଦାନ ଯୋଗୁଁ ଗଛଗୁଡିକ ବଞ୍ଚି ରହିଛନ୍ତି । ଆମେ ବର୍ତ୍ତମାନ ଏକ ନୂତନ ପଦ୍ଧତି ବାହାର କରିଛୁ ଯାହା ଯୋଗୁଁ କେହି କୌଣସି ବିକାଶ ପ୍ରକଳ୍ପ ପାଇଁ ଜଙ୍ଗଲ ଅଧିଗ୍ରହଣ କଲେ ତାଙ୍କୁ ସମପରିମାଣର ଜମି ଜଙ୍ଗଲ ସୃଷ୍ଟି ପାଇଁ ଦେବାକୁ ପଡିବ । ଆମେମାନେ ଇଲେକ୍ଟ୍ରୋନିକ ପଦ୍ଧତିରେ କେତେ ଜଙ୍ଗଲ ବୃଦ୍ଧି ହେଉଛି ତାର ତଦାରଖ କରିବୁ । ଏହି ତଥ୍ୟ ଜନସାଧାରଣଙ୍କୁ ଅବଗତ କରାଯିବ । ପ୍ରତି ଦୁଇବର୍ଷରେ ଥରେ ସର୍ଭେ କରାଯାଇ ଆମର ଜଙ୍ଗଲ କେତେ ବୃଦ୍ଧି ପାଇଛି ତାହା ଦେଖାଯିବ । ଜୈବ ବିବିଧତା ଦୃଷ୍ଟିରୁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ । ଭାରତରେ ପରିବେଶଗତ ଜୈବ ବିବିଧତା ଖୁବ୍ ଉଚ୍ଚରେ । ବିଶ୍ୱ ଭୂଭାଗର ଶତକଡା ୨.୫ ଭାଗ ଅଂଚଳ ଜଙ୍ଗଲ ଭାରତରେ ରହିଥିବା ବେଳେ ବିଶ୍ୱର ଶତକଡା ୧୮ଭାଗ ଜନସଂଖ୍ୟା ଭାରତରେ ବସବାସ କରନ୍ତି । ପଶୁପକ୍ଷୀ ମଧ୍ୟ ସହାବସ୍ଥାନ କରନ୍ତି । ଉଭୟଙ୍କ ପାଇଁ ଜମି, ପାଣି ଓ ଖାଦ୍ୟ ଆବଶ୍ୟକ। ଭାରତରେ ଶତକଡା ୮ଭାଗ ଜୈବ ବିବିଧତା ରହିଛି। ଭାରତରେ ବିଶ୍ୱର ଶତକଡା ୭୦ଭାଗ ବାଘ, ୭୦ଭାଗ ଏସୀୟ ସିଂହ, ୩୦ହଜାରରୁ ଅଧିକ ହାତୀ ଓ ୩ହଜାର ଏକ ସିଂଘ ବିଶିଷ୍ଟ ଗଣ୍ଡା ଅଛନ୍ତି। ସମସ୍ତ ପଶୁ ଉତମ ପ୍ରକୃତି ଓ ଜୈବ ବିବିଧତାର ପ୍ରମାଣ । ଦେଶରେ ବୃକ୍ଷରାଜି ବଳୟ ବୃଦ୍ଧି ପାଇବା ସହ ଜୈବ ବିବିଧତା ମଧ୍ୟ ଶକ୍ତିଶାଳୀ ହେଉଛି । ପ୍ରତିବର୍ଷ ବାଘ ଓ ସିଂହ ସଂଖ୍ୟାରେ ବୃଦ୍ଧି ଘଟୁଛି । ହାତୀ ଓ ଗଣ୍ଡାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ।

ଭାରତରେ ମୌଳିକ ଜୀବନ ହେଉଛି ପ୍ରକୃତି ଓ ମଣିଷର ସହାବସ୍ଥାନ । ସମସ୍ତ ପଶୁପକ୍ଷୀ, ବୃକ୍ଷଲତା, ଫଳପୁଷ୍ପ ଜୀବନ ଏକ ଓ ଅଭିନ୍ନ । ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠି ଗଛ, ପଶୁ, ପକ୍ଷୀ, ସାପ ଓ ଅନ୍ୟାନ୍ୟ ଜୀବଜନ୍ତୁ ପୂଜା ପାଆନ୍ତି । ସେମାନଙ୍କ ପାଇଁ ଅଲଗା ଅଲଗା ଉତ୍ସବମାନ ହୁଏ । ହଜାର ହଜାର ବର୍ଷ ଆଗରୁ ପ୍ରତ୍ୟେକ ଗ୍ରାମର ସଂରକ୍ଷିତ ଜଙ୍ଗଲ ଥିଲା ଯେଉଁଠାକୁ ଗୋରୁ ମଧ୍ୟ ଚରିବାକୁ ଯାଉ ନ ଥିଲେ ବା ଗଛକଟା ହେଉ ନ ଥିଲା । ସେଗୁଡିକ ଗ୍ରାମ ଜଙ୍ଗଲ ବୋଲି କୁହାଯାଉଥିଲା । ଆମ ଜୀବନରେ ପ୍ରକୃତିକୁ ମାଆ ଓ ପ୍ରତ୍ୟେକ ମଣିଷକୁ ତାର ସନ୍ତାନଭାବେ ବିବେଚନା କରାଯାଇଥାଏ। ଏହାକୁ ଜୈବ ବିବିଧତା ଓ ସବୁଜିମା ବୃଦ୍ଧିର ରହସ୍ୟଭାବେ ନିଆଯାଇପାରେ ।●

ଅବିରତ ଜୀବନ ପାଇଁ ଏକ ପ୍ରୋତ୍ସାହନ

ଆଜି ପ୍ରତ୍ୟେକ ଚାହାଁନ୍ତି ବଡଘର, ଯେଉଁଠି ଏସି, ଫ୍ରିଜ ଇତ୍ୟାଦି ସବୁ ଥିବ । ମାତ୍ର ସେ ଉପକରଣଗୁଡିକ ପ୍ରକୃତିକୁ କ୍ଷତି ପହଞ୍ଚାଇଛି । ଏହି ପରିପ୍ରେକ୍ଷୀରେ ଆମେ ତାମିଲନାଡୁର ପୋଲାଚିରେ ରହୁଥିବା ରାମଚନ୍ଦ୍ରନ ସୁବ୍ରମନିୟମଙ୍କଠାରୁ କିଛି ଶିଖିବା ଉଚିତ। ସୁବ୍ରମନିୟମ ଯେତେବେଳେ ଆଠବର୍ଷ ବିଦେଶରେ କଟାଇବାପରେ ଦେଶକୁ ଫେରିଲେ, ସେତେବେଳେ ସେ ପ୍ରକୃତି ସହିତ ରହିବାକୁ ଚାହିଁଲେ । ତେଣୁ ସେ ବେଙ୍ଗାଲୁରର ସ୍ଥିତ 'ଗ୍ରାମବିଦ୍ୟା' ପ୍ରତିଷ୍ଠାନରୁ କିପରି ପାରମ୍ପରିକ ଓ ପରିବେଶ ଅନୁକୂଳ ଘର ତୋଳି ହେବ ତା'ର ତାଲିମ ନେଲେ। ସେ ତାଙ୍କ ଗାଁର ମାଟି କାନ୍ଥକୁ ଘର ତୋଳିବାରେ ଉପଯୋଗ କଲେ । ପରୀକ୍ଷାଗାରରୁ ଏକ ପରୀକ୍ଷାରୁ ଜଣାପଡିଲା ଯେ, କାନ୍ଥରେ ଶତକଡା ୯ଭାଗ ସିମେଣ୍ଟ ମିଶାଇ ଇଟା ତିଆରି କଲେ ତାହା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇପାରିବ । ଏହି ମିଶ୍ରଣ ଘରକୁ ମଧ୍ୟ ଥଣ୍ଡା ରଖିବ। ହାତ ତିଆରି ଟାଇଲ ଓ ଚଟାଣ ପାଇଁ ବ୍ୟବହାର କରି ତାକୁ ଚୂନ ପଥର ସହ ଯୋଡାଯାଇପାରିବ । ମଝି ରୁମର ଉଚ୍ଚତା ୧୬ଫୁଟ୍ ଓ ଅନ୍ୟାନ୍ୟ ରୁମର ଉଚ୍ଚତା ୧୧ଫୁଟ ରଖାଯାଇଛି । କାନ୍ଥଗୁଡିକରେ ପବନ ଆତଯାତ ପାଇଁ କଣାମାନ କରାଯାଇଛି । ଘର ଚାରି ପାଖରେ ଆଠଶହ ଗଛ ଲଗାଯାଇଛି । ଯାହାଫଳରେ ତାଜା ପବନ ମିଳିପାରିବ । ଯେତେବେଳେ ବାହାର ଉତ୍ତାପ ୪୦ଡିଗ୍ରୀ ସେଲସିୟସ ସେତେବେଳେ ଘର ଭିତରେ ଉତ୍ତାପ ୨୩ଡିଗ୍ରୀରୁ ଅଧିକ ରହେ ନାହିଁ । ଏହି ଘରେ ପଙ୍ଖା ବା ଏସି ନାହିଁ ।

ସୌର ପ୍ୟାନେଲ ଓ ଜଳ ଅମଳ ବ୍ୟବସ୍ଥା ଶକ୍ତି ଓ ଜଳ ସମସ୍ୟା ଦୂର କରି ଥାଏ । ୨୦୨୧ରେ ଜଳବାୟୁ ପରିବର୍ତ୍ତନ ବ୍ୟବସ୍ଥା ନେଇ ଭାରତ ବିଶ୍ୱରେ ଶ୍ରେଷ୍ଠ ଦଶଟି ଦେଶ ମଧ୍ୟରେ ରହିଛି। ୨୦୧୪ରେ ଭାରତର ସ୍ଥାନ ୩୧ ଥିଲା ।

ପ୍ରଦୂଷଣ ରୋକିବା ପାଇଁ ବିଏସ-ଭିଆଇ ଇନ୍ଧନ

ଜାତିସଂଘ ରିପୋର୍ଟ ଅନୁସାରେ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୭୦ଲକ୍ଷ ଜନସାଧାରଣ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାଣ ହରାଇଥାଆନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ବିଏସ-ନର୍ମସ ଏ ମିଶନ ଷ୍ଟାଣ୍ଡାର୍ଡ ଏପ୍ରିଲ ପହିଲା, ୨୦୨୦ରୁ ପ୍ରବର୍ତ୍ତନ କଲେ । ୟୁରୋପୀୟ ରାଷ୍ଟ୍ରରୁ ୟୁରୋ-ଭିଆଇ ମାନ ଅନୁସାରେ ବିଏସ-ଭିଆଇ ଷ୍ଟାଣ୍ଡାର୍ଡ ଏପ୍ରିଲ ୧, ୨୦୨୦ରେ ବିଏସ୍-ଆଇଭି ସ୍ଥାନରେ ପ୍ରବର୍ତ୍ତିତ ହେଲା । ନିଃସରଣ ନିୟମ ପ୍ରଥମେ ୧୯୯୧ ମସିହାରେ ପ୍ରବର୍ତ୍ତିତ ହୋଇଥିଲା । ମାତ୍ର ତାହା କେବଳ ପେଟ୍ରୋଲ ଚାଳିତ ବାହାନ ପାଇଁ ଲାଗୁ ହୋଇଥିଲା । ବିଏସ ଷ୍ଟାଣ୍ଡାର୍ଡ ୨୦୦୨ ମସିହାରେ ପ୍ରବର୍ତ୍ତନ କରାଗଲା । ତିନିବର୍ଷ ପରେ ବିଏସ-ଆଇଆଇ ୨୦୦୫ ଓ ବିଏସ-ଆଇଆଇଆଇ ୨୦୦୭ ମସିହାରେ ପ୍ରବର୍ତ୍ତିତ ହେଲା । ବିଏସ-ଆଇଭି ଷ୍ଟାଣ୍ଡାର୍ଡ ୨୦୧୦ ମସିହାରେ ପ୍ରବର୍ତ୍ତିତ ହେଲା । ମାତ୍ର ପ୍ରଦୂଷଣ ବୃଦ୍ଧି ପାଇବା ଯୋଗୁଁ କେନ୍ଦ୍ର ସରକାର ବିଏସ-ଆଇଭି ନିଃସରଣ ନିୟମ ସିଧାସଳଖ ବିଏସ୍-ଭି ଜାଗାରେ ୨୦୨୦ରେ ପ୍ରବର୍ତ୍ତନ କଲେ । କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ଯୋଗୁଁ ଏହା ପ୍ରଥମେ ଦିଲ୍ଲୀରେ ପ୍ରବର୍ତ୍ତିତ ହେଲା ।

କୋଭିଡ ଯୋଗ ଓ ଆୟୁର୍ବେଦର ଶିକ୍ଷା ଦେଇଥାଏ

ଯେତେବେଳେ ଦେଶ କୋଭିଡ ବିରୁଦ୍ଧରେ ସଂଗ୍ରାମ କରୁଥିଲା ସେତେବେଳେ ପ୍ରକୃତି ମଧ୍ୟ ନିଜକୁ ପ୍ରସ୍ତୁତ କରୁଥିଲା। ସେତେବେଳେ ପ୍ରକୃତି ସମ୍ପର୍କରେ ସେ ଅନେକ ମନୋମୁଗ୍ଧକର କାହାଣୀମାନ ଗଣମାଧ୍ୟମରେ ପ୍ରଚାରିତ ହେଲା । କେବଳ ସେତିକି ନୁହଁ ଯେତେବେଳେ କୋଭିଡ ପାଇଁ କୌଣସି ଔଷଧ ବା ଟିକା ବାହାରି ନ ଥିବା ତଥା ଏବେ ମଧ୍ୟ ଟିକା ବାହାରିବା ପରେ ମଧ୍ୟ ଜନସାଧାରଣ ଆମର ପାରମ୍ପରିକ ଓ ଐତିହ୍ୟ ସମ୍ପନ୍ନ ଆୟୁର୍ବେଦ ଓ ଯୋଗର ଆଶ୍ରା ନେଉଛନ୍ତି । ବିପର୍ଯ୍ୟୟ ଆମକୁ ଶିକ୍ଷା ଦେଇଛି ଯେ ଭାରତ ବହୁବର୍ଷ ବ୍ୟାପୀ ଉଚ୍ଚ ପରମ୍ପରା ଯୁକ୍ତ ପ୍ରକୃତି ଜ୍ଞାନ, ପରିବେଶ ଓ ଆୟୁର୍ବେଦ ଆମକୁ ସୁରକ୍ଷିତ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ମଧ୍ୟ ସହାୟକ ହୋଇପାରେ । ସମଗ୍ର ବିଶ୍ୱ ମଧ୍ୟ ଭାରତ ପ୍ରାଚୀନ ପରମ୍ପରାକୁ ସ୍ୱୀକୃତି ଦେବା ସହ ଏହାର ଗୁରୁତ୍ୱ ମଧ୍ୟ ଉପଲବ୍ଧ କରୁଛନ୍ତି ।

ପୃଥିବୀ ହିଁ ଏକମାତ୍ର ଗ୍ରହ ଯେଉଁଠି ଜୀବନ ଅଛି । ସେ ଦୃଷ୍ଟିରୁ ଆମେ ସବୁବେଳେ ପ୍ରକୃତି, ପରିବେଶ ଓ ଜଳବାୟୁ ଉପରେ ଋଣୀ । କାରଣ ଆମର ଜୀବନ ଏହା ଉପରେ ନିର୍ଭରଶୀଳ । ଯଦି ଆମର ପରିବେଶ ସୁସ୍ଥ ରହେ, ତେବେ ଆମେ ମଧ୍ୟ ସୁସ୍ଥ ରହିବା । ବିଶେଷକରି ଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ଜନସାଧାରଣ ହୃଦୟଙ୍ଗମ କଲେଣି ଯେ ଏକବିଂଶ ଶତାବ୍ଦୀରେ ଆମର ଜଙ୍ଗଲ, ପୋଖରୀ, ନଦୀ ଓ ପାହାଡ ପର୍ବତକୁ ବଞ୍ଚାଇ ରଖିବା କେତେ ଜରୁରୀ । ଆମର ମଧ୍ୟ ପରିବେଶ ସୁରକ୍ଷା ପ୍ରତି କିଛି ଦାୟିତ୍ୱ ରହିଛି, ଯାହା ଆମକୁ କରିବାକୁ ପଡିବ । ●

ପରିବେଶ ସୁରକ୍ଷା

ଦିଗରେ ଆଉ ଏକ ନୂତନ ପଦକ୍ଷେପ

ଆଗରୁ ଭାରତ ଇ-ବାହାନ ବ୍ୟାଟେରୀ ତିଆରି କରୁ ନଥିଲା । ସୂର୍ଯ୍ୟାସ୍ତ ପରେ ସୌରଶକ୍ତି ଦ୍ୱାରା ଏହା ଚଳାଇବା ବଡ ସମସ୍ୟା ଥିଲା । ମାତ୍ର ମେକ୍ ଇନ୍ ଇଣ୍ଡିଆ ଭଳି ଜାତୀୟ କାର୍ଯ୍ୟକ୍ରମ ଜରିଆରେ ଇ-ବାହାନ ବ୍ୟାଟେରୀ ପ୍ରସ୍ତୁତ କରିବା ଆରମ୍ଭ ହୋଇଛି । ଯାହାକି ଦେଶକୁ ଏ ଦିଗରେ ଆତ୍ମନିର୍ଭରଶୀଳ କରିପାରିବ ।

ଭାରତ ସୌରଶକ୍ତି ଉତ୍ପାଦନ କରିବା ଦିଗରେ ନିରବଚ୍ଛିନ୍ନ ଉଦ୍ୟମ କରି ଆସୁଛି । ମାତ୍ର ସୌରଶକ୍ତି ଉପଯୋଗ କେବଳ ଦିନରେ କରାଯାଇପାରିବ। ଏଭଳି କ୍ଷେତ୍ରରେ ଗ୍ରୀଡର ସନ୍ତୁଳନ ରକ୍ଷା ଖୁବ ଦରକାର । ବ୍ୟାଟେରୀ ଥିଲେ ଏହି ସମସ୍ୟା ସହଜ ହୋଇଯିବ । ଏହା ସାଧାରଣ ଜନତା, ରେଳବାଇ ଓ ଜାହାଜ ଇତ୍ୟାଦି ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହା ବ୍ୟାକ୍ ଅପ୍ ଭାବେ ଡିଜେଲ ଜେନେରେଟର ଶିଳ୍ପରେ ମଧ୍ୟ ବ୍ୟବହୃତ ହୋଇପାରିବ। ଛାତ ଉପରେ ଖଞ୍ଜାଯାଇଥିବା ସୌର ପ୍ୟାନେଲ ରାତିରେ କାମ କରିବ ନାହିଁ । ମାତ୍ର ବ୍ୟାଟେରୀ ଷ୍ଟୋରେଜ ଦ୍ୱାରା ଏହା ହୋଇପାରିବ । ବ୍ୟାଟେରୀ ଷ୍ଟୋରେଜ ବଳରେ ଜୀବନ ସବୁଠାରେ ସହଜ ହୋଇପାରିବ ।

ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମେ ୧୨, ୨୦୨୧ରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ । କ୍ୟାବିନେଟ୍ ପିଏଲଆଇ ଯୋଜନା ଅଧୀନରେ National Programme on Advanced Chemistry Cell (ACC) ବ୍ୟାଟେରୀ ଷ୍ଟୋରେଜକୁ ଅନୁମୋଦନ କଲେ । ଏହା ଫଳରେ ପ୍ରାୟ ୧୮ହଜାର ୧୦୦କୋଟି ଟଙ୍କା ବ୍ୟୟ ଅଟକଳରେ କେମିଷ୍ଟ୍ରି ସେଲ ବ୍ୟାଟେରୀ ପ୍ରସ୍ତୁତ ହେବ । ଏସିସି ବ୍ୟାଟେରୀ ଯୋଗୁଁ ଇଭିର ଚାହିଦା ବୃଦ୍ଧି ପାଇବା ସହ ପ୍ରଦୂଷଣ ମଧ୍ୟ କମ୍ ହେବ। ଭାରତ ବହୁ ଆକାଂକ୍ଷିତ ଅକ୍ଷୟ ଶକ୍ତି ବିକାଶ କାର୍ଯ୍ୟକ୍ରମ ଆଗକୁ ବଢାଉଥିବାରୁ ଦେଶରେ ଏହା ଗ୍ରୀନ ହାଉସ ପ୍ରଭାବ ହ୍ରାସ କରିବ। ଏହା ଭାରତରେ ଜଳବାୟୁ ପରିବର୍ତ୍ତନ ଅଙ୍ଗୀକାରବଦ୍ଧତାକୁ ସାକାର କରିବ । ଦୁଇଚକିଆ, ତିନିଚକିଆ, ଚାରିଚକିଆ ଓ ଭାରୀଯାନ। ମଧ୍ୟ ଏହି ବ୍ୟାଟେରୀର ଉପଯୋଗ କରିପାରିବ ।

ବ୍ୟାଟେରୀ ଷ୍ଟୋରେଜ ଟେକ୍ନୋଲୋଜି

ଏସିସି ହେଉଛି ନୂତନ ପିଢୀର ଏପରି ଷ୍ଟୋରେଜ ଟେକ୍ନୋଲୋଜି ଇଲେକ୍ଟ୍ରିକ ଶକ୍ତି ଯାହା ଇଲେକ୍ଟ୍ରୋ କେମିକାଲ କିମ୍ବା କେମିକାଲ ଏନର୍ଜୀ ଓ ପୁନଃ ଇଲେକ୍ଟ୍ରିକାଲ ଏନର୍ଜୀକୁ ଆବଶ୍ୟକତା ଅନୁସାରେ ବଦଳାଇପାରିବ । କନଜ୍ୟୁମର ଇଲେକ୍ଟ୍ରୋନିକ୍ସ, ଇ-ଭେଇକିଲ, ଆଡଭାନ୍ସ ଇଲେକଟ୍ରିକାଲ ଗ୍ରୀଡ, ସୋଲାର ରୁଫ୍-ଟପ୍ ଅଧିକ ବ୍ୟାଟେରୀ ଉପଯୋଗ ହେବ । ●



ସ୍ୱଚ୍ଛ ଶକ୍ତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

- ୧୮,୧୦୦କୋଟି ଯୋଜନା ବଳରେ ୫୦ ଜିଗାୱାଟ ଶକ୍ତି ।
- ଏସିସି ବ୍ୟାଟେରୀ ଷ୍ଟୋରେଜ ନିର୍ମାଣ ପ୍ରକଳ୍ପ ନିମନ୍ତେ ୪୫ହଜାର କୋଟିର ପ୍ରତ୍ୟକ୍ଷ ପୁଞ୍ଜିନିବେଶ ।
- ୨,୫୦, ୦୦୦କୋଟି ଆମଦାନୀ ବାବଦ ସଞ୍ଚୟ। ପ୍ରତିବର୍ଷ ଆମଦାନୀ ବିକଳ୍ପ ଭାବେ ୨୦ହଜାର କୋଟି ସଞ୍ଚୟ ।
- ଏହା ଶିଳ୍ପକୁ ପ୍ରୋତ୍ସାହିତ କରିବା ସହ ଘରୋଇ ଓ ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି କରିବ ଓ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି କରିବ । ଇନ୍ଧନ ଆମଦାନୀ ହ୍ରାସ ପାଇବ ।
- ଏହା ଗବେଷଣା ଓ ବିକାଶରେ ସହାୟକ ହେବ।
- ଶୂନ୍ୟ ଭେଇକିଲ ନିଃସରଣ ପାଇଁ ଭାରତ ଏକ ବିରାଟ କାର୍ଯ୍ୟକ୍ରମ ଆରମ୍ଭ କରିଛି । ସମସ୍ତ ଇ-ଯାନ ଭିତ୍ତିଭୂମି ଚାର୍ଜିଂ ପାଇଁ ପ୍ରସ୍ତୁତ ହେଉଛି। କୋଇଲା ଜଳିଲେ ଅଙ୍ଗାରକାମ୍ଳ ବୃଦ୍ଧି ପାଏ ମାତ୍ର ବ୍ୟାଟେରୀ ଷ୍ଟୋରେଜ ଯୋଗୁଁ କୋଇଲା ବ୍ୟବହାର ମଧ୍ୟ ହ୍ରାସ ପାଇବ ।

ସୁରକ୍ଷିତ ମାତା, ସୁରକ୍ଷିତ ଶିଶୁ

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ, ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍ । ଅର୍ଥାତ୍, ସଂସାରରେ ସମସ୍ତେ ସୁଖରେ ରହନ୍ତୁ, ସମସ୍ତେ ନିରାମୟ ରହିଥାନ୍ତୁ, ସମସ୍ତେ ଉତ୍ତମ କଥା ହିଁ ଦେଖନ୍ତୁ ଏବଂ କାହାରିକୁ କୌଣସି ପ୍ରକାର କ୍ଲେଶ ନହେଉ । ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ସ୍ୱାସ୍ଥ୍ୟର ନିରାପତ୍ତା ଉପରେ ଏକ ସମ୍ବେଦନଶୀଳ ସରକାର ସଦାବେଳେ ଅଗ୍ରପ୍ରାଧାନ୍ୟ ପ୍ରଦାନ କରିଥାନ୍ତି । ଏହି ମାନସିକତାକୁ ପ୍ରତିଫଳିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଦେଶର କୋଟି କୋଟି ମହିଳା ଏବଂ ନବଜାତକଙ୍କ ପାଇଁ ଆଶୀର୍ବାଦ ବୋଲି ସାବ୍ୟସ୍ତ ହୋଇଛି ...

"ଘରୋଇ ହସପିଟାଲକୁ ଯାଇ ଡାକ୍ତରଙ୍କ ସହିତ ପରାମର୍ଶ କରିବା ସକାଶେ ଆମ ପାଖରେ ଯଥେଷ୍ଟ ଅର୍ଥ ନଥିଲା । କିନ୍ତୁ ମୁଁ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନରୁ ପର୍ଯ୍ୟାପ୍ତ ମାତ୍ରାରେ ଉପକୃତ ହୋଇପାରିଛି ।" ରାଜସ୍ଥାନର ବିକାନେର ଜିଲ୍ଲାର ଚନ୍ଦାର ବକ୍ତବ୍ୟ ହେଲା ଏଇଆ । ସେହିଭଳି ଶିକାର ଜିଲ୍ଲାର ସୁଭିତା ମଧ ଏହି କାର୍ଯ୍ୟକ୍ରମ ସଂପର୍କରେ ନିଜର ମନ୍ତବ୍ୟ ପ୍ରଦାନ କରି କହେ ଯେ ତା'ଭଳି ଗରିବ ମହିଳାମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଅତି ମାତ୍ରାରେ ଲାଭପ୍ରଦ ବୋଲି ସାବ୍ୟସ୍ତ ହୋଇଛି । ବିହାରର ମଞ୍ଜୁ ଦେବୀ ଏବଂ ବବିତା ଦେବୀଙ୍କ କହିବା କଥା ହେଲା, ସ୍ୱାସ୍ଥ୍ୟ କେନ୍ଦ୍ରରେ ସକଳ ପ୍ରକାର ଚେଷ୍ଟିଂ ସୁବିଧା ଓ ଔଷଧ ଉପଲବ୍ଧ ହେଉଥିବାବେଳେ, ଅଙ୍ଗନୱାଡ଼ି କର୍ମୀ- ଆଶା- ମଧ ନିୟମିତ ଭାବେ ସେମାନଙ୍କ ଘରକୁ ଆସନ୍ତି ଏବଂ ସେମାନଙ୍କୁ ପୌଷ୍ଟିକତା ଓ କି ପ୍ରକାର ଖାଦ୍ୟ ଖାଇବା ଦରକାର ସେ ସଂପର୍କରେ ସେମାନଙ୍କୁ ପରାମର୍ଶ ଦେଇଥାନ୍ତି ।

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ (ପିଏମଏସଏମଏ) ଏବେ ଦେଶର ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାମାନଙ୍କ ପାଇଁ ଜୀବନରେଖା ପାଲଟିଛି ଓ ସେମାନଙ୍କୁ ସ୍ୱାସ୍ଥ୍ୟ ସଂପର୍କୀତ ସକଳ ପ୍ରକାର ପରାମର୍ଶ ଓ ଚିକିତ୍ସା ସୁବିଧା ଯୋଗାଇ ଦେଉଛି । ସେହିଭଳି ଗ୍ରାମାଞ୍ଚଳର ମହିଳାମାନଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ ଆନୁଷ୍ଠାନିକ ପ୍ରସବର ଉପକାରୀତା ସମ୍ପର୍କରେ ମଧ ସଚେତନ କରାଯାଉଛି । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ଦେଶରେ ପ୍ରାୟ ତିନି କୋଟି ମହିଳା ଗର୍ଭଧାରଣ କରିଥାନ୍ତି । କିନ୍ତୁ ପୂର୍ବରୁ ଉପଯୁକ୍ତ ଯତ୍ନ ଓ ଗ୍ରାମାଞ୍ଚଳରେ ଡାକ୍ତର ଉପଲବ୍ଧ ନହେବା କାରଣରୁ ମାତୃ ଏବଂ ଶିଶୁ ମୃତ୍ୟୁହାର ଢେର୍ ଅଧିକ ଥିଲା ଯାହାକି ଏବେ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି । ଗର୍ଭବତୀ ମହିଳାମାନଙ୍କ ପାଇଁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାର ସୁବିଧା ଏବେ ପ୍ରତି ମାସର ୯ ତାରିଖରେ ଉପଲବ୍ଧ କରାଯାଇଛି ଯାହାକି ଉଭୟ ମହିଳା ଏବଂ ସେମାନଙ୍କର ନବଜାତକଙ୍କ ପାଇଁ ନିରାପତ୍ତା ଆଣି ଦେଇଛି । ଏହି ଯୋଜନା ଅଧୀନରେ ଗର୍ଭଧାରଣ ସମୟର ଯତ୍ନର ସର୍ବନିମ୍ନ ପ୍ୟାକେଜ୍ ସେମାନଙ୍କ ପାଇଁ ଗର୍ଭଧାରଣର ଦ୍ୱିତୀୟ ଓ ତୃତୀୟ ତ୍ରୈମାସରେ ଯୋଗାଇ ଦିଆଯାଉଛି ଏବଂ ସେଥିପାଇଁ ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ବିନିର୍ଦ୍ଦିଷ୍ଟ କରାଯାଇଛି। ବ୍ଲକ୍ ସ୍ତର ଓ ତଦୁର୍ଦ୍ଧ୍ୱ ସ୍ତରର ହସ୍ପିଟାଲରେ ଡାକ୍ତର ଓ ବିଶେଷଜ୍ଞମାନଙ୍କ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ପ୍ରାବଧାନ କରାଯାଇଛି । ବିହାରର ପୂର୍ଣ୍ଣିଆ ଜିଲ୍ଲାର ଜନୈକ ଆଶାକର୍ମୀ ଗାୟତ୍ରୀ ଦେବୀ କହନ୍ତି, 'ଯେଉଁ ଗର୍ଭବତୀ ମହିଳାମାନଙ୍କର କୌଣସି ପ୍ରକାର ଗୁରୁତର ସମସ୍ୟା ରହିଛି ସେମାନଙ୍କ ଲାଗି ପୃଥକ୍ ସୁବିଧା ରହିଛି ଏବଂ ସେମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ହିଁ ପ୍ରସବ ନିମନ୍ତେ ପରାମର୍ଶ ଦିଆଯାଇଥାଏ । ଜିଲ୍ଲା ସ୍ତରଠାରୁ ଆରମ୍ଭ କରି ପ୍ରାଥମିକ ସ୍ତରର ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସବୁଠାରେ ସମସ୍ତ ଗର୍ଭବତୀ ମହିଳାମାନଙ୍କର ସମସ୍ତ ପ୍ରକାର ଚିକିତ୍ସା ସେବା ଯତ୍ନ ନିଆଯାଉଛି।' ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଘରୋଇ ସେକ୍ଟରର ଡାକ୍ତରମାନେ ମଧ ପ୍ରତି ମାସର ୯ ତାରିଖ ଦିନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ସ୍ୱେଚ୍ଛାକୃତ ଭାବେ ଚିକିତ୍ସା ସେବା ଓ ପରାମର୍ଶ ଯୋଗାଇ ଦେଉଛନ୍ତି ।

ମା' ହେବାର ସୌଭାଗ୍ୟ ଓ ଅବସର ଈଶ୍ୱରଙ୍କର ସବୁଠାରୁ ବଡ଼ ଆଶୀର୍ବାଦ ବୋଲି ବିବେଚନା କରାଯାଇଥାଏ, କିନ୍ତୁ ମା' ହେବାର ସେହି ସୁନ୍ଦର ଅନୁଭବ ବେଳେବେଳେ ଗର୍ଭବତୀ ମହିଳାଙ୍କ ପାଇଁ

ମାତୃତ୍ୱ, ନବ ଜାତ ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ସହଭାଗୀତା

2,76,55,855

ପିଏମଏସଏମଏ ମାଧ୍ୟମରେ ଏବେ ସୁଦ୍ଧା ୨,୭୬,୫୫,୮୫୫ ଜଣ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ।

- ପିଏମଏସଏମଏ ସେବା ଯୋଗାଉଥିବା ସ୍ୱାସ୍ଥ୍ୟ ସେବା ସୁବିଧା ସଂଖ୍ୟା ଏବେ ୧୮,୪୪୯ ଛୁଇଁଛି । ସେହିଭଳି ଏହି ଯୋଜନାରେ ୬,୬୬୫ ଜଣ ସ୍ୱେଚ୍ଛାସେବୀ ସେମାନଙ୍କର ସେବା ଦାନ କରୁଛନ୍ତି। ଯଦି କୌଣସି ମାସର ୯ ତାରିଖ ରବିବାର ହୋଇଥାଏ କିମ୍ବା ସେଦିନ କୌଣସି ଛୁଟି ଦିବସ ହୋଇଥାଏ, ତେବେ ତତ୍ ପରବର୍ତ୍ତୀ କାର୍ଯ୍ୟଦିବସରେ ଏହି କ୍ଲିନିକ୍‌ର ଆୟୋଜନ କରାଯାଇଥାଏ। ପ୍ରାକ୍ ପ୍ରସୂତି ସେବା ସ୍ତ୍ରୀରୋଗ ବିଶେଷଜ୍ଞମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ ।

ପିଏମଏସଏମଏର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଜଣେ ମହିଳାଙ୍କୁ ଏକ ସୁସ୍ଥ ଶିଶୁ ଉପହାର ଦେବା ଏବଂ ତାକୁ ସୁସ୍ଥ ଜୀବନ ପ୍ରଦାନ କରିବା, ମାତୃ ମୃତ୍ୟୁହାର ହ୍ରାସ କରିବା, ସେମାନଙ୍କୁ ବିଭିନ୍ନ ରୋଗ ସଂପର୍କରେ ସଚେତନ କରାଇବା ହେଲା ଏହି ଯୋଜନାର ମୂଳ ଲକ୍ଷ୍ୟ। ଗର୍ଭବତୀ ମହିଳାମାନଙ୍କ ଠାରେ ଥିବା କ୍ଲିନିକାଲ ଅବସ୍ଥା, ଯଥା ରକ୍ତହୀନତା, ଗର୍ଭଧାରଣ ଜନିତ ହାଇପରଟେନସନ୍, ଗର୍ଭଧାରଣ ଅବଧିର ମଧୁମେହ ଇତ୍ୟାଦିର ଉପଯୁକ୍ତ ପରିଚାଳନା ମଧ୍ୟ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂପାଦନ କରାଯାଇଥାଏ ।

ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ

ମାତୃ ମୃତ୍ୟୁ ହାର ୧୯୯୦ରେ ପ୍ରତି ୧ ଲକ୍ଷରେ ୫୫୭ ଥିବାବେଳେ ୨୦୧୬-୧୮ରେ ଏହା ୧୧୩କୁ ହ୍ରାସ ପାଇଛି । ସେହିଭଳି ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମୃତ୍ୟୁହାର ୨୦୧୨ରେ ୫୨ ଥିବାବେଳେ ୨୦୧୮ରେ ତାହା ୩୬କୁ କମିଆସିଛି । ୨୦୧୪-୧୫ରେ ଲିଙ୍ଗ ଅନୁପାତ ୯୧୮ ରହିଥିବାବେଳେ ସେଥିରେ ୧୬ ପ୍ରତିଶତ ଅଭିବୃଦ୍ଧି ଘଟି ୯୩୪ ହୋଇଛି ।

ପିଏମଏସଏମଏର ବୈଶିଷ୍ଟ୍ୟ

ଏହି କାର୍ଯ୍ୟକ୍ରମ ଦେଶର ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କୁ ପ୍ରସବ ପୂର୍ବବର୍ତ୍ତୀ ସକଳ ପ୍ରକାର ସାମଗ୍ରିକ ଓ ଗୁଣାତ୍ମକ ଚିକିତ୍ସା ସୁବିଧା ପ୍ରତି ମାସ ୯ ତାରିଖ ଦିନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଯେକୌଣସି ହସ୍ପିଟାଲ, ଚିକିତ୍ସା କେନ୍ଦ୍ର କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥାଏ ଏବଂ ତାହା ସଂପୂର୍ଣ୍ଣ ମାଗଣାରେ କରାଯାଇଥାଏ । ଏହି ଅଭିଯାନ ମାଧ୍ୟମରେ ମହିଳାମାନଙ୍କର ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରାଯାଇଥାଏ ଯଦ୍ୱାରା ଉଚିତ ସମୟରେ ସେମାନଙ୍କର ଚିକିତ୍ସା କରାଯାଇପାରିବ ।

> “ମାତୃ, ନବଜାତକ ଏବଂ ଶିଶୁ ସ୍ୱାସ୍ଥ୍ୟ ଯତ୍ନ ନିମନ୍ତେ ସହଭାଗୀତା ଏକ ଅଭିନବ ଓ ସଫଳ ପ୍ଲାଟଫର୍ମ । ଏହା ଦ୍ୱାରା ଆମେ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏକ ସୁନ୍ଦର ବ୍ୟବସ୍ଥା ସୃଷ୍ଟି କରୁନାହୁଁ ଅପରପକ୍ଷେ ବିକାଶକୁ ତ୍ୱରତର କରିବା ଦିଗରେ ଏହା ସହାୟକ ହୋଇପାରୁଛି ।
>
> -ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଷ୍ଟିକର ଦ୍ୱାରା ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ମନିଟରିଂ ବ୍ୟବସ୍ଥା

ସବୁଜ ଷ୍ଟିକର- ଯେଉଁ ମହିଳାମାନଙ୍କ ଠାରେ କୌଣସି ପ୍ରକାର ରିସ୍କ ଥିବା ପରୀକ୍ଷାରୁ ଜଣାପଡ଼ିନାହିଁ ।

ଲାଲ ଷ୍ଟିକର – ଯେଉଁ ମହିଳାମାନଙ୍କର ଗର୍ଭଧାରଣ ସମୟରେ ଅଧିକ ରିସ୍କ ରହିଛି ।

ନୀଳ – ଯେଉଁ ମହିଳାମାନଙ୍କ ଠାରେ ଗର୍ଭଧାରଣ ଜନିତ ହାଇପରଟେନସନ ସମସ୍ୟା ରହିଛି ।

ହଳଦିଆ – ଯେଉଁ ମହିଳାମାନଙ୍କର ଗର୍ଭଧାରଣ ସହିତ ବିବିଧ ସ୍ୱାସ୍ଥ୍ୟ ସମସ୍ୟା ଯଥା ମଧୁମେହ, ହାଇପୋଥାଇରଡ଼ିଜିମ୍, ଏସଟିଆ ଆଦି ଅଛି ।

ୱେବସାଇଟ୍ ହେଲ୍ପଲାଇନ

ଯେକୌଣସି ପ୍ରକାର ସହାୟତା ନିମନ୍ତେ ଜଣେ ବ୍ୟକ୍ତି ନିମ୍ନରେ ପ୍ରଦତ୍ତ ୱେବସାଇଟ୍ ଭିଜିଟ କରିପାରିବ: pmsma.nhp.gov.in ଏଥି ନିମନ୍ତେ ଏକ ମୋବାଇଲ୍ ଆପ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଦେୟମୁକ୍ତ ନମ୍ବର: ୧୮୦୦୧୮୦୧୧୦୪

ଯଦି ଆପଣ ଜଣେ ଡାକ୍ତର ହୋଇଥାନ୍ତି ଏବଂ ଏହି ଅଭିଯାନରେ ସାମିଲ ହେବାକୁ ଚାହୁଁଥାନ୍ତି, ଏହି ୱେବସାଇଟରେ ଆପଣ ନିଜର ନାମ ପଞ୍ଜିକରଣ କରାଇପାରିବେ । **“କିଲକାରୀ”,** ଅଧୀନରେ ପ୍ରାୟ ୫ କୋଟି ଗର୍ଭବତୀ ମହିଳାଙ୍କୁ ମୋବାଇଲ ଆପ୍‌ରେ ସେମାନଙ୍କର ଗର୍ଭଧାରଣ ଏବଂ ଶିଶୁ ଯତ୍ନ ସଂପର୍କୀତ ବାର୍ତ୍ତା ପଠାଯାଇଛି ।

ବେଶ୍ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ । କାରଣ ଯଦି ଗର୍ଭବତୀ ମହିଳା ଜଣକ ନିରକ୍ଷର ହୋଇଥାନ୍ତି ଏବଂ ତାଙ୍କ ନିକଟରେ ଉପଯୁକ୍ତ ସୂଚନା ଓ ପରାମର୍ଶ ପହଞ୍ଚିପାରୁନଥାଏ, କିମ୍ବା ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ସୁବିଧା ଉପଲବ୍ଧ ନଥାଏ, ଅପପୁଷ୍ଟି, କମ ବୟସରୁ ବିବାହ କରିବା, ଯୋଜନାବିହୀନ ଭାବେ ଗର୍ଭଧାରଣ ଆଦିର ସେ ସହଜରେ ଶିକାର ହୋଇଥାନ୍ତି ଯାହାକି ତାଙ୍କ ପାଇଁ ଅନେକ ବିପଦ ଆଣିପାରେ । ଏହିସବୁ ଆଶଙ୍କାକୁ ବିଚାରକୁ ନେଇ, କେନ୍ଦ୍ର ସରକାର ୨୦୧୬ ମସିହା ଜୁନ ୯ ତାରିଖ ଦିନ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ (ପିଏମଏସଏମଏ) ଆରମ୍ଭ କରିଥିଲେ । ଏହି ଯୋଜନା କେବଳ ସମାଜରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିନାହିଁ ଅପରନ୍ତୁ ମହିଳାମାନଙ୍କୁ ସଶକ୍ତ କରିଛି ତଥା ସମାଜ ତଥା ରାଷ୍ଟ୍ରକୁ ସେମାନଙ୍କ କର୍ତ୍ତବ୍ୟ ସଂପାଦନ ଦିଗରେ ଅଧିକ କ୍ରିୟାଶୀଳ କରାଇଛି । •

ଏମଏସଏମଇମାନଙ୍କ ସଫଳତାକୁ ସୁବିଧା ଯୋଗାଉଛି ଚାମ୍ପିଅନ୍ସ ପୋର୍ଟାଲ

ଦେଶର ଉଦ୍ଦ୍ୟୋଗମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର କୋଭିଡ୍ ୧୯ ମହାମାରୀ ସମୟରେ ଗତବର୍ଷ ଜୁନ ମାସରେ ଚାମ୍ପିଅନ୍ସ ପୋର୍ଟାଲ ନାମରେ ଏକ ସିଙ୍ଗଲ ୱିଣ୍ଡୋ ପୋର୍ଟାଲ ଆରମ୍ଭ କରିଛନ୍ତି ଯାହାକି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ଦ୍ୟୋଗମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ନିମନ୍ତେ ଉଦ୍ଦିଷ୍ଟ । ଏହି କ୍ଷେତ୍ରକୁ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଭାବେ ବିବେଚନା କରାଯାଇଥାଏ ଏବଂ ଦେଶରେ ଏଭଳି ୬ କୋଟିରୁ ଅଧିକ ଉଦ୍ଦ୍ୟୋଗ ରହିଥିବାବେଳେ ସେଥିରେ ପ୍ରାୟ ୧୧ କୋଟିରୁ ଅଧିକ ଲୋକ ନିୟୋଜିତ ରହିଛନ୍ତି । ଚାମ୍ପିଅନ୍ସ ପୋର୍ଟାଲ ସହାୟତାରେ ଦେଶର ଜିଡିପିରେ ୨୯ ପ୍ରତିଶତ ଯୋଗଦାନ କରୁଥିବା ଏମଏସଏମଇ କ୍ଷେତ୍ର ଆତ୍ମନିର୍ଭରଶୀଳ ହେବାରେ ଆହୁରି ପ୍ରୋତ୍ସାହନ ପାଇବ ।

ସଫଳତାର କାହାଣୀ

ସେଫ୍ଟି ସାଇନ୍ସ ଆଣ୍ଡ ଇକୁପମେଣ୍ଟସ୍ ଏକ ସଂସ୍ଥା ଯାହା ଟ୍ରାଫିକ୍ ପୁଲିସ ଓ ସୁରକ୍ଷା କର୍ମୀମାନଙ୍କ ନିମନ୍ତେ ଜାକେଟ୍ ପ୍ରସ୍ତୁତ କରିଥାଏ । କର୍ଣ୍ଣାଟକର ହୁବଲି ଜିଲ୍ଲାର ଏହି ସଂସ୍ଥା କୋଭିଡ୍ ୧୯ ମହାମାରୀ ସଂକ୍ରମଣ ସମୟରେ ପିପିଇ କିଟ୍‌ର ଚାହିଦା ବୃଦ୍ଧିକୁ ଲକ୍ଷ୍ୟକରି ତାହା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲା । ମାତ୍ର ଅଳ୍ପ ଦିନ ଭିତରେ ଏହି ସଂସ୍ଥା ସେସବୁ ସାମଗ୍ରୀ ଉତ୍ପାଦନ ଆରମ୍ଭ କରିଥିଲା । କିନ୍ତୁ ସେମାନେ ଖୁବ୍ ଶୀଘ୍ର ଏକ ସମସ୍ୟାର ସମ୍ମୁଖୀନ ହୋଇଥିଲେ କାରଣ ଏଥିପାଇଁ ବଜାର ଖୋଲୁନଥିଲା । ଏହା ପରେ ଏହି କମ୍ପାନୀ ପକ୍ଷରୁ ଭେଙ୍କଟେଶ ବାଡ୍ଡି ଏମଏସଏମଇ କାର୍ଯ୍ୟାଳୟର ସହାୟତା ଲୋଡ଼ିଥିଲେ ଯାହା ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲ ଏବଂ ଏନଜିଓମାନଙ୍କ ସହ ଯୋଡ଼ି ଦେଇଥିଲା । ମାତ୍ର ସାତ ଦିନ ଭିତରେ ଏହି ସଂସ୍ଥାର ପିପିଇ କିଟ୍ ବିକ୍ରୟରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଏବେ ଏହି ସଂସ୍ଥା ଦିନକୁ ୧୦୦ ସେଟ୍ ପିପିଇ କିଟ୍ ପ୍ରସ୍ତୁତ କରୁଛି ଏବଂ ବଜାର ଚାହିଦାକୁ ପୂରଣ କରିପାରୁଛି ।

ରାପିଡଟେକ୍ ଆଇଟି ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ ବିହାରର ମୁଜାଫରପୁର ଅନ୍ତର୍ଗତ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ କାର୍ଯ୍ୟାଳୟଙ୍କ ନିକଟରେ ନିଜର ଇଏମଡ଼ି (ଅର୍ନେଷ୍ଟ୍ ମନି ଡିପୋଜିଟ୍) ଛାଡ଼ କରିବା ସକାଶେ ଆବେଦନ କରିଥିଲା । ଏମଏସଏମଇରେ ଥିବା ପ୍ରାବଧାନ ଅନୁସାରେ ସେହି ସଂସ୍ଥା ଏଭଳି ଛାଡ଼ ପାଇଁ ଯୋଗ୍ୟ ବୋଲି ଦର୍ଶାଇଥିଲା । କିନ୍ତୁ ବ୍ୟାଙ୍କ୍ ପକ୍ଷରୁ ଏହି ସଂସ୍ଥାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଥିଲା । ବ୍ୟାଙ୍କ ଦର୍ଶାଇଥିଲା ଯେ କେବଳ ଏନଏସଆଇସି ଅଧୀନରେ ପଞ୍ଜିକୃତ ହୋଇଥିବା କମ୍ପାନୀମାନଙ୍କ ନିମନ୍ତେ ଏହି ବ୍ୟବସ୍ଥା ପ୍ରଯୁଜ୍ୟ । ତେଣୁ ସେହି କମ୍ପାନୀ ଅନ୍ୟ କୌଣସି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିନଥିଲା । ଏହି ବିଷୟ ଅବଗତ ହେବା ପରେ ରାଜ୍ୟର ଚାମ୍ପିଅନ୍ସ ପୋର୍ଟାଲ ଏଥରେ ହସ୍ତକ୍ଷେପ କରିଥିଲା ଏବଂ ବ୍ୟାଙ୍କର ଆଞ୍ଚଳିକ ଶାଖାର କ୍ଷେତ୍ରୀୟ ମ୍ୟାନେଜରଙ୍କୁ ସେହି ଆବେଦନର ପୁନର୍ବିଚାର ନିମନ୍ତେ ଅନୁରୋଧ କରିଥିଲା । ସେଥିରେ ସେମାନେ ଦର୍ଶାଇଥିଲେ ଯେ ପୂର୍ବରୁ ବ୍ୟାଙ୍କ ନେଇଥିବା ଟେଣ୍ଡର ସମ୍ପୀତ ନିଷ୍ପତ୍ତିର ପୁନର୍ବିଚାର କରିପାରିବେ । ଏଥିପାଇଁ ବିଧିଗତ ବ୍ୟବସ୍ଥା ରହିଛି ।

ସଫଳତାର କାହାଣୀ

ରାଜକୋଟର ମନସୁଖ କାକୋଡ଼ିଆ ତାଙ୍କର ୟୁଏଏମ କାର୍ଡ (କ୍ଷୁଦ୍ରଶିଳ୍ପ ସଂସ୍ଥାମାନଙ୍କ ଚିହ୍ନଟ ସକାଶେ ପ୍ରଦାନ କରାଯାଇଥିବା ଚିହ୍ନଟ କାର୍ଡ଼)ଟି କେଉଁଠାରେ ହଜାଇ ଦେଇଥିଲେ । ଏହା ପରେ ଚାମ୍ପିଅନ୍ସ ପୋର୍ଟାଲରୁ ସେ ଏ ସଂପର୍କରେ ପରାମର୍ଶ ଲୋଡ଼ିଥିଲେ । ପୋର୍ଟାଲ ଟିମ୍ ମନସୁଖ କାକୋଡ଼ିଆଙ୍କୁ ଯଥା ସମୟରେ ସବୁ ପ୍ରକାର ସୂଚନା ପ୍ରଦାନ କରିଥିଲେ ଯେଉଁଥିପାଇଁ ସେ ତାଙ୍କର ଆଉ ଗୋଟିଏ ପରିଚୟ ପତ୍ର ପୁଣି ଥରେ ଠିକ୍ ସମୟରେ ପାଇବାକୁ ସକ୍ଷମ ହୋଇଥିଲେ ।

ଝାଡ଼ଖଣ୍ଡର ବୋକାରୋ ସହରରେ ରହୁଥିବା ଲାଲଟୁ ସରକାର ଏନଏଚ କନଷ୍ଟ୍ରକସନ୍ ନାମରେ ଗୋଟିଏ କମ୍ପାନୀ ଚଳାଇଥାନ୍ତି । ବୋକାରୋ ଷ୍ଟୀଲ ଲିମିଟେଡ଼ (ବିଏସଏଲ) ତାଙ୍କୁ ୬ କୋଟି ଟଙ୍କା ଦେବାର ଥିଲା ଯାହା ସେମାନେ ତାଙ୍କୁ ଦେଉନଥିଲେ । ଲାଲଟୁ ବିଏସଏଲକୁ ଅନେକ ଥର ପେମେଣ୍ଟ ପାଇଁ ଚିଠି ଲେଖି ଅନୁରୋଧ କଲା କିନ୍ତୁ ତା'ର କୌଣସି ପ୍ରୟାସ ସଫଳ ହେଲାନାହିଁ କି ସେ ତା'ର ବାକିଆ ଟଙ୍କା ପାଇଲାନାହିଁ । ସବୁଆଡୁ ଚେଷ୍ଟାକରି ବିଫଳ ହେବାପରେ ଲାଲଟି ପରିଶେଷରେ ଚାମ୍ପିଅନ୍ସ ପୋର୍ଟାଲରେ ଗୋଟିଏ ଅଭିଯୋଗ କଲା । ଚାମ୍ପିଅନ୍ସ ଟିମଙ୍କ ହସ୍ତକ୍ଷେପ ଫଳରେ ଲାଲଟୁକୁ ଆଂଶିକ ଭାବେ ୨.୫ କୋଟି ଟଙ୍କା ମିଳିଲା ଏବଂ ନିଷ୍ପତ୍ତି ହେଲା ଯେ ଅବଶିଷ୍ଟ ରାଶିକୁ ବିଏସଏଲ କିସ୍ତି ଆକାରରେ ପ୍ରଦାନ କରିବ ।

ଥିସୁରର କେ ଏମ ଯୋଶେ ଗୋଟିଏ ଛୋଟ ସ୍ନାକ୍ସ ପ୍ରସ୍ତୁତକାରୀ ୟୁନିଟ୍ ଚଳାଇ ନିଜର ଗୁଜରାଣ ମେଣ୍ଟାଉଥିଲେ। ନିଜର ୟୁନିଟ୍‌କୁ ଫୁଡ଼ ଆଣ୍ଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ଼ ଅଥରିଟି ଅଫ୍ ଇଣ୍ଡିଆ (ଏଫଏସଏସଏଆଇ) ରେ ପଞ୍ଜୀକରଣ କରିବାକୁ ସେ ନାନା ପ୍ରକାର ସମସ୍ୟାର ସମୁଖୀନ ହେବାପରେ ସୁଦ୍ଧା ନିଜ ପ୍ରୟାସରେ ସଫଳ ହୋଇନଥିଲେ । ଏଫଏସଏସଏଆଇ ୱେବସାଇଟ୍‌ରେ ଅନେକ ଥର ନାମ ପଞ୍ଜୀକରଣ କରାଇ ସୁଦ୍ଧା ସଫଳ ନହେବା ପରେ ସେ ଚାମ୍ପିଅନ୍ସ ପୋର୍ଟାଲରେ ଗୋଟିଏ ଅଭିଯୋଗ ଦରଜ କଲେ। ମାତ୍ର ଅଭିଯୋଗ କରିବାର ମାତ୍ର ୨୪ ଘଣ୍ଟା ଭିତରେ ଥିସୁରର ଏମଏସଏମଇ ଟିମ୍ ଏଫଏସଏସଏଆଇ ସହିତ ଯୋଗାଯୋଗ ସ୍ଥାପନ କରିଥିଲେ ଏବଂ ଯୋଶେଙ୍କ ସମସ୍ୟା ସଂପର୍କରେ ସେମାନଙ୍କୁ ଅବଗତ କରାଇଥିଲେ । ଫଳରେ ତୁରନ୍ତ ତାଙ୍କର ଏହି ଅସୁବିଧାର ସମାଧାନ ହୋଇ ଯୋଶେଙ୍କ ୟୁନିଟ୍‌ର ପଞ୍ଜୀକରଣ କାର୍ଯ୍ୟ ସମାପ୍ତ ହୋଇଥିଲା ।

ଏମଏସଏମଇ ଉଦ୍ଯୋଗମାନେ ସମୁଖୀନ ହେଉଥିବା ସମସ୍ୟାବଳୀ ସବୁ ଚାମ୍ପିଅନ୍ସ ପୋର୍ଟାଲ ଦ୍ୱାରା ଉପଯୁକ୍ତ ସମୟ ଭିତରେ ସମାଧାନ ହେବାର ଏକ ଲମ୍ବା ତାଲିକା ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୦ ମସିହା ଜୁନ ୧ ତାରିଖ ଦିନ ଏହି ଚାମ୍ପିଅନ୍ସ ପୋର୍ଟାଲର ଶୁଭାରମ୍ଭ କରିଥିଲେ। ଏମଏସଏମଇ ଉଦ୍ଯୋଗମାନ ସମୁଖୀନ ହେଉଥିବା ନାନା ପ୍ରକାର ସମସ୍ୟାର ତୁରନ୍ତ ସମାଧାନ କରିବା ହେଉଛି ଏହି ପୋର୍ଟାଲର ମୂଳ ଉଦ୍ଦେଶ୍ୟ। ସେମାନଙ୍କ ମଧ୍ୟରେ ଉଦ୍ଯୋଗୀ ଭାବନାକୁ ଜାଗ୍ରତ ତଥା ପ୍ରଖରିତ କରିବା ତଥା ସେମାନଙ୍କ ପାଇଁ ବ୍ୟବସାୟିକ ସୁଯୋଗର ନୂତନ ସୁଯୋଗମାନ ଖୋଜି ବାହାର କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ। ତେଣୁ ଚାମ୍ପିଅନ୍ସ ପୋର୍ଟାଲ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ଯୋଗମାନଙ୍କ ସକାଶେ ଏହା ଏବେ ନିଜର ସମସ୍ତ ପ୍ରକାର ସମାଧାନ ପନ୍ଥା ପାଇବାର ସବୁଠାରୁ ସହଜ ମାଧ୍ୟମ ଓ ସାଧନ ପାଲଟିଛି । ସେମାନେ ସମୁଖୀନ ହେଉଥିବା ସବୁପ୍ରକାର ସମସ୍ୟା ଏହି ପୋର୍ଟାଲ ଜରିଆରେ ସମାଧାନ ହୋଇପାରୁଛି । ଏହି ପୋର୍ଟାଲ ଏମଏସଏମଇ ଉଦ୍ଯୋଗଗୁଡ଼ିକ ନିମନ୍ତେ ପୁଞ୍ଜି ଓ ମାନବସମ୍ବଳ ଅଭାବ ଦୂର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସେହିଭଳି ଏହି ପୋର୍ଟାଲ ସେହିସବୁ ଉଦ୍ଯୋଗମାନଙ୍କ ନିମନ୍ତେ ନୂତନ କ୍ଷେତ୍ର ଯଥା ମାସ୍କ ଓ ପିପିଇ କିଟ୍ ପ୍ରସ୍ତୁତ ଭଳି କ୍ଷେତ୍ର ଓ ସୁଯୋଗ ଯୋଗାଇ ଦେଉଛି । ଏହିସବୁ ଉତ୍ପାଦର ଜାତୀୟ ତଥା ଆନ୍ତର୍ଜାତୀୟ ବଜାରରେ ବିଶେଷ ଚାହିଦା ରହିଛି । ଏହା ବ୍ୟତୀତ,ଏହି ପୋର୍ଟାଲ ଏମଏସଏମଇ ୟୁନିଟଗୁଡ଼ିକୁ ଚିହ୍ନଟ କରୁଛି ଯେଉଁମାନେ କି ବର୍ତ୍ତମାନର ଜଟିଳ ସମୟ ଓ ପରିସ୍ଥିତିକୁ ମୁକାବିଲା କରିପାରୁଛନ୍ତି ଓ ବୈଶ୍ୱିକ ସ୍ତରରେ ନିଜର ପ୍ରତିଷ୍ଠା ଓ ସାମର୍ଥ୍ୟ ପ୍ରଦର୍ଶନ କରିପାରୁଛନ୍ତି ।

ସବୁପ୍ରକାର ସମସ୍ୟା ସମାଧାନର ଏକମାତ୍ର ସହଜ ମାର୍ଗ

ଚାମ୍ପିଅନ୍ସ ହେଉଛି ପ୍ରଥମ ପୋର୍ଟାଲ ଯାହାକୁ ଭାରତ ସରକାରଙ୍କ କେନ୍ଦ୍ରୀକୃତ ଜନ ଅଭିଯୋଗ ସମାଧାନ ଏବଂ ମନିଟରିଂ ବ୍ୟବସ୍ଥା (ସିପିଜିଆରଏଏମଏସ) ସହିତ ସଂଯୋଗ କରାଯାଇଛି । ଏହାର ଅର୍ଥ, ଯଦି କେହି ଜଣେ ବ୍ୟକ୍ତି ଅବା ସଂସ୍ଥା ସିପିଜିଆରଏଏମଏସ ନିକଟରେ

କୌଣସି ପ୍ରକାର ଅଭିଯୋଗ ଦରଜ କରନ୍ତି ତାହା ସିଧାସଳଖ ଭାବେ ଚାମ୍ପିଅନ୍ସ ପୋର୍ଟାଲରେ ପ୍ରତିଫଳିତ ଓ ପ୍ରଦର୍ଶିତ ହେବ । ପୂର୍ବରୁ ଏହିସବୁ ଅଭିଯୋଗଗୁଡ଼ିକୁ ସଂପୃକ୍ତ ମନ୍ତ୍ରଣାଳୟଙ୍କ ନିକଟକୁ ପଠାଯାଉଥିଲା କିନ୍ତୁ ବର୍ତ୍ତମାନର ବ୍ୟବସ୍ଥା ଅନୁସାରେ ଏହି ଅଭିଯୋଗ ସମାଧାନ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିଛି ।
ସିପିଜିଆରଏଏମଏସ ଏଭଳି ଏକ ପ୍ଲାଟଫର୍ମ ଯାହା ୱେବ୍ ଟେକ୍ନୋଲୋଜି ଆଧାରିତ ଏବଂ ତାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଭିନ୍ନ ସମସ୍ୟା ସମୁଖୀନ ହେଉଥିବା ବ୍ୟକ୍ତିବିଶେଷଙ୍କ ଅଭିଯୋଗକୁ ଦରଜ କରିବାର ସାଧନ । ସେମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି ଯେକୌଣସି ସମୟରେ ସେମାନେ ଯେକୌଣସି ମନ୍ତ୍ରଣାଳୟ, ବିଭାଗ କିମ୍ବା ସଂସ୍ଥାଙ୍କ ନିକଟରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ ।
ଚାମ୍ପିଅନ୍ସ ପୋର୍ଟାଲରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଡାଟା ଆନାଲିସିସ୍ ଏବଂ ମେସିନ୍ ଲର୍ଣ୍ଣିଂ ଭଳି ବ୍ୟବସ୍ଥା ସଂଯୋଗ କରାଯାଇଛି ଯାହା ଏହି ପୋର୍ଟାଲକୁ ଉଦ୍ୟୋଗୀମାନଙ୍କର ସକଳ ପ୍ରକାର ସମସ୍ୟାକୁ ଆପେ ଆପେ ବିଶ୍ଳେଷଣ କରିବା ନିମନ୍ତେ ସକ୍ଷମ । ଉଦାହରଣ ସ୍ୱରୂପ, ଯଦି କୌଣସି ଜଣେ ନିର୍ଦ୍ଦିଷ୍ଟ ଉଦ୍ୟୋଗୀଙ୍କର ଋଣ ଆବେଦନ ପତ୍ରକୁ ଗୋଟିଏ ବ୍ୟାଙ୍କ୍ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛି କିମ୍ବା ଗୋଟିଏ କ୍ଷେତ୍ର ଏକ ନିର୍ଦ୍ଦିଷ୍ଟ ସମସ୍ୟା ନିୟମିତ ଭାବେ ସମୁଖୀନ ହୋଇଆସୁଛି, ତେବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗ ଦ୍ୱାରା ତାହା ଚାମ୍ପିଅନ୍ସ ପୋର୍ଟାଲରେ ପ୍ରତିଫଳିତ / ପ୍ରଦର୍ଶିତ ହେବ । ସେହିସବୁ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ପରେ ସଂପୃକ୍ତ ଅଧିକାରୀମାନେ ସେହିସବୁ ସମସ୍ୟାର ସମାଧାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ମ୍ୟାନେଜମେଣ୍ଟ ଇନଫର୍ମେସନ୍ ସିଷ୍ଟମ ପ୍ରଯୁକ୍ତି ଆଧାରରେ ଏହି ପୋର୍ଟାଲକୁ ସମୃଦ୍ଧ କରାଯାଇଛି । ଏହାତିରିକ୍ତ, ପ୍ରତ୍ୟେକ କ୍ଷେତ୍ରର ସମସ୍ୟାବଳୀଗୁଡ଼ିକୁ ସମାଧାନ କରିବା ସହ ସେହିସବୁ ସମସ୍ୟାକୁ ସୁଯୋଗରେ ପରିଣତ କରିବା ଦିଗରେ ମଧ୍ୟ ଏହା କାର୍ଯ୍ୟ କରିଥାଏ ।

ଏହି ପୋର୍ଟାଲର ବିକାଶ ନିମନ୍ତେ ନିଜସ୍ୱ ଜ୍ଞାନକୌଶଳର ଉପଯୋଗ

ନିଜସ୍ୱ ଜ୍ଞାନ କୌଶଳରେ ବିକଶିତ ଚାମ୍ପିଅନ୍ସ ପୋର୍ଟାଲର କଣ୍ଟ୍ରୋଲ ରୁମକୁ 'ହବ୍ ଆଣ୍ଡ ସ୍ପୋକ୍' ମଡ଼େଲରେ ବିକଶିତ କରାଯାଇଛି । ଏହାର ଅର୍ଥ, ଗୋଟିଏ ଚକ୍ର ପରି ଏହାର କେନ୍ଦ୍ରବିନ୍ଦୁ ନୂଆଦିଲ୍ଲୀର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟଠାରେ ରହିଛି ଏବଂ ରାଜ୍ୟମାନଙ୍କରେ ଥିବା ମନ୍ତ୍ରଣାଳୟର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକୁ ଏହାର ଗୋଟିଏ ଗୋଟିଏ ସ୍ପୋକ୍ ବୋଲି ବିବେଚନା କରାଯାଇପାରେ । ଏବେ ସୁଦ୍ଧା ଏହି ବ୍ୟବସ୍ଥାର ଅଂଶବିଶେଷ ସ୍ୱରୂପ ୬୬ଟି ରାଜ୍ୟ ସ୍ତରୀୟ କଣ୍ଟ୍ରୋଲ ରୁମ୍ ସୃଷ୍ଟି କରାଯାଇଛି ।

ମାତ୍ର ୭୨ ଘଣ୍ଟା ଭିତରେ ସମସ୍ୟାର ସମାଧାନ

ଯେକୌଣସି ବ୍ୟବସ୍ଥାର ସଫଳତା ଜଣେ ବ୍ୟକ୍ତି କେତେ

ଚାମ୍ପିଅନଗଣ

ଏହା ଏକ ଦେଶରେ ଏକ ଉତ୍ପାଦନ ବୃଦ୍ଧି ଓ ଜାତୀୟ ସାମର୍ଥ୍ୟ ବର୍ଦ୍ଧନକାରୀ ଏକ ଆଧୁନିକ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାର ସୁସଂହତ ପ୍ରୟୋଗ ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ ।

ଉଦ୍ଦେଶ୍ୟ ଓ ଉପକାରୀତା

ବର୍ତ୍ତମାନର ସମସ୍ୟାକୁ ଅତିକ୍ରମ କରିବା ତଥା ଭବିଷ୍ୟତରେ ଯଦି କୌଣସି ପ୍ରକାର ଅପ୍ରତ୍ୟାଶିତ ପରିସ୍ଥିତି ଉତ୍ପନ୍ନ ହୁଏ ତାହାକୁ ସାମ୍ନା କରିବା ନିମନ୍ତେ ଏମଏସଏମଇ ଉଦ୍ଦ୍ୟୋଗଗୁଡ଼ିକ ସକ୍ଷମ କରିବା ହେଉଛି ଏହି ପୋର୍ଟାଲର ମୂଳ ଉଦ୍ଦେଶ୍ୟ । ସେଥିପାଇଁ ସେହିସବୁ ଉଦ୍ଦ୍ୟୋଗମାନଙ୍କୁ ଏହି ପୋର୍ଟାଲ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଇଥାଏ । ଏହି ପୋର୍ଟାଲ ମାଧ୍ୟମରେ ବିଭିନ୍ନ ପ୍ରକାର ଆର୍ଥିକ, ଶ୍ରମ, କଞ୍ଚାମାଲ ଉପଲବ୍ଧ ଜନିତ ସମସ୍ୟାର ସମାଧାନ ସମେତ ବିଭିନ୍ନ ନିୟନ୍ତ୍ରକ ସଂସ୍ଥାମାନଙ୍କ ଠାରୁ ଅନୁମତି ଲାଭ କରାଇବା ସହଜସାଧ ହୋଇଥାଏ ।



ଚାମ୍ପିଅନ୍ସ ପୋର୍ଟାଲରେ କୌଣସି ଗୋଟିଏ ଅଭିଯୋଗ ଦରଜ କରିବା ନିମନ୍ତେ ଅତି ସହଜ ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ । ଏଥିପାଇଁ ଆବେଦନକାରୀଙ୍କୁ ପୋର୍ଟାଲରେ ଥିବା ଫର୍ମରେ ଆବଶ୍ୟକ ବିବରଣୀ ଯଥା ୟୁଜର ଟାଇପ୍, ବ୍ୟକ୍ତିଙ୍କ ନାମ ଓ ମୋବାଇଲ୍ ନମ୍ବର ଭରିବା ପରେ ତାଙ୍କୁ ଗୋଟିଏ ଓଟିପି ମିଳିଥାଏ । ସେହି ଓଟିପିକୁ ଭରିବା ପରେ ୟୁଜର ତାଙ୍କର ଅଭିଯୋଗକୁ ପଞ୍ଜୀକୃତ କରିବାକୁ ସକ୍ଷମ ହୋଇଥାନ୍ତି। ଏହାପରେ, ଏମଏସଏମଇ ବିଭାଗ ସେହି ସମସ୍ୟାଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ଆଧାରରେ ସମାଧାନ କରିଥାନ୍ତି ।

ଦେଶକୁ ସଶକ୍ତ କରିବା ସକାଶେ ଏମଏସଏମଇକୁ ସକ୍ଷମ କରାଅ

ମହାତ୍ମା ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ଭାରତର ବିକାଶ ଦେଶର ଗ୍ରାମଗୁଡ଼ିକର ଉନ୍ନତିରେ ହିଁ ନିହିତ ରହିଛି ଯେଉଁଥିପାଇଁ ବିକେନ୍ଦ୍ରୀକରଣ ଏବଂ କ୍ଷେତ୍ରୀୟ ଆତ୍ମନିର୍ଭରଶୀଳତା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେଇଥିପାଇଁ ସରକାର ଏମଏସଏମଇ କ୍ଷେତ୍ରକୁ ସମୃଦ୍ଧ କରିବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କୁଟୀର ଶିଳ୍ପ ଯାହାକି ଗ୍ରାମକୁ ଆତ୍ମନିର୍ଭୀଶୀଳ ହେବା ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ତାହାକୁ ସୁଦୃଢ଼ କରିବା ଲାଗି ପ୍ରୟାସ କରୁଛନ୍ତି ।

ଏହା କେହି କେବେ ବିଶ୍ୱାସ କରିପାରୁଥିଲା ଯେ ମାତ୍ର ୫୯ ମିନିଟରେ ଜଣେ ବ୍ୟକ୍ତି ଏମଏସଏମଇ ଉଦ୍ଯୋଗ ନିମନ୍ତେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ସହଜରେ ପାଇପାରିବେ ? କିନ୍ତୁ କେନ୍ଦ୍ର ସରକାରଙ୍କ ପ୍ରୟାସ ଫଳରେ ଏହା ଏବେ ବାସ୍ତବତାରେ ପରିଣତ ହୋଇଛି ।

ଋଣ ଲାଭ ଏବଂ ବଜାର ପହଞ୍ଚ, ପ୍ରଯୁକ୍ତିଗତ ଉନ୍ନତିକରଣ ଫଳରେ ବ୍ୟବସାୟ କରିବା ସହଜସାଧ ହୋଇପାରିଛି ଏବଂ ଏମଏସଏମଇ କ୍ଷେତ୍ରକୁ ପ୍ରୋତ୍ସାହନ ଯୋଗାଣ ନିମନ୍ତେ ସରକାର ଗ୍ରହଣ କରିଥିବା ସେହିସବୁ ପଦକ୍ଷେପ ଦ୍ୱାରା ଏଥିରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ନିରାପତ୍ତା ଅଧିକ ସୁଦୃଢ଼ ହୋଇପାରିଛି । ଚଳିତ ବର୍ଷ ବଜେଟରେ, ଏହି କ୍ଷେତ୍ର ନିମନ୍ତେ ସରକାର ୧୫,୭୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ଯାହାକି ପୂର୍ବ ବର୍ଷର ବଜେଟ ପ୍ରାବଧାନ ତୁଳନାରେ ଦୁଇଗୁଣ ଅଧିକ ।

ଆତ୍ମନିର୍ଭର ଭାରତ ପ୍ୟାକେଜ୍ ଏମଏସଏମଇକୁ ପର୍ଯ୍ୟାପ୍ତ ଆଶ୍ୱସ୍ତି ପ୍ରଦାନ କରିଛି

- ଆତ୍ମନିର୍ଭର ଭାରତ ପ୍ୟାକେଜ୍ ଅଧୀନରେ କରୋନା ମହାମାରୀ ସମୟରେ ସରକାର ଏକ ଛଅ ସୂତ୍ରୀ ଋଣନୀତି ଘୋଷଣା କରିଥିଲେ ଯାହା ଦେଶର କ୍ଷୁଦ୍ର ଉଦ୍ଯୋଗଗୁଡ଼ିକ ଯେଉଁମାନେ କି ଲକ୍ ଡାଉନ୍ ଦ୍ୱାରା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ ସେଗୁଡ଼ିକର ପୁନରୁତ୍ଥାନ ଗ୍ରହଣ କରାଯାଇଥିଲା ।
- ଏମଏସଏମଇ ସେକ୍ଟର, କୁଟୀରଶିଳ୍ପ ତଥା ଘରୋଇ ଶିଳ୍ପର ୪୫ ଲକ୍ଷ ୟୁନିଟକୁ ସୁବିଧା ଯୋଗାଣ ନିମନ୍ତେ ସେମାନଙ୍କ ବ୍ୟବସାୟର ପୁନରୁତ୍ଥାନ ଲାଗି ୩ ଲକ୍ଷ ଟଙ୍କାର କୋ-ଲାଟରାଲମୁକ୍ତ ଅଟୋମେଟିକ୍ ଋଣ ଯୋଗାଣର ପ୍ରାବଧାନ କରାଯାଇଛି । ସେହିଭଳି, ଏହା ମଧ୍ୟ ଘୋଷଣା କରାଯାଇଛି ଯେ ଯେଉଁସବୁ ଏମଏସଏମଇ ସଂସ୍ଥାମାନଙ୍କର ସରକାରୀ କମ୍ପାନୀ କିମ୍ବା ରାଷ୍ଟ୍ରାୟତ୍ତ ଉଦ୍ଯୋଗମାନ ନିକଟରେ ପାଉଣା ବାକି ଅଛି ସେମାନେ ତାହା ୪୫ ଦିନ ମଧ୍ୟରେ ପ୍ରଦାନ କରିବେ ।
- ଯେଉଁସବୁ କୁଟୀର ଶିଳ୍ପସଂସ୍ଥା ଏବଂ ଏମଏସଏମଇଗୁଡ଼ିକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ ପାଇଁ ୨୦,୦୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ବ୍ୟବସ୍ଥା ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ବିଦେଶୀ କମ୍ପାନୀମାନଙ୍କ ସହ ଅଧିକାଂଶ ସମୟରେ ଏମଏସଏମଇ ସଂସ୍ଥାମାନଙ୍କୁ ଅନୁଚିତ ପ୍ରତିଯୋଗୀତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁ ୨୦୦ କୋଟି ଟଙ୍କା ତଳକୁ ସମସ୍ତ ପ୍ରକାର ସରକାରୀ ସାମଗ୍ରୀ ଆହରଣ କ୍ଷେତ୍ରରେ ବୈଶ୍ୱିକ ଟେଣ୍ଡର ପ୍ରକ୍ରିୟାକୁ ନିଷେଧ କରାଯାଇଛି ।
- ଏମଏସଏମଇମାନଙ୍କ ନିମନ୍ତେ ଘୋଷିତ ପାଣ୍ଠିର ଏକ ପାଣ୍ଠି ସୃଷ୍ଟି କରାଯାଇଛି ଯାହା ମାଧ୍ୟମରେ ସେମାନଙ୍କୁ ୫୦,୦୦୦ କୋଟି ଟଙ୍କାର ଇକୁଇଟି ସହାୟତା ଯୋଗାଇ ଦିଆଯିବ ଏବଂ ତାହା ସେହିସବୁ କ୍ଷୁଦ୍ର ଶିଳ୍ପ ଉଦ୍ଯୋଗଗୁଡ଼ିକୁ ପ୍ରଦାନ କରାଯିବ ଯେଉଁମାନଙ୍କ କାର୍ଯ୍ୟଦକ୍ଷତା ବେଶ୍ ଉତ୍ତମ ଥିବ ଏବଂ ସେମାନେ ନିଜ ସଂସ୍ଥାକୁ ସଂପ୍ରସାରଣ କରିବାକୁ ଆଗ୍ରହୀ ଥିବେ । ସେହିଭଳି ଉତ୍ତମ ବ୍ୟବସାୟିକ ସଫଳତା ପ୍ରଦର୍ଶନ କରୁଥିବା ଏମଏସଏମଇ ଉଦ୍ଯୋଗମାନଙ୍କ ସକାଶେ ଆହୁରି ଅନେକ ଗୁଡ଼ିଏ ସୁବିଧା ସରକାର ଘୋଷଣା କରିଛନ୍ତି ଯଦ୍ୱାରା ସେମାନେ ନିଜର ଆକାର ଓ ଉତ୍ପାଦନ ଓ ବ୍ୟବସାୟିକ କ୍ଷମତା ବୃଦ୍ଧି କରିବାରିବେ । ଏଥି ନିମନ୍ତେ ସରକାର ଅତିରିକ୍ତ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ଘୋଷଣା କରିଛନ୍ତି ।
- ଏବେ ଯେଉଁ ଉତ୍ପାଦନକାରୀ ଓ ସେବା ୟୁନିଟମାନ ରହିଛି ଏବଂ ଯାହାଙ୍କ ନିବେଶ ପରିମାଣ ୧ କୋଟି କିମ୍ବା ବାର୍ଷିକ କାରବାର ପରିମାଣ ୫ କୋଟି ଟଙ୍କାରୁ ଅଧିକ, ସେମାନଙ୍କୁ ମାଇକ୍ରୋ- ୟୁନିଟ୍ ଭାବେ ବିବେଚନା କରାଯିବ ଯଦ୍ୟପି ୧୦ କୋଟି ଟଙ୍କାର ନିବେଶ ଅଥବା ବାର୍ଷିକ ୫୦ କୋଟି ଟଙ୍କା ଠାରୁ ଅଧିକ କାରବାର କରୁଥିବା ଉଦ୍ଯୋଗୀମାନଙ୍କୁ କ୍ଷୁଦ୍ର ଉଦ୍ଯୋଗ ଭାବେ ବିବେଚନା କରାଯିବ । ଅପର ପକ୍ଷେ, ଯେଉଁ ଉଦ୍ଯୋଗଗୁଡ଼ିକରେ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ନିବେଶ କରାଯାଇଥିବ ଓ ସେମାନଙ୍କର ବାର୍ଷିକ କାରବାର ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ ହୋଇଥିବ, ସେମାନଙ୍କୁ ମଧ୍ୟମ ଧରଣର ଉଦ୍ଯୋଗ ଭାବେ ନାମିତ କରାଯିବ ।

କରୋନାର ଦ୍ୱିତୀୟ ଲହର ମଧ୍ୟରେ ଆରବିଆଇ ବଢ଼ାଇଲା ସହାୟତାର ହାତ



ଦେଶରେ କରୋନା ମହାମାରୀର ଦ୍ୱିତୀୟ ଲହର ସତ୍ତ୍ୱେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏମଏସଏମଇ କ୍ଷେତ୍ରକୁ ସହାୟତା ପ୍ରଦାନ ନିମନ୍ତେ ଅନେକ ଗୁଡ଼ିଏ ପଦକ୍ଷେପ ଘୋଷଣା କରିଛନ୍ତି । ଯେଉଁ ଏମଏସଏମଇ ୟୁନିଟଗୁଡ଼ିକ ନିର୍ଦ୍ଧାରିତ ସମୟରେ ସେମାନଙ୍କର ଋଣ ପରିଶୋଧ କରିବାକୁ ସକ୍ଷମ ହୋଇପାରିନାହାନ୍ତି ସେମାନଙ୍କୁ ରିଜର୍ଭ ବ୍ୟାଙ୍କ ତରଫରୁ ପୁନର୍ଗଠନ ବିକଳ୍ପ ସୁବିଧା ପ୍ରଦାନ କରାଯାଇଛି । ଯେଉଁ ଏମଏସଏମଇ ସଂସ୍ଥାମାନଙ୍କ କାରବାର ୨୫ କୋଟି ଟଙ୍କା ମଧ୍ୟରେ ସୀମିତ ଏବଂ ଯେଉଁମାନେ ପୂର୍ବରୁ ଏଭଳି ପୁନର୍ଗଠନ ସୁବିଧା ହାସଲ କରିନାହାନ୍ତି ସେମାନେ ଏଭଳି ଆବେଦନ କରିବାକୁ ଯୋଗ୍ୟ ବୋଲି କୁହାଯାଇଛି । ଅଧିକନ୍ତୁ, ଏମଏସଏମଇ ଉଦ୍ଯୋଗଗୁଡ଼ିକୁ ଋଣ ଯୋଗାଉଥିବା ବ୍ୟବସାୟିକ ବ୍ୟାଙ୍କଗୁଡ଼ିକୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ।

ପରିମାଣରେ ଏହା ସହ ସଂପୃକ୍ତ ବା ଓତଃପ୍ରୋତ ଭାବେ ଜଡ଼ିତ ରହିଛି ତାହା ଉପରେ ହିଁ ନିର୍ଭର କରିଥାଏ । ତେଣୁ ଏହି ବ୍ୟବସ୍ଥାକୁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟାନ୍ୱୟନ କରିବା ଅଭିପ୍ରାୟରେ ସଂପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଯେକୌଣସି ଅଭିଯୋଗ ଫାଇଲକୁ ନିଜ ପାଖରେ ୭୨ ଘଣ୍ଟାରୁ ଅଧିକ ସମୟ ଅଟକାଇ ନରଖିବା ସକାଶେ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

ଭାରତରେ ଯେତେବେଳେ କୌଣସି ପ୍ରକାର ଆର୍ଥିକ ସଂକଟ ଉପୁଜିଛି ସେତେବେଳେ ଦେଶ ସୁରକ୍ଷିତ ହୋଇଛି କାରଣ ଏହାର ଏମଏସଏମଇ କ୍ଷେତ୍ର ବେଶ୍ ସୁଦୃଢ଼ ରହିଛି ।

କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ଯୋଗ ବିଭାଗ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ କହିବା ଅନୁସାରେ ସରକାର ପାଶ୍ଚାତ୍ୟକରଣ ଢାଞ୍ଚାରେ ବିଶ୍ୱାସୀ ନୁହନ୍ତି କିନ୍ତୁ ସରକାର ଗ୍ରାମଗୁଡ଼ିକର ବିକାଶ ସପକ୍ଷରେ ସଦାବେଳେ ଅଛନ୍ତି। ଏହା ହେଉଛି ସାମାଜିକ ତଥା ଆର୍ଥିକ ପ୍ରଗତିର ପ୍ରକୃଷ୍ଟ ସମୟ। ସେଇଥିପାଇଁ ସରକାରେ ଏହି ସେକ୍ଟରକୁ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି ଏବଂ ଦେଶର ଜିଡିପିରେ ଏହାର ଅଂଶ ୨୯ ପ୍ରତିଶତରୁ ବୃଦ୍ଧି ପାଇ ଏବେ ୪୦ ପ୍ରତିଶତ ହୋଇଛି । ■

ପେନସିଲ୍
ବଦଳାଇଦେଲା ଜଣେ ଶିଶୁ ଶ୍ରମିକର ଜୀବନ

"ସେ ହାତରେ କଲମଟିଏ ଧରିବାକୁ ବେଶ୍ ଭଲ ପାଏ, ସେ ସ୍କୁଲକୁ ଯିବାକୁ ବି ମନକରେ" ଦେଶରେ ଶିଶୁ ଶ୍ରମିକମାନଙ୍କୁ ଥଇଥାନ କରିବା ଦିଗରେ ପଦକ୍ଷେପମାନ ଗ୍ରହଣ କରାଯାଇଛି । ସରକାର ଏଥିପାଇଁ ଅତି ଅଭିନବ ଏବଂ ଆକର୍ଷଣୀୟ ପ୍ରୟାସ ଆରମ୍ଭ କରିଛନ୍ତି ଯଦ୍ୱାରା ସେହିସବୁ ପିଲାମାନେ ସ୍କୁଲକୁ ଯାଇପାରିବେ । ଦେଶରୁ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ନିମନ୍ତେ ଆରମ୍ଭ କରାଯାଇଥିବା ଏହି ଅଭିଯାନକୁ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ପେନସିଲ୍ ପୋର୍ଟାଲ, ଏବଂ ଅପରେସନ୍ ମୁସ୍କାନ ଜରିଆରେ ରୂପାୟନ କରାଯାଉଛି ଯାହାକି ସେହିସବୁ ଶିଶୁମାନଙ୍କ ଜୀବନରେ ଆଣିଛି ଅପୂର୍ବ ପରିବର୍ତ୍ତନ ।

ଜତୀନ ତେଲଙ୍ଗାନାର ଗୋଟିଏ କାରଖାନାରେ ଜଣେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ଯେଉଁଥିପାଇଁ ତାକୁ ପ୍ରତିଦିନ ମଜୁରୀ ଭାବେ ମାତ୍ର ପାଞ୍ଚ ଟଙ୍କାର ପାରିଶ୍ରମିକ ମିଳୁଥିଲା । ଏଥିରେ ତାର ବର୍ତ୍ତମାନ ଓ ଭବିଷ୍ୟତ ସଂପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ଥିଲା । କିନ୍ତୁ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ (ଏନସିଏଲପି) ପକ୍ଷରୁ ଉଠାଯାଇଥିବା ଏକ ପ୍ରୟାସ ଏବେ ଜତୀନ ଜୀବନକୁ ଏକ ନୂଆ ଦିଗ ପ୍ରଦାନ କରିଥିଲା । ଏନସିଏଲପି ତାକୁ ଏକ ବିଶେଷ ତାଲିମ କେନ୍ଦ୍ରରେ ନାମ ଲେଖାଇବାକୁ ସହାୟତା ପ୍ରଦାନ କରିବା ଦ୍ୱାରା ସେଠାରୁ ସେ ନିଜର ସ୍ନାତକୋତ୍ତର ଡିଗ୍ରୀ ସଂପୂର୍ଣ୍ଣ କରିବାକୁ ସକ୍ଷମ ହୋଇଥିଲା ଏବଂ ଏବେ ସେ ଅନ୍ୟ ଗୋଟିଏ କମ୍ପାନୀରେ ମ୍ୟାନେଜର ଭାବେ କାର୍ଯ୍ୟରତ । ସେହିଭଳି ହରିଆନାର ହରବୀନ୍ଦର ଜଣେ କୁମ୍ଭକାରର ସନ୍ତାନ । ପୂର୍ବରୁ ସେ ନିଜ ବାପାଙ୍କ ସହିତ ସାରା ଦିନ ମୁଣ୍ଡଫଟା ଖରାରେ କଠନି ପରିଶ୍ରମ କରୁଥିଲା । ଏନସିଏଲପି ପ୍ରୟାସ ଦ୍ୱାରା ସେ ମଧ୍ୟ ଅନୁରୂପ ଭାବେ ଉପକୃତ ହୋଇପାରିଛି । ଏହି ସଂସ୍ଥାର ସହାୟତାରେ ହରବୀନ୍ଦର ଫରିଦାବାଦର ଏକ ସ୍ୱତନ୍ତ୍ର ତାଲିମ କେନ୍ଦ୍ରରେ ନାମ ଲେଖାଇ ସେଠାରୁ ବିସିଏ ଡିଗ୍ରୀ ହାସଲ କରିଥିଲା ଏବଂ ଏହା ପରେ ସେ ବିଜିନେସ୍ ଫାଇନାନ୍ସ ସର୍ଭିସେସ ଆଣ୍ଡ ଇନସୁରାନ୍ସରେ ଆଉ ଏକ କୋର୍ସ ଅର୍ଜନ କରିଥିଲା ।

ଜତୀନ ଓ ହରବୀନ୍ଦରଙ୍କ ପରି ଦୀପକ ମଧ୍ୟ ଆନ୍ଧ୍ରପ୍ରଦେଶର ଜଣେ ଆଦିବାସୀ କିଶୋର । ସେ ମଧ୍ୟ ସମାନ ଅନୁଭୂତି ଦେଇ ଜୀବନ ଅତିବାହିତ କରିଛି ଓ ସଫଳତାର ଶିଢ଼ିରେ ଉପରକୁ ଚଢ଼ିବାକୁ ସକ୍ଷମ ହୋଇପାରିଛି । ନିଜର ଗୁଜରାଣ ମେଣ୍ଟାଇବା ଲାଗି ତାକୁ ଅଧାରୁ ପାଠ ଛାଡ଼ିବାକୁ ପଡ଼ିଥିଲା ଓ ଦିନ ମଜୁରିଆ ଭାବେ କାମ କରିବାକୁ ପଡିଥିଲା। କିନ୍ତୁ ଏନସିଏଲପି ସର୍ଭେ ଟିମ୍ ତାଙ୍କ ବାପାମା'ଙ୍କୁ ବୁଝାଇଶୁଝାଇ ପୁଣି ଥରେ ଦୀପକକୁ ସ୍ୱତନ୍ତ୍ର ତାଲିମ କେନ୍ଦ୍ରକୁ ପଠାଇବାକୁ ରାଜି କରାଇଥିଲେ । ଏବେ ସେହିଠାରୁ ସେ ଦୀପକ ତାର ଅଧ୍ୟୟନ ଓ ତାଲିମ ଶେଷ କରି ଇଞ୍ଜିନିୟରିଂ ପଢୁଛି । (ଏଠାରେ ସମସ୍ତ ଶିଶୁଙ୍କ ନାମ ପରିବର୍ତ୍ତନ କରାଯାଇଛି) ।

ଏହିଭଳି ଅନେକ ଶିଶୁ ଯେଉଁମାନେ କି ନିଜ ଶୈଶବାବସ୍ଥାରେ କିଛି କାର୍ଯ୍ୟ କରିବା ସକାଶେ ଶୈଶବକୁ ଜଳାଞ୍ଜଳି ଦେଇଥିଲେ ସେମାନଙ୍କୁ ପୁନଃଥଇଥାନ କରାଯାଇଛି । ଏଥିପାଇଁ ଏନସିଏଲପିର ବିଭିନ୍ନ ଯୋଜନା କିମ୍ବା ଅପରେସନ୍ ମୁସକାନ୍ ଭଳି କାର୍ଯ୍ୟକ୍ରମ ହିଁ ସକଳ ଶ୍ରେୟର ଅଧିକାରୀ । ଅପରେସନ୍ ମୁସକାନ ଭଳି ସରକାରଙ୍କ ପ୍ରୟାସ ନିଜ ପରିବାରଠାରୁ ପୃଥକ୍ ହୋଇଯାଇଥିବା ଶିଶୁଙ୍କୁ ପୁଣି ପରିବାରବର୍ଗଙ୍କ ସହ ପୁନର୍ମିଳନ କରାଇବା ନିମନ୍ତେ ଉଦ୍ଦିଷ୍ଟ । ଏହା ବ୍ୟତୀତ ଯେଉଁ ଶିଶୁମାନେ ଘରୁ ଲୁଚି ପଳାଇ ଯାଇଛନ୍ତି, ସେମାନଙ୍କୁ

ଇତିହାସ

ଶିଶୁ ଶ୍ରମିକ ପ୍ରଥା ବିରୁଦ୍ଧରେ ସମାଜରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ନିମନ୍ତେ, ପ୍ରତି ବର୍ଷ ଜୁନ ୧୨ ତାରିଖ ଦିନକୁ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଦିବସ ରୂପେ ପାଳନ କରାଯାଇଥାଏ । ୨୦୨୨ ମସିହାରେ ଆନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ଏହି ଦିବସ ପାଳନ କାର୍ଯ୍ୟକ୍ରମ ପ୍ରଥମେ ଆରମ୍ଭ କରାଯାଇଥିଲା । ଏହି ଦିବସଟି କେବଳ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଆବଶ୍ୟକ ବାତାବରଣ ସୃଷ୍ଟି କରିବା ଲାଗି ପ୍ରୟାସ କରାଯିବା ନୁହେଁ, ଅପରନ୍ତୁ ଶିଶୁ ଶ୍ରମିକ ଭଳି ସାମାଜିକ ବ୍ୟାଧି ବିରୋଧରେ ଆରମ୍ଭ ହୋଇଥିବା ଅଭିଯାନରେ ସମସ୍ତଙ୍କୁ ସାମିଲ କରିବା ପାଇଁ ମଧ୍ୟ ଉଦ୍ଦିଷ୍ଟ ।

1,95,652
ଜଣ ଶିଶୁଙ୍କୁ ପେନସିଲ୍ ଯୋଜନା ମାଧ୍ୟମରେ ଚିହ୍ନଟ କରାଯାଇଛି ।

60,634
ଜଣ ଶିଶୁଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ (ଏସଟିସି) ନିମନ୍ତେ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇଛି ।

1,01,148
ଜଣ ଶିଶୁଙ୍କୁ ପେନସିଲ୍ ଯୋଜନା ଆରମ୍ଭ ହେବା ଦିନ ଠାରୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଅଣାଯାଇଛି ।

620
ସାରା ଦେଶରେ ୬୨୦ ଜଣ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି

- ଶିଶୁମାନଙ୍କ ସର୍ବାଙ୍ଗୀନ କଲ୍ୟାଣ ସାଧନ ନିମନ୍ତେ ଉଦ୍ଦିଷ୍ଟ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ (ଏନସିଏଲପି) କାର୍ଯ୍ୟକ୍ରମର ସଫଳ ପ୍ରବର୍ତ୍ତନ ନିମନ୍ତେ ପେନସିଲ୍ ୱେବ୍ ପୋର୍ଟାଲ ବିଶେଷ ଭାବେ ସହାୟକ ହୋଇପାରିଛି ।
- ଏହି ପୋର୍ଟାଲ ମାଧ୍ୟମରେ, ଶିଶୁ ଶ୍ରମିକ ପ୍ରଥା ବିରୋଧୀ ଅଭିଯାନରେ ସାମିଲ ହୋଇଥିବା ସମସ୍ତ ହିତଧାରକମାନଙ୍କୁ ଗୋଟିଏ ପ୍ଲାଟଫର୍ମରେ ଏକଜୁଟ କରାଯାଇପାରିଛି । କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏହି ପୋର୍ଟାଲର ବିକାଶ ଘଟାଯାଇଛି ଏବଂ ଏହି ପୋର୍ଟାଲ —http://pencil.gov.inରେ ଯେକେହି ନିଜର ଅଭିଯୋଗ ପଞ୍ଜୀକୃତ କରାଇପାରିବେ ।
- ପେନସିଲ୍ ପୋର୍ଟାଲ ଏହି ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଛି ଯଦ୍ୱାରା ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ନିମନ୍ତେ ଆଇନଗତ ପ୍ରାବଧାନ କରାଯାଇପାରିବ ଏବଂ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପକୁ ଅଧିକ କଠୋର ତଥା ସକ୍ରିୟ ଭାବେ ପ୍ରବର୍ତ୍ତନ କରାଯାଇପାରିବ ।
- ଶ୍ରମ ସଂପର୍କୀତ ସକଳ ପ୍ରକାର ପ୍ରସଙ୍ଗକୁ ସମ୍ବିଧାନର ମିଳିତ ତିଠାରେ ସାମିଲ କରାଯାଇଛି ଏବଂ ସାଧାରଣତଃ, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ନିମନ୍ତେ ପ୍ରବର୍ତ୍ତିତ ବିଭିନ୍ନ ଆଇନର ବ୍ୟବସ୍ଥାକୁ ରାଜ୍ୟ ସରକାରମାନେ ହିଁ ପ୍ରବର୍ତ୍ତନ କରିଥାନ୍ତି । ଏହି ଉଦ୍ଦେଶ୍ୟରେ, କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏହି ପୋର୍ଟାଲର ଶୁଭାରମ୍ଭ କରାଯାଇଛି ଯାହା କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାର, ସମସ୍ତ ଜିଲ୍ଲା, ସବୁ ପ୍ରକଳ୍ପ ସୋସାଇଟି ଏବଂ ଜନସାଧାରଣଙ୍କୁ ଏକତ୍ର ଯୋଡ଼ିପାରିଛି।

ପେନସିଲ୍ ପ୍ରକଳ୍ପର ପାଞ୍ଚଟି ପ୍ରମୁଖ ବୈଶିଷ୍ଟ୍ୟ

● ବାଳ ଶ୍ରମିକମାନଙ୍କ ଚିହ୍ନଟ କରିବାର ବ୍ୟବସ୍ଥା ● ଅଭିଯୋଗ ଦରଜ କରିବାର ବ୍ୟବସ୍ଥା ● ରାଜ୍ୟ ସରକାର ● ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ● ସମସ୍ତ ହିତଧାରକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା

ଶିଶୁ ଶ୍ରମିକ (ଉଚ୍ଛେଦ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୧୬

- ଦେଶରୁ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ନିମନ୍ତେ ସରକାର ଶିଶୁ ଶ୍ରମିକ (ଉଚ୍ଛେଦ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୧୬ ପ୍ରବର୍ତ୍ତନ କରିଛନ୍ତି ଯାହାକି ୨୦୧୬ ମସିହା ସେପ୍ଟେମ୍ବର ୧ ତାରିଖ ଠାରୁ କାର୍ଯ୍ୟକ୍ଷମ କରାଯାଇଛି ।
- ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଏବେ କୌଣସି ପ୍ରକାର କାର୍ଯ୍ୟ କିମ୍ବା କାର୍ଯ୍ୟ ପ୍ରକ୍ରିୟାରେ ନିଯୁକ୍ତ କରାଯାଇପାରିବ ନାହିଁ କିମ୍ବା ସେମାନଙ୍କୁ ଅନ୍ୟ କୌଣସି ବୃତ୍ତି ବା କାର୍ଯ୍ୟରେ ନିୟୋଜିତ କରାଯିବାକୁ ନିଷେଧ କରାଯାଇଛି ।
- ୧୪ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ କୌଣସି ପ୍ରକାର ବିପଜ୍ଜନକ କାର୍ଯ୍ୟରେ ନିଯୁକ୍ତ କରାଯାଇ ପାରିବନାହିଁ । ଏହି ନିୟମକୁ ଉଲ୍ଲଙ୍ଘନ କଲେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି ଏବଂ ଏହାକୁ ଧର୍ତ୍ତବ୍ୟ ଅପରାଧ ଭାବେ ଗ୍ରହଣ କରାଯାଇଛି ।
- ଯେଉଁ ଶିଶୁମାନଙ୍କୁ କେନ୍ଦ୍ର, ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଉଦ୍ଧାର କରିଥିବେ, ସେମାନଙ୍କୁ ଏନସିଏଲପି ଦ୍ୱାରା ପୁନଃଥଇଥାନ କରାଯିବ ।



ବନ୍ଧୁଆ ଶ୍ରମିକଙ୍କ ପୁନଃଥଇଥାନ

ଏହି ଯୋଜନା ମାଧ୍ୟମରେ ଉଦ୍ଧାର କରାଯାଇଥିବା ବନ୍ଧୁଆ ଶିଶୁ ଶ୍ରମିକମାନଙ୍କୁ ୨,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।
ନିକଟରେ ଭାରତ ପକ୍ଷରୁ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ (ଆଇଏଲଓ) ପକ୍ଷରୁ ଜାରି ଦୁଇଟି ଶିଶୁ ଶ୍ରମିକ ପ୍ରଥା ସଂକ୍ରାନ୍ତ ଘୋଷଣାନାମାକୁ ସ୍ୱୀକୃତି ପ୍ରଦାନ କରାଯାଇଛି ଯାହା ଭାରତର ଶିଶୁ ଶ୍ରମିକ ମୁକ୍ତ କରିବା ନିମନ୍ତେ ପ୍ରତିବଦ୍ଧତାକୁ ପୁନଃପ୍ରକଟ କରେ ।

ଅନ୍ୟାନ୍ୟ ପ୍ରାବଧାନ

ବାଳ ଅପରାଧ ଆଇନ, ୨୦୧୫ର ପ୍ରାବଧାନ ଅନୁସାରେ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା କୌଣସି ଏକ ଅଣ-ରାଜ୍ୟ, ଆତ୍ମଘୋଷିତ ଉଗ୍ରବାଦୀ ଗୋଷ୍ଠୀ କିମ୍ବା ସଂଗଠନ ଶିଶୁମାନଙ୍କୁ ଚୟନ କରନ୍ତି ଏବଂ ସେମାନଙ୍କୁ ଉଗ୍ରବାଦୀ କାଣ୍ଡରେ ନିୟୋଜିତ କରନ୍ତି, ସେମାନଙ୍କୁ ସାତ ବର୍ଷ ପର୍ଯ୍ୟନ୍ତ କଠୋର ଜେଲଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି ଏବଂ ଏଥି ସହିତ ସେମାନଙ୍କ ଉପରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବାର ମଧ୍ୟ ଆଇନଗତ ପ୍ରାବଧାନ ରହିଛି ।

ନିଜ ମାତାପିତାଙ୍କ ନିକଟକୁ ଫେରାଇ ଆଣିବା ଦିଗରେ ଏହି କାର୍ଯ୍ୟକ୍ରମ ମଧ୍ୟ ପ୍ରୟାସୀ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ ମସିହାରେ ନିଖୋଜ ଶିଶୁମାନଙ୍କ ପୁନଃଥଇଥାନ ନିମନ୍ତେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।
ଏହାତିରିକ୍ତ, ବାଳ ଶ୍ରମିକ ସଂଶୋଧନ ଆଇନ, ୨୦୧୬କୁ ସଂଶୋଧନ କରିବା ଭଳି ପଦକ୍ଷେପ ଗ୍ରହଣ ଦ୍ୱାରା ସମାଜରୁ ଶିଶୁ ଶ୍ରମିକ ଭଳି ପ୍ରଥାକୁ ଉଚ୍ଛେଦ କରିବା ଦିଗରେ ଅଭିଯାନ ଆହୁରି ସୁଦୃଢ଼ ହୋଇପାରିଛି । ୨୦୧୭ ମସିହା ସେପ୍ଟେମ୍ବର ୨୬ ତାରିଖ ଦିନ, ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଏକ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ନିମନ୍ତେ ସକ୍ରିୟତାର ସହ ଆଇନ ପ୍ରବର୍ତ୍ତନ ପ୍ଲାଟଫର୍ମ (ପେନସିଲ୍) ପ୍ଲାଟଫର୍ମର ଶୁଭାରମ୍ଭ କରିଥିଲେ ଯଦ୍ୱାରା କୌଣସି ଜଣେ ହେଲେ ଶିଶୁ ତାର ଶୈଶବର ଆନନ୍ଦରୁ ଯେଭଳି ବଞ୍ଚିତ ନହୁଏ ଏବଂ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ପ୍ରତି ଯେଭଳି କୌଣସି ପ୍ରକାର ହାନି ନପହଞ୍ଚେ ତାହା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପ୍ଲାଟଫର୍ମ କାର୍ଯ୍ୟ କରୁଛି । ●

ସାଧାରଣ ଭାରତୀୟ ଜନତା ଓ ଦେଶର ସ୍ୱାଧୀନତା ସଂଗ୍ରାମକୁ ସେମାନଙ୍କର ଅବଦାନ

ମାନବ ଇତିହାସରେ ଭାରତର ସ୍ୱାଧୀନତା ଆନ୍ଦୋଳନ ହେଉଛି ଏକ ଅଭିନବ ଉଦାହରଣ ଯେଉଁଥିରେ ଦେଶର ସମଗ୍ର ଜନସାଧାରଣ ଜାତି, ଗୋତ୍ର ଅବା ଧର୍ମ ନିର୍ବିଶେଷର ଏକ ଲକ୍ଷ୍ୟରେ ହିଁ ସଂଗ୍ରାମରେ ଝାସ ଦେଇଥିଲେ । ଏହା ହେଉଛି ସେହି ନବଜାଗରଣ ଇତିହାସର ସେହି କାଳଖଣ୍ଡ ଯେତେବେଳେ ଅନେକ ବ୍ୟକ୍ତି ନିଜ ନିଜର ସଂଗ୍ରାମ ବଳରେ ହିଁ ବୀର ଭାବେ ନିଜକୁ ପ୍ରମାଣିତ କରିପାରିଥିଲେ ଓ ଆହୁରି ଅନେକ ବ୍ୟକ୍ତି ସେମାନଙ୍କର ସକଳ ଅବଦାନ ସତ୍ତ୍ୱେ ଲୋକଲୋଚନ ଆଢୁଆରେ ଅପରିଚିତ ହୋଇ ରହିଯାଇଥିଲେ। ସେମାନଙ୍କ ମଧ୍ୟରେ ଆଦିବାସୀ ଦଳପତି ରାଜାଙ୍କ ଠାରୁ ନେଇ ସୈନିକ ଓ ସାଧାରଣ ପୁରୁଷ ଓ ନାରୀଙ୍କ ଭଳି ଅନେକ ଦୁଃସାହସୀ ବୀର ଓ ବୀରାଙ୍ଗନା ସାମିଲ । ୧୮୫୭ ମସିହା ଠାରୁ ୧୯୪୭ ମସିହା ମଧ୍ୟରେ ଏହି ଭଳି ଅସଂଖ୍ୟ ବୀର ସେମାନଙ୍କର ଜୀବନକୁ ଦେଶପାଇଁ ଉତ୍ସର୍ଗ କରିଦେଇଥିଲେ । ସେଇମାନଙ୍କ ସଂଗ୍ରାମ ଓ ପ୍ରୟାସ ଯୋଗୁ ଭାରତ ୨୦୦ ବର୍ଷରୁ ଅଧିକ ଅବଧିର ଦାସତ୍ୱର ଶୃଙ୍ଖଳରୁ ନିଜକୁ ମୁକ୍ତ କରିପାରିଥିଲା ଏବଂ ପରିଶେଷରେ ୧୯୪୭ ମସିହାରେ ସ୍ୱାଧୀନତା ଲାଭ କରିଥିଲା . . .

ଭାରତ ଏବେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି ଯାହା ଆମ ମନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପରାକାଷ୍ଠା ଓ ତ୍ୟାଗର ସ୍ମୃତିକୁ ପୁନରୁଜ୍ଜୀବିତ କରିବା ସହିତ ସେମାନଙ୍କ ଆଦର୍ଶରେ ଦେଶ ନିର୍ମାଣ ଦିଗରେ ପ୍ରୟାସୀ ହେବାକୁ ପ୍ରେରଣା ଯୋଗାଉଛି । ବସ୍ତୁତଃ ଦେଶ ସେତିକିବେଳେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଆଗକୁ ଅଗ୍ରସର ହୋଇପାରିବ ଯେତେବେଳେ ଦେଶର ନାଗରିକମାନେ ନିଜର ଗୌରବୋଜ୍ଜ୍ୱଳ ଐତିହ୍ୟ ସହିତ ସଂଯୁକ୍ତ ହୋଇପାରିବେ ଏବଂ ସେହି ଐତିହ୍ୟକୁ ନେଇ ଗର୍ବ ଓ ଗୌରବ ଅନୁଭବ କରିପାରିବେ । ଏବଂ ସେହି ଦୃଷ୍ଟିରୁ ବିଚାର କଲେ ଭାରତର ଗର୍ବ କରିବାର ପର୍ଯ୍ୟାପ୍ତ ଅବସର ରହିଛି- ଏହାର ବଳିଷ୍ଠ ଇତିହାସ, ଏକ ସଚେତନ ସାଂସ୍କୃତିକ ଐତିହ୍ୟର ବୈଭବ ଏବଂ ସର୍ବୋପରି ସ୍ୱାଧୀନତା ସଂଗ୍ରାମର ଏକ ସୁଦୀର୍ଘ ଇତିହାସ । ଆମ ଦେଶରେ ଅସଂଖ୍ୟ ମହାନ ବୀର ଅଛନ୍ତି ଯେଉଁମାନେ ଦେଶର ସୁରକ୍ଷା, ନିରାପତ୍ତା ଓ ସ୍ୱାଧୀନତା ନିମନ୍ତେ ସେମାନଙ୍କର ପ୍ରାଣବଳି ଦେଇଛନ୍ତି । ସେହି ବୀରମାନଙ୍କର ପ୍ରେରଣାଦାୟୀ ପରମ୍ପରା ଆମକୁ ସଫଳତା ଓ ସମୃଦ୍ଧି ପଥରେ ଆଗକୁ ଆଗେଇ ନେବାରେ ସହାୟକ ହୋଇପାରିବ ।

ବୀର୍ସା ମୁଣ୍ଡା: ଆଦିବାସୀ ନେତା ଯିଏ ନିଜ ଲୋକଙ୍କ ପାଇଁ ଥିଲେ ଭଗବାନ

ବୀର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ରାଞ୍ଚିର ଉଲିହାଟୁ ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସୁଗନା ମୁଣ୍ଡା । ସକଳ ପ୍ରକାର ପାରିବାରିକ ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କ ପିତା ବୀର୍ସାଙ୍କୁ ପାଠ ପଢ଼ିବା ଲାଗି ଏକ ମିଶନାରୀ ସ୍କୁଲକୁ ପଠାଇଥିଲେ । ତାହା ସେହି ସମୟର କଥା ଯେତେବେଳେ ସାରା ଦେଶରେ ଲୋକମାନଙ୍କ ଉପରେ ଇଂରେଜମାନଙ୍କ ଅତ୍ୟାଚାର ବଢ଼ି ବଢ଼ି ଚାଲିଥାଏ । ଆଦିବାସୀ ଲୋକମାନଙ୍କ ନିକଟରେ ଗୁଜରାଣ ମେଣ୍ଟାଇବା ସକାଶେ କୌଣସି ଉପାର୍ଜନ ଅବା ସାଧନ ନଥିଲା- ଏପରିକି ସେମାନଙ୍କ ନିକଟରେ ଖାଦ୍ୟ ଓ ପିନ୍ଧିବାକୁ ବସ୍ତ୍ର ଖଣ୍ଡିଏ ଯୋଗାଡ଼ କରିବା ସୁଦ୍ଧା ଥିଲା ବେଶ୍ କଷ୍ଟସାଧ୍ୟ । ଗୋଟିଏ ପଟେ ଉତ୍କଟ ଦାରିଦ୍ର୍ୟ ସେମାନଙ୍କୁ ଗୋଟାପଣେ କବଳିତ କରି ରଖିଥିବାବେଳେ ଅନ୍ୟ ପକ୍ଷରେ ଭାରତୀୟ ଜଙ୍ଗଲ ଆଇନ, ୧୮୮୨ ସେମାନଙ୍କୁ ସେମାନଙ୍କର ପାରମ୍ପରିକ ଜଙ୍ଗଲ ଅଧିକାରରୁ ବଞ୍ଚିତ କରିଥିଲା। ତେଣୁ ସେମାନଙ୍କ ମନରେ ବ୍ରିଟିଶ୍ ସରକାରଙ୍କ ପ୍ରତି ଦିନକୁ ଦିନ କ୍ରୋଧ ଦାନା ବାନ୍ଧିବାରେ ଲାଗିଥିଲା । ସେହି ସମୟରେ ବୀର୍ସା ମିଶନାରୀ ସ୍କୁଲରେ ପଢୁଥିଲେ। କିନ୍ତୁ ସେ ପାଠ ପଢ଼ା ଛାଡ଼ି ଘରକୁ ଲେଉଟି ଆସିଥିଲେ । ୧୮୯୦ ମସିହା ବେଳକୁ ବୀର୍ସା ବୈଷ୍ଣବବାଦ ଆଡ଼କୁ ଢଳିଥିଲେ । ଏହାପରେ ସେ ଆଦିବାସୀ ସମାଜରେ ସଂସ୍କାର ଆଣିବା ସକାଶେ ମନ ବଳାଇଥିଲେ ଓ ସେହି ମର୍ମରେ ସେ ସ୍ଥାନୀୟ ଆଦିବାସୀ ଲୋକମାନଙ୍କୁ ପ୍ରବର୍ତ୍ତାଇଥିଲେ ଯେ ସେମାନେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସରେ ବିଶ୍ୱାସ କରନ୍ତୁନାହିଁ ଓ ସେମାନେ ସମୁଖୀନ ହେଉଥିବା ସମସ୍ୟାର ମୁକାବିଲା କରନ୍ତୁ । ବୀର୍ସାଙ୍କ କଥାରେ ଲୋକମାନଙ୍କ ମନରେ ଆସ୍ଥା ଓ ବିଶ୍ୱାସ ଜାତ ହୋଇଥିଲା ଓ ସେମାନେ ତାଙ୍କୁ ଶ୍ରଦ୍ଧାରେ 'ଧରତୀ ଆବା' ବୋଲି ସମ୍ବୋଧନ କରିବାକୁ ଲାଗିଲେ । କିନ୍ତୁ ବ୍ରିଟିଶ୍ ସରକାରଙ୍କ ହାତରେ ନିରୀହ ଆଦିବାସୀ ଲୋକଙ୍କୁ ଦିଆଯାଉଥିବା ଅକଥନୀୟ ନିର୍ଯ୍ୟାତନାକୁ ଦେଖି, ବୀର୍ସା ଅନନ୍ୟୋପାୟ ହୋଇ ଅସ୍ତ୍ର ଉଠାଇଲେ ଏବଂ ୧୮୯୯ ମସିହାରେ ତାଙ୍କର ସଂଗ୍ରାମ 'ଉଲଗୁଲାନ' ଅଥବା 'ମହାନ ବିପ୍ଳବ' ଆରମ୍ଭ କରିଦେଲେ । ସେ ସର୍ବ ପ୍ରଥମେ ସବୁ ଆଦିବାସୀ ଲୋକଙ୍କୁ ଏକଜୁଟ କଲେ ଏବଂ ସେହି ଆଦିବାସୀ ଲୋକମାନେ ବୀର୍ସାଙ୍କ ନେତୃତ୍ୱରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢ଼ିବା ଲାଗି ଆହ୍ୱାନ ଦେଲେ। ସେମାନେ ରାଞ୍ଚିଠାରୁ ଚାଇଁବସା ପର୍ଯ୍ୟନ୍ତ ସବୁଠାରେ ପୁଲିସ ପୋଷ୍ଟକୁ ଘେରାଉ କଲେ । ରାଞ୍ଚିରେ ଅନେକ ଦିନ ପର୍ଯ୍ୟନ୍ତ କର୍ଫ୍ୟୁ ଭଳି ପରିସ୍ଥିତି ଲାଗି ରହିଲା । ଆତଙ୍କିତ ହୋଇ ବ୍ରିଟିଶ୍ ଅଧିକାରୀମାନେ ହଜାରିବାଗ ଓ କୋଲକାତାରୁ ଅଧିକ ସୈନ୍ୟବଳ ମଗାଇଲେ । ଉଭୟ ପକ୍ଷଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ହେଲା ଓ ସେଥବରେ ବୀର୍ସାଙ୍କର ପ୍ରାୟ ୪୦୦ ପର୍ଯ୍ୟନ୍ତ ଅନୁଗାମୀ ମୃତ୍ୟୁବରଣ କରିଥିଲେ। ପ୍ରାୟ ସେତିକି ସଂଖ୍ୟକ ଲୋକଙ୍କୁ ପୁଲିସ ଗିରଫ ମଧ୍ୟ କଲା । କିଛି ଦିନ ପରେ, ବୀର୍ସା ପୁଲିସ ହାତରେ ଧରାପଡ଼ିଲେ । ସେତେବେଳକୁ ତାଙ୍କର ବୟସ ମାତ୍ର ୨୫ ହୋଇଥାଏ । ବ୍ରିଟିଶ ସରକାର ତାଙ୍କୁ ଗିରଫ କରି ରାଞ୍ଚି ଜେଲରେ ଭର୍ତ୍ତି କରିଥିଲେ ଏବଂ ୧୯୦୦ ମସିହା ଜୁନ ୯ ତାରିଖ ଦିନ ଭାରତମାତାର ଏହି ମହାନ ବୀର ପୁତ୍ର ସେହି ଜେଲରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଦୁର୍ଗା ଭାଭୀ: ଭଗତ ସିଂହଙ୍କୁ ସୁରକ୍ଷା ପ୍ରଦାନ କରିଥିବା ଅପରିଚିତ ବୀରାଙ୍ଗନା

୧୯୨୮ ମସିହା ଡିସେମ୍ବର ୧୭ ତାରିଖ । ଭଗତ ସିଂହ ଓ ରାଜଗୁରୁଙ୍କୁ ଖୋଜି ବାହାର କରିବା ସକାଶେ ଲାହୋର ସହର ସାରା ବ୍ରିଟିଶ୍ ପୁଲିସ୍ ଗଳିକନ୍ଦି ସବୁଠାରେ ଖୋଜି ଚାଲିଥାଏ। ସଉଣ୍ଡର୍ସ ନାମକ ଜନୈକ ବ୍ରିଟିଶ୍ ଅଧିକାରୀ ଗୁଳିମାଡ଼ରେ ପ୍ରାଣ ହରାଇଥାନ୍ତି । ତେଣୁ ତାଙ୍କ ହତ୍ୟା ମାମଲାରେ ପୁଲିସ୍ ଏହି ଦୁଇଜଣଙ୍କୁ ଖୋଜୁଥାଏ । ବସ୍ ଷ୍ଟାଣ୍ଡ ଠାରୁ ଆରମ୍ଭ କରି ରେଳ ଷ୍ଟେସନ ପର୍ଯ୍ୟନ୍ତ ସବୁସ୍ଥାନ ଉପରେ ଗୋରା ପୁଲିସ୍ କଡ଼ା ନଜର ରଖିଥାଏ । ପୁଲିସ କବଳରୁ ଖସିବା ଲାଗି ରାଜଗୁରୁ ଗୋଟିଏ ଉପାୟ ପାଞ୍ଚିଥିଲେ ଓ ଏହି କାର୍ଯ୍ୟରେ ସେ ଦୁର୍ଗା ଭୋରାଙ୍କ ସାହାଯ୍ୟ ଲୋଡ଼ିଲେ। ଦୁର୍ଗାବତୀ ଓରଫ ଦୁର୍ଗା ଭୋରା ଥିଲେ ମହାନ ବିପ୍ଳବୀ ଭଗବତୀ ଚରଣ ଭୋରାଙ୍କ ପତ୍ନୀ। ଭଗବତୀ ଥିଲେ ବିପ୍ଳବୀ ସଂଗଠନ ହିନ୍ଦୁସ୍ତାନ ସୋସିଆଲିଷ୍ଟ ରିପବ୍ଲିକାନ୍ ଆସୋସିଏସନ (ଏଚଏସଆରଏ)ର ନେତା । ଭୋରାଙ୍କ ପତ୍ନୀ ହୋଇଥିବା ଯୋଗୁ ସେତେବେଳର ସମସ୍ତ ବିପ୍ଳବୀ ଦୁର୍ଗାବତୀଙ୍କୁ 'ଭାଭୀ' (ଭାଉଜ) ବୋଲି ସମ୍ବୋଧନ କରୁଥିଲେ । ଯୋଜନା ଅନୁସାରେ ୧୯୨୮ ମସିହା ଡିସେମ୍ବର ୨୦ ତାରିଖ ଦିନ ସକାଳେ ନିଜର ଦାଢ଼ି ସମ୍ପୂର୍ଣ୍ଣ ରୂପେ ଖିଅର ହୋଇଥିବା ଭଗତ ସିଂହ ସୁଟ୍ ଓ ଟୋପି ପିନ୍ଧି ଜଣେ ମହିଳା ଓ ଜଣେ ଶିଶୁଙ୍କ ସହିତ ଘରୁ ବାହାରି ଆସିଲେ । ରାଜଗୁରୁ ମଧ୍ୟ ସେମାନଙ୍କର ଚାକର ବେଶରେ ପଛେ ପଛେ ଚାଲିଲେ । ଭଗତ ସିଂହଙ୍କ ସହିତ ଚାଲିଥିବା ସେହି ମହିଳା ଜଣକ ଦୁର୍ଗା ଭାଭୀଙ୍କ ବ୍ୟତୀତ ଅନ୍ୟ କେହି ନଥିଲେ । ବ୍ରିଟିଶ୍ ପୁଲିସ ଯେହେତୁ ଦାଢ଼ିବାଲା ଭଗତ ସିଂହଙ୍କ ଉପରେ ନଜର ରଖିଥିଲେ ସେମାନେ ଜଣେ ସଂପୂର୍ଣ୍ଣ ଦାଢ଼ି ଖିଅର ହୋଇଥିବା ଯୁବକ ଓ ତାଙ୍କ ସହିତ ତାଙ୍କର ପତ୍ନୀ ଓ ଶିଶୁକୁ ଦେଖି କୌଣସି ପ୍ରକାର ସନ୍ଦେହ ପ୍ରକଟ କରିନଥିଲେ । ୧୯୦୭ ମସିହା ଅକ୍ଟୋବର ୭ ତାରିଖ ଦିନ ଜନ୍ମିତ ଦୁର୍ଗାବତୀଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିବା ବେଳେ ତାଙ୍କର ବିବାହ ହୋଇଥିଲା । ଦୁର୍ଗାବତୀ ଥିଲେ ଜଣେ ସୁଦକ୍ଷା ସୁଟର ଏବଂ ବୋମା ଭିଡ଼ାରେ ମଧ୍ୟ ତାଙ୍କର ବେଶ୍ ଦକ୍ଷତା ଥିଲା । ଯେତେବେଳେ ତାଙ୍କର ପୁଅ ସଚିନ୍ଦ୍ର ଜନ୍ମଲାଭ କଲା, ଦୁର୍ଗାବତୀ ଏଭଳି ବିପ୍ଳବ କାର୍ଯ୍ୟରୁ ଧୀରେ ଧୀରେ ଦୂରେଇ ଯାଇଥିଲେ । କିନ୍ତୁ ଭଗତ ସିଂହ ଯେତେବେଳେ ତାଙ୍କୁ ସାହାଯ୍ୟ କରିବାକୁ କହିଲେ, ସେତେବେଳେ ସେ ତାଙ୍କ କଥାରେ ତୁରନ୍ତ ରାଜି ହୋଇଯାଇଥିଲେ । ପରେ ଯେତେବେଳେ ଭଗତ ସିଂହ, ରାଜଗୁରୁ ଏବଂ ସୁଖଦେବ ପୁଲିସ ହାତରେ ଧରାପଡ଼ିଲେ ଏବଂ ସେମାନଙ୍କର ବିଚାର ଚାଲିଲା, ଦୁର୍ଗାବତୀ ତାଙ୍କର ସମସ୍ତ ଗହଣା ବିକି ଦେଇଥିଲେ ଓ ଏହି କେଶ୍ ଲଢ଼ିବା ପାଇଁ ସେହି ଅର୍ଥକୁ ଦେଇଥିଲେ। ୧୯୩୦ ମସିହାରେ, ଭଗବତୀ ଚରଣ ଭୋରା ଗୋପନରେ ବୋମା ଭିଡ଼ୁଥିବା ସମୟରେ ତାହା ବିସ୍ଫୋରଣ ଘଟି ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଗାବତୀ ଏହି ଘଟଣାରେ ଭାଙ୍ଗି ନପଡ଼ି ଜଣେ ଶିକ୍ଷୟିତ୍ରୀ ଭାବେ ନିଜର କର୍ମମୟ ଜୀବନ ଜାରି ରଖିଥିଲେ । ସ୍ୱାଧୀନତା ପରେ ସେ ଗାଜିଆବାଦ ଆସି ସେଠାରେ ସ୍ଥାୟୀ ଭାବେ ରହିଥିଲେ । ୧୯୯୯ ମସିହା ଅକ୍ଟୋବର ୧୫ ତାରିଖ ଦିନ ଏହି ମହୀୟସୀ ମହିଳାଙ୍କର ପରଲୋକ ଘଟିଥିଲା ।

କ୍ୟାବିନେଟ ନିଷ୍ପତ୍ତି

ଏନଏଫଏସଏ ହିତାଧିକାରୀଙ୍କୁ ଅତିରିକ୍ତ ଖାଦ୍ୟାନ୍ନ ଯୋଗାଣ ଏବଂ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ବିନିବେଶ ନିମନ୍ତେ କ୍ୟାବିନେଟ୍ ମୋହର

ନିକଟରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେଥି ମଧ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ (ଏନଏଫଏସଏ) ଅଧୀନରେ ଯେଉଁ ହିତାଧିକାରୀମାନେ ଖାଦ୍ୟାନ୍ନ ପାଇବାକୁ ଯୋଗ୍ୟ ସେମାନଙ୍କ ନିମନ୍ତେ ସେହି ସୁବିଧା ସୁନିଶ୍ଚିତ କରିବା ଏବଂ ଆଇଡିବିଆଇ ବ୍ୟାଙ୍କ ଲିମିଟେଡରୁ ପୁଞ୍ଜି ବିନିବେଶ କରିବା ନିମନ୍ତେ ଅନୁମତି ପ୍ରଦାନ ଯଦ୍ୱାରା ଚଳିତ ଆର୍ଥିକ ବର୍ଷରେ ବିନିବେଶ ଜରିଆରେ ୧.୭୫ ଲକ୍ଷ କୋଟି ଟଙ୍କା ସଂଗ୍ରହ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ହାସଲ କରିବା ଆଦି ସାମିଲ ।

- ନିଷ୍ପତ୍ତି: ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ତୃତୀୟ ପର୍ଯ୍ୟାୟକୁ ମେ ଏବଂ ଜୁନ୍ ମାସକୁ ବଢ଼ାଇ ଦିଆଯାଇଛି ଯାହା ଫଳରେ ଜାତୀୟ ଖାଦ୍ୟସୁରକ୍ଷା ଆଇନ (ଏନଏଫଏସଏ) ହିତାଧିକାରୀମାନଙ୍କୁ ଏହି ଅବଧି ନିମନ୍ତେ ଅତିରିକ୍ତ ଖାଦ୍ୟାନ୍ନ ବଣ୍ଟନ କରାଯାଇପାରିବ ।

- ପ୍ରଭାବ: କେନ୍ଦ୍ର କ୍ୟାବିନେଟର ଏହି ନିଷ୍ପତ୍ତି ପରେ କେନ୍ଦ୍ର ସରକାର ଗତ ମାସରେ ଘୋଷଣା କରିଛନ୍ତି ଯେ ୨୦୨୧ ମସିହା ମେ ଓ ଜୁନ ମାସରେ ପିଏମଜିକେଏୱାଇ ତୃତୀୟ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ମାଗଣାରେ ଏହି ଖାଦ୍ୟାନ୍ନ ଯୋଗାଇ ଦିଆଯିବ । ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ), ପ୍ରାୟରିଟି ପରିବାର (ପିଏଚଏଚ) ଏବଂ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ହିତାଧିକାରୀମାନଙ୍କୁ ଏହି ଖାଦ୍ୟାନ୍ନ ପ୍ରଦାନ କରାଯିବ । ଏଥିରୁ ସେମାନଙ୍କୁ ନିମ୍ନଲିଖିତ ସୁବିଧା ମିଳିପାରିବ

- ଏହି ସୁବିଧା ଫଳରେ ହିତାଧିକାରୀଙ୍କ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ମେ ଓ ଜୁନ ମାସ ପାଇଁ ମାଗଣାରେ ମୁଣ୍ଡପିଛା ୫ କିଲୋଗ୍ରାମ ଖାଦ୍ୟାନ୍ନ ମିଳିବ । ଏହା ଦ୍ୱାରା ୭୯.୮୮ କୋଟି ହିତାଧିକାରୀ ଉପକୃତ ହେବେ ।

- ଏହା ଫଳରେ ସମସ୍ତ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବାକୁ ଥିବା ଖାଦ୍ୟାନ୍ନର ପରିମାଣ ପ୍ରାୟ ୮୦ ଲକ୍ଷ ମେଟ୍ରିକ୍ ଟନ୍ ହେବ ।

- ଏହା ସୂଚୀତ କରେ ଯେ ଖାଦ୍ୟ ସବସିଡ଼ି ବାବଦକକୁ ସରକାରଙ୍କୁ ଆନୁମାନିକ ୨୫୩୩୨.୯୨ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ । ସେଥିରେ ଆନୁମାନିକ ମୂଲ୍ୟ ଟ. ୩୬୭୮୯.୨/ ମେଟ୍ରିକ୍ ଟନ୍ ମୂଲ୍ୟର ଚାଉଳ ଏବଂ ଟ.୨୫୭୩୧.୪/ ମେଟ୍ରିକ୍ ଟନ୍ ମୂଲ୍ୟର ଗହମ ରହିଛି ।

- ଏଭଳି ଅତିରିକ୍ତ ଖାଦ୍ୟାନ୍ନ ବଣ୍ଟନ ଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ଦ୍ୱାରା ଯେଉଁ ଆର୍ଥିକ କଠିନ ସ୍ଥିତି ଉତ୍ପନ୍ନ ହୋଇଛି ସେଥିରୁ ଗରିବ ଲୋକମାନେ ସହଜରେ ଉପଶମ ପାଇପାରିବେ । ଆଗାମୀ ଦୁଇମାସ ପାଇଁ ଅସୁବିଧା ହେତୁ ଯେପରି କୌଣସି ଗରିବ ପରିବାରଙ୍କୁ ଖାଦ୍ୟାନ୍ନ ପାଇବାରେ କୌଣସି ଅସୁବିଧାର ସମୁଖୀନ ହେବାକୁ ନପଡ଼େ ତାହା ସୁନିଶ୍ଚିତ କରିବା ନିମନ୍ତେ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି ।

- ନିଷ୍ପତ୍ତି: ଆଡିବିଆଇ ବ୍ୟାଙ୍କ ଲିମିଟେଡ଼ରୁ ରଣନୀତିକ ପୁଞ୍ଜି ବିନିବେଶ ଏବଂ ପରିଚାଳନା ହସ୍ତାନ୍ତର କରିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ପ୍ରଦାନ ।

- ପ୍ରଭାବ: କେନ୍ଦ୍ର କ୍ୟାବିନେଟର ଆର୍ଥିକ ବ୍ୟାପାର ସଂକ୍ରାନ୍ତ କମିଟି ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼ରୁ ପୁଞ୍ଜି ପ୍ରତ୍ୟାହାର ତଥା ପରିଚାଳନା ନିୟନ୍ତ୍ରଣ ହସ୍ତାନର ନିମନ୍ତେ ନୀତିଗତ ଭାବେ ସ୍ୱୀକୃତି ପ୍ରଦାନ କରିଛି ।

- ଭାରତ ସରକାର (ଜିଓଆଇ) ଏବଂ ଏଲଆଇସି ଦ୍ୱାରା ଯଥାକ୍ରମିକ ଅଂଶଧନ କେଉଁ ମାତ୍ରାରେ ବିନିବେଶ କରାଯିବ ତାହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସହିତ ଏସଂକ୍ରାନ୍ତ ଗାଠନିକ ହସ୍ତାନ୍ତର ଆଲୋଚନା ବେଳେ ସ୍ଥିର କରାଯିବ ।

- ଭାରତ ସରକାର ଏବଂ ଏଲଆଇସି ଏକତ୍ର ମିଶି ଆଇଡ଼ିବିଆଇ ବ୍ୟାଙ୍କର ୯୪ ପ୍ରତିଶତ ଅଂଶଧନର ଧାରକ ଅଟନ୍ତି (ସେଥିରୁ ଭାରତ ସରକାର ୪୫.୪୮ ପ୍ରତିଶତ ଅଂଶଧନର ଅଧିକାରୀ ହୋଇଥିବା ବେଳେ ଏଲଆଇସି ହାତରେ ୪୯.୨୪ ପ୍ରତିଶତ ଅଂଶଧନ ରହିଛି)। ଏଲଆଇସି ଏବେ ଆଇଡ଼ିବିଆଇ ବ୍ୟାଙ୍କର ପ୍ରମୋଟର ତଥା ଏହାର ପରିଚାଳନା ନିୟନ୍ତ୍ରଣ ତାହା ହାତରେ ନ୍ୟସ୍ତ ରହିଛି ଏବଂ ଭାରତ ସରକାର ହେଉଛନ୍ତି ଏହାର ସହ-ପ୍ରମୋଟର ।

- ଆଶା କରାଯାଉଛି ଯେ ଏହି ଅଂଶଧନର ରଣନୀତିକ କ୍ରେତା ଏହି ବ୍ୟାଙ୍କରେ ଅଧିକ ପୁଞ୍ଜି ନିବେଶ କରିବେ, ନୂତନ ପ୍ରଯୁକ୍ତି ସଂଯୋଗ କରିବେ ଏବଂ ଶ୍ରେଷ୍ଠ ପରିଚାଳନା ବ୍ୟବସ୍ଥା ଗ୍ରହଣ କରି ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼ର ବ୍ୟବସାୟିକ ସାମର୍ଥ୍ୟ ଓ ବିକାଶକୁ ସର୍ବୋଚ୍ଚ ପର୍ଯ୍ୟାୟରେ ପହଞ୍ଚାଇବେ । ସେହିଭଳି ଅଂଶଧନ କ୍ରେତା ଏଲଆଇସି ଏବଂ ସରକାରଙ୍କ ଉପରେ ସହାୟତା କିମ୍ବା ପାଣ୍ଠି ପାଇଁ ନିର୍ଭର ନକରି ନିଜର ବ୍ୟବସାୟିକ ଅଭିବୃଦ୍ଧି କରିବେ ।

- ସରକାରୀ ଇକୁଇଟିର ଏଭଳି ରଣନୀତିକ ବିନିବେଶ ଦ୍ୱାରା ଯେଉଁ ସମ୍ପଦ ଆହରଣ କରାଯିବ ତାହା ସରକାରଙ୍କ ଆର୍ଥିକ ବିକାଶ କାର୍ଯ୍ୟକ୍ରମରେ ଉପଯୋଗ କରାଯିବ ଯଦ୍ୱାରା ଦେଶର ସମସ୍ତ ନାଗରିକ ଉପକୃତ ହୋଇପାରିବେ ।

ଏକ ସଙ୍ଗେ ଅନେକଙ୍କ ଶ୍ୱାସକ୍ରିୟାର ସୁରକ୍ଷା

କରୋନା ମହାମାରୀ ସମୟରେ ଅକ୍ସିଜେନ୍ ଏକ ମୂଲ୍ୟବାନ ସାମଗ୍ରୀରେ ପରିଣତ ହୋଇଛି । ଲୋକମାନେ ସ୍ୱାଭାବିକ ଭାବେ ନିଃଶ୍ୱାସ ନେବାପାଇଁ ଧଇଁସଇଁ ହୋଇପଡୁଛନ୍ତି । ଏଭଳି କଠିନ ସମୟରେ ଅନ୍ୟମାନଙ୍କ କଷ୍ଟରୁ କିଛି ଲୋକ ମୁନାଫା ଉଠାଇବାରେ ବ୍ୟସ୍ତ ରହିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ଶାହନୱାଜ, ଗୌରବ, ଦତ୍ତାତ୍ରେୟ ସାୱନ୍ତ, ଏନସିସି କ୍ୟାଡେଟ୍ ଦିବ୍ୟାଂଶୀ ଓ ଆହୁରି ଅନେକ କଲେଜ ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନେ କରୋନା ସଂକ୍ରମିତ ରୋଗୀ ଯେଉଁମାନଙ୍କର ଅକ୍ସିଜେନ୍ ଆବଶ୍ୟକ, ସେମାନଙ୍କୁ ମାଗଣାରେ ଅକ୍ସିଜେନ୍ ଯୋଗାଉଛନ୍ତି ଏବଂ ଅନ୍ୟମାନଙ୍କ ନିମନ୍ତେ ଅନୁକରଣୀୟ ଉଦାହରଣ ସୃଷ୍ଟି କରୁଛନ୍ତି...

ମୁମ୍ବାଇର 'ଅକ୍ସିଜେନ୍ ମ୍ୟାନ' ଶାହନୱାଜ ଶେଖ୍

ଶାହନୱାଜ ଶେଖ ମୁମ୍ବାଇର ମଲାଡ୍ ଅଞ୍ଚଳର ଜଣେ ବାସିନ୍ଦା । ଭାରତରେ କରୋନାର ଦ୍ୱିତୀୟ ଲହର ଚାଲିଥିବାବେଳେ ସେ ଲୋକମାନଙ୍କ ଜୀବନ ବଞ୍ଚାଇବା ନିମନ୍ତେ ଜଣେ ମସୀହା ପାଲଟିଛନ୍ତି। ଶେଖ୍ ତାଙ୍କର ଏସୟୁଭି କାରଟିକୁ ୨୨ ଲକ୍ଷ ଟଙ୍କାରେ ବିକି ଦେଇଛନ୍ତି ଯାହା ଫଳରେ ଏହି ଅର୍ଥକୁ ସେ ନିକଟବର୍ତ୍ତୀ ହସ୍ପିଟାଲକୁ ଏବଂ ଅକ୍ସିଜେନ୍ ଆବଶ୍ୟକ କରୁଥିବା କରୋନା ରୋଗୀମାନଙ୍କୁ ମାଗଣାରେ ଅକ୍ସିଜେନ୍ ଯୋଗାଇ ପାରିବେ । ନିଜର କାର ବିକ୍ରୀ ଅର୍ଥରେ ଶାହନୱାଜ ୧୬୦ଟି ଅକ୍ସିଜେନ୍ ସିଲିଣ୍ଡର କିଣିଥିଲେ ଯାହାକୁ ସେ ଗରିବ ଲୋକମାନଙ୍କ ପାଇଁ ଉପଯୋଗ କରୁଛନ୍ତି । ଏହି ଅକ୍ସିଜେନ୍ ସିଲିଣ୍ଡର ଦ୍ୱାରା ସେ ଏପର୍ଯ୍ୟନ୍ତ ପ୍ରାୟ ୪୦୦୦ ଲୋକଙ୍କୁ ସହାୟତା ଯୋଗାଇ ସାରିଛନ୍ତି । ଲୋକମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ନିମନ୍ତେ ଶେଖ୍ ମଧ୍ୟ ଗୋଟିଏ କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ଏହି କଣ୍ଟ୍ରୋଲ ରୁମରେ ତାଙ୍କ ଟିମ୍ ଅହୋରାତ୍ର କାର୍ଯ୍ୟ କରୁଛନ୍ତି। ସେମାନେ ଲୋକମାନଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା କରିଥାନ୍ତି ଏବଂ ଯେଉଁମାନଙ୍କର ଅକ୍ସିଜେନ୍ ଆବଶ୍ୟକ ସେମାନଙ୍କୁ ତୁରନ୍ତ ତାହା ଯୋଗାଇ ଦେଇଥାନ୍ତି । ଶାହନୱାଜ୍ ଶେଖ୍ଙ୍କ କଣ୍ଟ୍ରୋଲ ରୁମ୍ ପ୍ରତି ଦିନ ପ୍ରାୟ ୬୦୦ ପର୍ଯ୍ୟନ୍ତ କଲ୍ ପାଇଥାଏ ।

ଗୌରବ ରାୟ: କୋଭିଡ୍ ରୋଗୀମାନଙ୍କ ପାଇଁ ସାକ୍ଷାତ୍ ତ୍ରାଣକର୍ତ୍ତା

ପାଟନାର ଗୌରବ ରାୟ କରୋନା ମହାମାରୀ ବେଳେ ପ୍ରାୟ ୯୦୦ରୁ ଅଧିକ ଲୋକଙ୍କ ଜୀବନର ରକ୍ଷା କରିବାର ଅସମ୍ଭବ କାର୍ଯ୍ୟ ହାସଲ କରିପାରିଛନ୍ତି। କୋଭିଡ୍ ୧୯ ରୋଗୀମାନେ ଯେଉଁମାନେ କି ଟିକିଏ ନିଶ୍ୱାସ ନେବାପାଇଁ ଧଇଁସଇଁ ହୋଇପଡୁଥିଲେ ସେମାନଙ୍କ ସକାଶେ ଗୌରବ ଅକ୍ସିଜେନ୍ ସଂଗ୍ରହ କରିଥିଲେ । ଏଭଳି ସମୟରେ ଅକ୍ସିଜେନ୍ ସଂଗ୍ରହ କରିବା ବେଶ୍ କଷ୍ଟସାଧ୍ୟ କାର୍ଯ୍ୟ ଥିଲା । କିନ୍ତୁ ଅକ୍ସିଜେନ୍ ପାଇଁ ରୋଗୀ ଓ ସେମାନଙ୍କ ଆତ୍ମୀୟମାନେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ । ଏଭଳି ଅବସ୍ଥାରେ, ଗୌରବ ସେମାନଙ୍କ ସକାଶେ ତ୍ରାଣକର୍ତ୍ତା ପାଲଟିଥିଲେ । ଜୀବନ ରକ୍ଷା ସକାଶେ ଜୁଝୁଥିବା ରୋଗୀମାନଙ୍କ ଲାଗି ସେ ଅକ୍ସିଜେନ୍ ସଂଗ୍ରହ କରିଥିଲେ ଏବଂ ସେମାନଙ୍କୁ ତାହା ଦେଇ ରୋଗୀମାନଙ୍କୁ ପୁନର୍ଜୀବନ ପ୍ରଦାନ କରିଥିଲେ । ପରିଣାମତଃ, ଗୌରବ ରାୟ ନିଜେ ଗତବର୍ଷ ନିଜେ କରୋନା ଭୁତାଣୁ ଦ୍ୱାରା ଆକ୍ରାନ୍ତ ହୋଇପଡ଼ିଥିଲେ ଏବଂ ଏଥିପାଇଁ ସେ କଠିନ ସମସ୍ୟାର ସମୁଖୀନ ମଧ୍ୟ ହୋଇଥିଲେ । ତେଣୁ ଜଣେ କରୋନା ରୋଗୀ କେତେ କଷ୍ଟ ସହ୍ୟ କରେ ତାହା ତାଙ୍କୁ ଜଣା । ଏହି କଥାକୁ ହୃଦୟଙ୍ଗମ କରି ସେ ନିଜ ଛୋଟ କାରରେ ଅକ୍ସିଜେନ ସିଲିଣ୍ଡର ନେଇ ଡାକ୍ତରଖାନାରେ ରୋଗୀମାନଙ୍କ ପାଖରେ ପହଞ୍ଚାଇ ଚାଲିଛନ୍ତି । ପ୍ରତିଦିନ ସକାଳ ୫ଟା ବେଳୁ ଗୌରବଙ୍କର କାର୍ଯ୍ୟ ଆରମ୍ଭ ହୋଇଯାଏ ଏବଂ ପୁଣି ସବୁଦିନ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେ ରୋଗୀମାନଙ୍କୁ ଅକ୍ସିଜେନ୍ ଯୋଗାଇବା କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । ଏହି ସମୟରେ ସେ ବିଭିନ୍ନ ସ୍ଥାନରେ ଘରେ ସଙ୍ଗରୋଧରେ ଥିବା କରୋନା ରୋଗୀମାନଙ୍କ ନିକଟରେ ଅକ୍ସିଜେନ୍ ପହଞ୍ଚାଇଥାନ୍ତି । କିଛି ଲୋକ ଗୌରବଙ୍କ ପାଇଁ ନିଜେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଡ଼ କରିଦେଇଥାନ୍ତି । ଗୌରବ ନିଃସ୍ୱାର୍ଥପର ଭାବେ ତାଙ୍କର ସେବା କାର୍ଯ୍ୟ କରିଚାଲିଛନ୍ତି ଏବଂ କୌଣସି ଜଣେ ରୋଗୀଙ୍କ ଠାରୁ ଏପର୍ଯ୍ୟନ୍ତ ଟଙ୍କାଟିଏ ସୁଦ୍ଧା ଗ୍ରହଣ କରିନାହାନ୍ତି ।

ଜର୍ଜ ଫର୍ଣ୍ଣାଣ୍ଡେଜ୍ ଶ୍ରମିକଙ୍କ ତ୍ରାଣକର୍ତ୍ତା

ଜର୍ଜ ଫର୍ଣ୍ଣାଣ୍ଡେଜଙ୍କର ଜୀବନ ସାଧାରଣ ନୁହେଁ । ତାଙ୍କୁ ଯେତେବେଳେ ୧୬ ବର୍ଷ ହୋଇଥିଲା ସେତେବେଳେ ତାଙ୍କୁ ଧର୍ମଦୀକ୍ଷା ନେବା ଲାଗି ଗୋଟିଏ ଚର୍ଚ୍ଚକୁ ନିଆଯାଇଥିଲା କିନ୍ତୁ ଖୁବ୍ ଶୀଘ୍ର ସେଥିପ୍ରତି ସେ ବିମୁଖ ହୋଇପଡ଼ିଥିଲେ ଏବଂ ଏହା ପରେ ସେ ଛୋଟମୋଟ ଚାକିରି କରିବା ଆରମ୍ଭ କରିଥିଲେ । ଜଣେ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଅବସ୍ଥାରୁ ସେ ଜଣେ ଅଗ୍ନିବର୍ଷୀ ଶ୍ରମିକ ସଂଗଠନ ନେତା ଭାବେ ନିଜକୁ ସୁପ୍ରତିଷ୍ଠିତ କରିପାରିଥିଲେ । ଜରୁରି ପରିସ୍ଥିତିକୁ ବିରୋଧ କରୁଥିବା ଦେଶର ଜଣେ ଛାମୁଆ ନେତା ଭାବେ ସେ ପରେ ନଅ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ଏବଂ ସେଥିରୁ ତିନି ତିନି ଥର କେନ୍ଦ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ସଂପାଦନ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଥିବାବେଳେ ସେ ନିଜ ବଙ୍ଗଳାର ଗୋଟିଏ ଫାଟକକୁ ହଟାଇ ଦେଇଥିଲେ ଯାହାର ଉଦ୍ଦେଶ୍ୟ ଥିଲା ଏହାଯେ ସାଧାରଣ ଲୋକ ତାଙ୍କ ନିକଟରେ ପହଞ୍ଚିବାରେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ।

ଜନ୍ମ: ଜୁନ ୩, ୧୯୩୦ ତିରୋଧାନ: ଜାନୁଆରୀ ୨୯,୨୦୧୯

୧୯୩୦ ମସିହା ଜୁନ ୩ ତାରିଖ ଦିନ କର୍ଣ୍ଣାଟକର ମାଙ୍ଗାଲୋର ସହରରେ ଏକ କ୍ୟାଥୋଲିକ୍ ପରିବାରରେ ପ୍ରଥମ ସନ୍ତାନ ରୂପେ ଜର୍ଜ ଫର୍ଣ୍ଣାଣ୍ଡେଜ୍ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ପରିବାରର ଲୋକେ ଅତି ସ୍ନେହରେ ଜାରି ବୋଲି ସମ୍ବୋଧନ କରୁଥିଲେ । ବ୍ରିଟିଶ୍ ସମ୍ରାଟ ପଞ୍ଚମ ଜର୍ଜଙ୍କ ନାମାନୁସାରେ ତାଙ୍କ ମାତା ତାଙ୍କ ନାମ ଜର୍ଜ ବୋଲି ରଖିଥିଲେ । ପ୍ରାଥମିକ ଶିକ୍ଷାଲାଭ ପରେ ତାଙ୍କୁ ବେଙ୍ଗାଲୁରୁ ପଠାଯାଇଥିଲା ଏବଂ ପରିବାରର ସଭିଏଁ ତାଙ୍କୁ ଜଣେ ଧର୍ମଯାଜକ ହେବାପାଇଁ ଚାହୁଁଥିଲେ ଏବଂ ତଦନୁସାରେ ୧୬ ବର୍ଷ ବୟସରେ ପାରିବାରିକ ପରମ୍ପରା ଅନୁସାରେ ତାଙ୍କର ଦୀକ୍ଷାଗ୍ରହଣ କରାଯାଇଥିଲା । କିନ୍ତୁ ଜର୍ଜ ଚର୍ଚ୍ଚରୁ ପଳାଇଆସି ମୁମ୍ବାଇ ଚାଲିଯାଇଥିଲେ ଏବଂ ସେଠାରେ ନିଜ ପେଟ ପୋଷିବା ସକାଶେ ଛୋଟମୋଟ କାମ କରିବା ଆରମ୍ଭ କରିଥିଲେ।

ସେତେବେଳେ ସେଠାରେ ଚାଲିଥିବା ଶ୍ରମିକ ସଂଗଠନମାନଙ୍କ ଆନ୍ଦୋଳନରେ ପ୍ରଭାବିତ ହୋଇ ଫର୍ଣ୍ଣାଣ୍ଡେଜ୍ ଅନୁରୂପ ଜୀବନଶୈଳୀ ଗ୍ରହଣ କରିଥିଲେ ଏବଂ ନିଜକୁ ଜଣେ ବିପ୍ଳବୀ ବୋଲି ଭାବି ଶ୍ରମିକ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ । ତେବେ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ସହିତ ସାକ୍ଷାତ ହେବାପରେ ସେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ମୁମ୍ବାଇ ଦକ୍ଷିଣ ଲୋକସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ତୁଙ୍ଗ ନେତା ଏସ କେ ପାଟିଲଙ୍କ ବିରୋଧରେ ନିର୍ବାଚନ ଲଢ଼ିଥିଲେ। ସେତେବେଳେ ସେ ୟୁନାଇଟେଡ୍ ସୋସାଲିଷ୍ଟ ପାର୍ଟି ଟିକେଟରେ ଏହି ନିର୍ବାଚନ ଲଢ଼ିଥିଲେ । ଆଶ୍ଚର୍ଯ୍ୟର କଥା ଏହି ନିର୍ବାଚନରେ ସେ ବିଜୟୀ ହୋଇଥିଲେ ଏବଂ ତାଙ୍କୁ ସମସ୍ତେ 'ଦି ଜାଏଣ୍ଟ କିଲର' ଭାବେ ବିବେଚନା କଲେ। କାରଣ ଏହି ପରାଜୟ ପରେ ଏସ କେ ପାଟିଲ ରାଜନୀତିରୁ ସମ୍ପୂର୍ଣ୍ଣ ରୂପେ ସନ୍ନ୍ୟାସ ନେଇଥିଲେ । ୧୯୭୩ ମସିହାରେ ଫର୍ଣ୍ଣାଣ୍ଡେଜ୍ ସର୍ବ ଭାରତୀୟ ରେଳବାଇ ମେନ୍ସ ସହାସଂଘର ଅଧକ୍ଷ ନିର୍ବାଚିତ ହେଇଥିଲେ । ସେତେବେଳେ ରେଳବାଇରେ ସାରା ଭାରତରେ ୧୪ ଲକ୍ଷ କର୍ମଚାରୀ ଥିଲେ ଯେଉଁମାନଙ୍କୁ ଖୁବ୍ କମ୍ ବେତନରେ ଚାକିରି କରିବାକୁ ପଡୁଥିଲା । ତେଣୁ ରେଳ କର୍ମଚାରୀମାନଙ୍କ ବେତନ ବୃଦ୍ଧି ଦାବି କରି ୧୯୭୪ ମସିହାରେ ସେ ସାରା ଭାରତରେ ଧର୍ମଘଟ ଡାକରା ଦେଲେ । ପ୍ରଥମ ଥର ପାଇଁ ଦେଶରେ ରେଳସେବା ସଂପୂର୍ଣ୍ଣ ରୂପେ ଠପ୍ ହୋଇଯାଇଥିଲା । ସରକାର ପ୍ରାୟ ୩୦,୦୦୦ କର୍ମଚାରୀଙ୍କୁ ଗିରଫ କରି ଜେଲ୍‌ରେ ଭରିଥିଲେ ।

ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରମତୀ ଇନ୍ଦିରା ଗାନ୍ଧୀ ଯେତେବେଳେ ଦେଶରେ ଜରୁରି ପରସ୍ଥିତି ଘୋଷଣା କଲେ, ଫର୍ଣ୍ଣାଣ୍ଡେଜ୍ ଦୀର୍ଘ ୨୨ ମାସ କାଳ ଗିରଫଦାରୀକୁ ଏଡ଼ାଇବା ସକାଶେ ବିଭିନ୍ନ ସ୍ଥାନ ଲୁଚି ବୁଲିଲେ । ସେତେବେଳେ ସେ ଜଣେ କର୍ମଚାରୀ ଭାବେ ଶିଖ୍ ଛଦ୍ମବେଶ ଧାରଣ କରିଥିଲେ । ଇନ୍ଦିରା ଗାନ୍ଧୀ ଅଧିକାଂଶ ସମୟରେ ଦେଶରେ ଜରୁରି ପରିସ୍ଥିତି ଘୋଷଣା ପଛରେ ରେଳବାଇ ଧର୍ମଘଟକୁ ପ୍ରମୁଖ କାରଣ ବୋଲି ଦର୍ଶାଉଥିଲେ । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ସମୟରେ ଜରୁରି ପରିସ୍ଥିତିକୁ ବିରୋଧ କରିବା ସକାଶେ ଗଠିତ ଲୋକ ସଂଘର୍ଷ ସମିତିର ସାଧାରଣ ସମ୍ପାଦନ ଥିଲେ। ଜରୁରିକାଳୀନ ପରିସ୍ଥିତି ବେଳେ ସେ ମଧ୍ୟ ଆତ୍ମଗୋପନ କରି ଘୂରି ବୁଲୁଥିବା ଫର୍ଣ୍ଣାଣ୍ଡେଜ୍‌ଙ୍କ ନିରାପତ୍ତା ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ଦେଶରୁ ଜରୁରି ପରିସ୍ଥିତି ଉଠିବା ପରେ ଗଠିତ ମୋରାରଜୀ ଦେଶାଇ ସରକାରରେ ଜର୍ଜ ଫର୍ଣ୍ଣାଣ୍ଡେଜ୍‌ଙ୍କୁ ଶିଳ୍ପ ମନ୍ତ୍ରୀ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଜଣେ କେନ୍ଦ୍ର ମନ୍ତ୍ରୀ ଭାବେ କୋକ୍ ତଥା ଆଇବିଏମ କମ୍ପାନୀକୁ ଭାରତରୁ ବିତାଡ଼ିତ କରିବା ନିମନ୍ତେ ସେ ନିଷ୍ପତ୍ତି ଗ୍ରହଣ କରିଥିଲେ । କାରଣ ସେମାନେ ସେତେବେଳେ ଦେଶରେ ପ୍ରଚଳିତ ବୈଦେଶିକ ମୁଦ୍ରା ବିନିମୟ ନିୟନ୍ତ୍ରଣ ଆଇନ (ଫେରା)ର ସର୍ତ୍ତାବଳୀକୁ ମାନିବାକୁ ପ୍ରସ୍ତୁତ ନଥିଲେ । ସେହିଭଳି ୧୯୮୯ ଠାରୁ ୧୯୯୦ ପର୍ଯ୍ୟନ୍ତ ସେ ରେଳମନ୍ତ୍ରୀ ଥିବାବେଳେ ହିଁ କୋଙ୍କଣ ରେଳବାଇ ପ୍ରକଳ୍ପ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିଥିଲେ । ୧୯୯୫ ମସିହାରେ ଏହି ମହାନ ସମାଜବାଦୀ ନେତା ଅଟଳ ବିହାରୀ ବାଜପେୟୀଙ୍କ ଅତି ଘନିଷ୍ଠ ହୋଇପାରିଥିଲେ । ଦେଶର ପ୍ରଥମ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସେ ସିଆଚେନ୍ କ୍ଷେତ୍ରକୁ ୧୮ ଥରରୁ ଅଧିକବାର ଗସ୍ତ କରିଥିଲେ । ସେହିଭଳି ବାଜପେୟୀ ମନ୍ତ୍ରିମଣ୍ଡଳର ପ୍ରତିରକ୍ଷା ମନ୍ତ୍ରୀ ଭାବେ ପୋଖରାନ ଠାରେ ଭାରତର ଦ୍ୱିତୀୟ ଆଣବିକ ପରୀକ୍ଷଣ ସଂଘଟିତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୯୯ ମସିହାରେ ଜର୍ଜ ଫର୍ଣ୍ଣାଣ୍ଡେଜ୍ ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ ଭାରତ କାର୍ଗିଲ ଯୁଦ୍ଧରେ ଶତ୍ରୁପକ୍ଷ ଉପରେ ନିର୍ଣ୍ଣାୟକ ବିଜୟ ହାସଲ କରିଥିଲା । ୨୦୦୩ ମସିହାରେ ଦେଶର ବାୟୁସେନାରେ ଥିବା ମିଗ୍- ୨୧ ବିମାନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଥିଲା ଏବଂ ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କ ଉପରେ ସମାଲୋଚନା ଆକ୍ରମଣ ଆରମ୍ଭ କରିଦେଇଥିଲେ । ଯେତେବେଳେ ମିଗ୍- ୨୧ ଲଢୁଆ ବିମାନକୁ 'ଉଡ଼ନ୍ତା କଫିନ' ବୋଲି ବିରୋଧୀ ଦଳମାନଙ୍କ ପକ୍ଷରୁ ଆଖ୍ୟା ଦିଆଗଲା, ଅମ୍ବାଲା ବାୟୁସେନା ଆଡ୍ଡାଠାରୁ ଜର୍ଜ ଫର୍ଣ୍ଣାଣ୍ଡେଜ୍ ଏହି ବିମାନରେ ବସି ପ୍ରାୟ ୨୫ ମିନିଟ କାଳ ଆକାଶରେ ଉଡ଼ିଥିଲେ । ୨୦୦୪ ମସିହାରେ, ଜର୍ଜ ଫର୍ଣ୍ଣାଣ୍ଡେଜ୍ ଶେଷ ଥର ପାଇଁ ରାଜ୍ୟସଭାକୁ ବିନା ନିର୍ବିରୋଧ ଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ, ଅସୁସ୍ଥତା ତାଙ୍କୁ ଜନଜୀବନ ଠାରୁ ଦୂରେଇ ଦେଇଥିଲା । ୨୦୧୯ ମସିହା ଜାନୁଆରୀ ୨୯ ତାରିଖ ଦିନ ଏହି ମହାନ ନେତାଙ୍କ ଦେହାନ୍ତ ଘଟିଥିଲା । ●

ତିସ୍ ହଜାରୀ କୋର୍ଟରେ ହାଜର ହେବା ପୂର୍ବରୁ ଜର୍ଜ ଫର୍ଣ୍ଣାଣ୍ଡେଜଙ୍କର ଏହି ଫଟୋଟିକୁ ଜରୁରି ପରିସ୍ଥିତି ବିରୋଧରେ ପ୍ରତିବାଦର ଏକ ସାଂକେତିକ ଫଟୋ ଭାବେ ବହୁଳ ଭାବେ ବିବେଚନା କରାଯାଇଥାଏ । ୧୯୭୭ ମସିହାର ସାଧାରଣ ନିର୍ବାଚନରେ, ଏହି ଫଟୋଚିତ୍ରଟି ବିହାରର ମୁଜାଫରପୁର ସଂସଦୀୟ ନିର୍ବାଚନ ମଣ୍ଡଳୀର ମତଦାତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ସେହି ନିର୍ବାଚନରେ ସେ ଦିଲ୍ଲୀର ତିହାର ଜେଲରେ ବନ୍ଦୀ ଥାଇ ସୁଦ୍ଧା ମୁଜାଫରପୁର ନିର୍ବାଚନ କ୍ଷେତ୍ରରୁ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

PMO India @PMOIndia ·
100 साल बाद आई इतनी भीषण महामारी कदम-कदम पर दुनिया की परीक्षा ले रही है। हमारे सामने एक अदृश्य दुश्मन है। हम अपने बहुत से करीबियों को खो चुके हैं।

बीते कुछ समय से जो कष्ट देशवासियो ने सहा है,अनेको लोग जिस दर्द से गुजरे है, तकलीफ से गुजरे है वो मैं भी उतना ही महसूस कर रहा हूं: PM

Rajnath Singh @rajnathsingh ·
उ. प्र. सरकार और @DRDO_India ने मिलकर लखनऊ में बहुत कम समय में 'अटल बिहारी वाजपेयी कोविड हॉस्पिटल' तैयार किया है। सेना के चिकित्सकों की देखरेख में चल रहे इस हॉस्पिटल में कोविड के मरीज़ों का उपचार पिछले सप्ताह से ही चल रहा है। आज वहाँ जाकर मौजूदा स्थिति की जानकारी प्राप्त की।

Amit Shah @AmitShah ·
मोदी सरकार ने नागरिकों के जीवन की सुरक्षा के लिए बहुआयामी दृष्टिकोण अपनाया और राज्यों को हर सम्भव मदद दी। जब केंद्र कोविड को नियंत्रित करने के ठोस प्रयास कर रहा था, तब विपक्षी नेता राजनीति जारी रखे हुए थे।
श्री @PrakashJavdekar जी का लेख जरूर पढ़ें।

दूसरी लहर : असली तस्वीर और गलत धारणाएं...प्रकाश जावड़ेकर का नजरिया
https://www.amarujala.com/columns/opinion/corona-second-wave-real-picture-and-misconceptions-prakash-javadekar-s-view

Nitin Gadkari @nitin_g...
Govt. of India has announced setting up of additional Pressure Swing Adsorption (PSA) medical oxygen plants in various states. Around 581 such sites has been identified.
NHAI under Ministry of Road Transport & Highways will be the nodal agency for executing civil and electrical work for these plants and will complete them on war footing.

Sadananda Gowda @...
Availability of other essentials drugs is also being closely monitored. DCGI is undertaking a survey in the market regarding their availability. At present, there is adequate availability of medicines in the market.

Dr. S. Jaishankar @DrSJaish...
Foreign friendships matter. Every life counts; and every gesture makes a difference.

19 hospitals across India see that through their new oxygen generating plants.

A global challenge meets a global response.

43 countries assure aid to help battle the pandemic in India

Saubhadra Chatterji
letters@hindustantimes.com

NEW DELHI: More foreign aid to help India combat the raging second wave of the Covid-19 is in the pipeline, with 43 countries having committed to help the country , government officials said.

New Delhi has already received 87 consignments from 28 countries including the US, UK, Singapore, Netherlands, UAE, Bahrain and Qatar in the last 15 days since April 27. Government officials said that 64 of these have come through the government-to-government channel while the remaining 23 have arrived from private agencies or individuals.

The government has set up three dedicated channels for Covid-related aid: for countries; private donors; and those who

NEW DELHI HAS ALREADY RECEIVED 87 CONSIGNMENTS FROM 28 NATIONS

many cities. These concentrators have been distributed to 11 AIIMSs across India, nine states and union territories and other institutions such as DRDO and the Army Base hospital in Delhi.

India also received 19 oxygen generating plants from countries such as the UK, Israel, the US, Germany, Italy and Ireland. These plants have (or are being) been installed at both public institutions such as ESIC hospitals in Faridabad and Okhla, and also private hospitals including Apollo hospital and BL Kapur hospital in Delhi. States such as Rajasthan, UP and Assam too,

PROCURING SUFFICIENT DOSES

Later rather than sooner: Govt unveils roadmap for supply of Covid vaccines

In touch with Pfizer, Moderna and J&J, but they will talk in third quarter; will still have over 2 bn shots by Dec: Govt

KAUNAIN SHERIFF M
NEW DELHI, MAY 13

AMID A crippling shortage of vaccines across the country, the Centre has for the first time said that it has been in talks with three global manufacturers — Pfizer, Moderna, and Johnson & Johnson — to supply to India.

However, the government said on Thursday, the three pharma giants have communicated that they would be able to open discussions only in "Q3, 2021".

Even so, over 2 billion doses of Covid-19 vaccines could become available for India between August and December this year, according to estimates given by vaccine manufacturers, the government said.

"We have contacted CONTINUED ON PAGE 2

SHOTS ON WAY, ON PAPER
AUGUST-DECEMBER (In crore doses)

VACCINES	DOSES	STATUS
Covishield	75	11 cr doses in May-July

Modi to release ₹19K crore under kisan scheme

NEW DELHI, MAY 13

Prime Minister Narendra Modi will release the 8th instalment of financial benefit under the Pradhan Mantri Kisan Samman Nidhi (PM-KISAN) scheme on May 14 at 11 am via video-conferencing.

This will enable the transfer of more than Rs 19,000 crore to more than 9.5 crore farmer families. Under the scheme, a financial benefit of Rs 6,000 per year is provided to eligible beneficiary farmer families. — TNS

PM stresses localised containment, testing

Include door-to-door testing, report data accurately, help rural India with O2: Modi

HT Correspondent
letters@hindustantimes.com

NEW DELHI: Prime Minister Narendra Modi on Saturday chaired a high-level meeting to review the Covid-19 situation in the country, directing government officials to make a distribution plan for oxygen supply to rural areas and scale up health infrastructure to manage the disease burden in those regions.

The Prime Minister asked officials to focus on testing, including door-to-door testing and assist health care workers in rural areas, the Prime Minister's Office said in a statement

PM Modi to interact with DMs of 100 high Covid caseload districts

NEW DELHI: Prime Minister Narendra Modi will interact with district magistrates of 100 districts with high caseloads of COVID-19 infections in two meetings on May 18 and 20, government sources said on Thursday.

While DMs of 46 districts from nine states will be part of the first meeting, those from 54 districts from 10 states will



RNI No. :
DELODI/2020/78831
June: 1-15, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 26-30 advance Fortnightly, (Publishing Date June 17, 2021, Pages-40)

ଏକଜୁଟ ହୋଇ କରୋନା ମୁକାବିଲା

ଭାରତରେ ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ

କରୋନା ବିରୋଧୀ ଲଢ଼େଇରେ ଜିତିବା...

ସଫାଇ ଭି


ଦୂରାଇ ଭି

କଡ଼ାଇ ଭି

ଅଧିକ ସୂଚନା ପାଇଁ ଦେଖନ୍ତୁ - **www.mohfw.gov.in**

Odia Issue 23

କରୋନା ଟିକାକରଣ ପାଇଁ www.cowin.gov.in କିମ୍ବା ଆରୋଗ୍ୟ ସେତୁ ଆପରେ ପଞ୍ଜୀକରଣ କରନ୍ତୁ

Editor:
Jaideep Bhatnagar,
Principal Director General,
PIB, New Delhi

Published & Printed by:
Satyendra Prakash,
Principal Director General,
BOC on behalf of Bureau of Outreach and Communication

Published from Bureau of Outreach and Communication, 2nd Floor, Soochna Bhawan, New Delhi - 110003

Printed at Infinity Advertising services Pvt. Ltd.
FBD-One Corporate Park, 10th Floor,
New Delhi-Faridabad border,
NH-1, Faridabad-121003 (Haryana)